

ଆଇସିୟୁରେ ଆଡଭାନୀ

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପବିତ୍ର ମହାଅଷ୍ଟମୀ ଉପଲକ୍ଷେ
ସମସ୍ତ ପାଠକ ପାଠିକା ଓ ବିତରକ,
ବିଜ୍ଞାପନଦାତାଙ୍କୁ 'ସଂଚାର'
ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ

Vol. 34 | ISSUE 207 ଭାଗ ୩୪ | ସଂଖ୍ୟା ୨୦୭ | Sunday 18 October 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୧୮ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ବ୍ରାଣ୍ଡରେ ବିଶ୍ୱାସ, ଥାଳିରେ ବିଷ!

- ବିସ୍କୁଟରେ ଚୋକଡ଼, କ୍ଷୀରରେ ମିଶୁଛି ଡିଟରଜେଣ୍ଟ
- ଖାଦ୍ୟର ଶୁଦ୍ଧତାକୁ ନେଇ ଉଠିଲା ବଡ଼ ପ୍ରଶ୍ନ
- ତିନି କମ୍ପାନୀ, ତିନି ପ୍ରକାର ଅଭିଯୋଗ
- ବ୍ୟାବସାୟିକ ଲାଭ ପାଇଁ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳ

ନୂଆଦିଲ୍ଲୀ,୧୭।୧୦ (ସଂଚାର ବ୍ୟୁରୋ): ସକାଳର ଜଳଖିଆରେ ବିସ୍କୁଟ, ପିଲାଙ୍କ ଗ୍ଲାସ୍‌ରେ କ୍ଷୀର, ଆଉ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ମୁଠାଏ କିସମିସ୍। ଅଧିକାଂଶ ଘରେ ଏହି ସାମଗ୍ରୀଗୁଡ଼ିକୁ ନିରାପଦ ଓ ପୁଷ୍ଟିକର ଖାଦ୍ୟ ବୋଲି ଧରିନିଆଯାଏ। କିନ୍ତୁ ଯଦି ଏହି ବିସ୍କୁଟରେ ଅନୁପଯୁକ୍ତ ଉପାଦାନ, କ୍ଷୀରରେ ରାସାୟନିକ ପଦାର୍ଥ ଓ ଜୈବିକ କିସମିସ୍‌ରେ ଅଧିକ ପରିମାଣର କୀଟନାଶକ ଥିବା ଅଭିଯୋଗ ଆସେ, ତେବେ ଖାଦ୍ୟର ସୁରକ୍ଷାକୁ ନେଇ ଚିନ୍ତା ବଢ଼ିବା ସ୍ୱାଭାବିକ। ପ୍ରିୟା ଗୋଲ୍ଡ ବିସ୍କୁଟର ନିର୍ମାତା ସୂର୍ଯ୍ୟ ଫୁଡ୍ ଆଣ୍ଡ ଏଗ୍ରୋ, ଡୋଡଲା ଡାଏରୀ ଓ ୟୁଇଆଇଆର୍ ଅର୍ଗାନିକ ଫୁଡ୍ସ ବିରୋଧରେ ଖାଦ୍ୟ ସୁରକ୍ଷା ସମ୍ପର୍କିତ ଅଭିଯୋଗ ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ଖବର ଏବେ ଏହି ପ୍ରସଙ୍ଗକୁ ପୁଣି ଚର୍ଚ୍ଚାକୁ ଆଣିଛି। ପ୍ରିୟାଗୋଲ୍ଡ ବିସ୍କୁଟ ନିର୍ମାତା ସୂର୍ଯ୍ୟ ଫୁଡ୍ ଆଣ୍ଡ ଏଗ୍ରୋର ଉତ୍ପାଦନ କେନ୍ଦ୍ରରେ ଏଫଏସଏସଏଆଇ (ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥୋରିଟି ଅଫ ଇଣ୍ଡିଆ)ର ଯାଞ୍ଚ ସମୟରେ ଜଣାପଡ଼ିଥିଲା ଯେ, ବିସ୍କୁଟରେ ଫାଇବର୍‌ର ମାତ୍ରା ବଢ଼ାଇ ଦେଖାଇବା ପାଇଁ ପଶୁଖାଦ୍ୟ ଭାବେ ବ୍ୟବହୃତ ଚୋକଡ଼ ମିଶାଯାଇଥିବା ଅଭିଯୋଗ ହୋଇଛି। କାରଖାନାର ପରିମଳ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିବା କୁହାଯାଇଛି। ଏହା ପରେ ଲାଇସେନ୍ସ ସମ୍ପର୍କିତ ପଦକ୍ଷେପ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି।

ସେହିଭଳି ଡୋଡଲା ଡାଏରୀର 'ଫୁଲ୍ କ୍ରିମ୍ କ୍ଷୀର'ର ନମୁନା ଯାଞ୍ଚରୁ ଚମକାଇବା ଭଳି ତଥ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏଥିରେ ଫ୍ୟାଟ୍ କମ୍ ଥିବା ଜଣାପଡ଼ିଥିଲା। କିନ୍ତୁ କମ୍ପାନୀର ଆପତ୍ତି ପରେ ଯେତେବେଳେ 'ରେଫରାଲ୍ ଫୁଡ୍ ଲାବୋରେଟୋରୀ'ରେ ପୁନଃ ଯାଞ୍ଚ ହେଲା। ସେଥିରୁ ଜଣାପଡ଼ିଛି ଯେ, କ୍ଷୀରରେ ଡିଟରଜେଣ୍ଟ (ସାବୁନ ଗୁଣ୍ଡ) ଏବଂ କଷ୍ଟିକ ସୋଡା ମିଶାଯାଇଛି। ଏହା ମଣିଷ ପାଇଁ ବିଷ ସଦୃଶ। ଏଥିପାଇଁ କମ୍ପାନୀର ମାର୍କେଟିଂ ଓ ମାନୁଫାକଚରିଂ ଅଧିକାରୀଙ୍କ ବିରୋଧରେ କଡ଼ା ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ, ୟୁଇଆଇଆର ଅର୍ଗାନିକ ଫୁଡ୍ସର ହଳଦିଆ କିସମିସ୍‌ରେ ଅନୁମତିପ୍ରାପ୍ତ ସୀମାଠାରୁ ଅଧିକ କୀଟନାଶକ ଅବଶେଷ ଥିବା ଅଭିଯୋଗ ଉଠିଛି। ଅର୍ଗାନିକ ନାଁରେ ଏଭଳି ପ୍ରତାରଣା କରିଥିବାରୁ ଏଫଏସଏସଏଏଆଇ ଏହି ସଂସ୍ଥା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

ଭାରତରେ ଖାଦ୍ୟ ସୁରକ୍ଷା ନିୟନ୍ତ୍ରଣ ପାଇଁ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆ ଏବଂ ରାଜ୍ୟର ଖାଦ୍ୟ ସୁରକ୍ଷା ଅଧିକାରୀମାନେ ନମୁନା ସଂଗ୍ରହ, ପରୀକ୍ଷା, ଲାଇସେନ୍ସ ଯାଞ୍ଚ ଓ ପୃଷ୍ଠା-୬

ସପ୍ତମୀ ପୂଜାରେ ଅଘଟଣ

ପୂଜାମଣ୍ଡପରେ ଦଳାଚକଟା
୧୭ ମୃତ, ୩୫ ଆହତ



କୋଲକାତା, ୧୭।୧୦: ଉତ୍ତର କୋଲକାତାର ତୋରବାଗାନସ୍ଥିତ ସାରଦା ପାର୍କ ଦୁର୍ଗାପୂଜା ପେଣ୍ଡାଲରେ ଶନିବାର ସନ୍ଧ୍ୟାରେ ଦଳାଚକଟା ଘଟି ୧୭ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ୩୫ ଜଣ ଶ୍ରଦ୍ଧାଳୁ ଆହତ ହୋଇଛି। ସପ୍ତମୀ ପୂଜା ଲାଗି ପ୍ରବଳ ଲୋକଗହଳି ହୋଇଥିବା ବେଳେ ପୂଜାମଣ୍ଡପର ଏକ୍‌ଜିଟ୍ (ପ୍ରସ୍ଥାନ) ଗେଟ୍‌ରେ ଏଭଳି ଅଘଟଣ ଘଟିଛି। ପୁଲିସ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଆଜି ସପ୍ତମୀ ପୂଜା ଲାଗି ସାରଦା ପାର୍କ ପୂଜା ମଣ୍ଡପରେ ପ୍ରବଳ ଲୋକ ଗହଳି ହୋଇଥିଲା। ହଠାତ୍ ବର୍ଷା ହେବାରୁ ଭିତରକୁ ଯିବା ଲାଗି ବାହାରେ ଅପେକ୍ଷା କରିଥିବା ଲୋକମାନଙ୍କ ମଧ୍ୟରେ ପୂଜା ମଣ୍ଡପକୁ ପଶିବା ଲାଗି ଦୌଡ଼ ପ୍ରତିଯୋଗିତା ଆରମ୍ଭ ପୃଷ୍ଠା-୬

ଇ-ସେବାରୁ ଶିଶୁଙ୍କୁ ବଞ୍ଚିତ କରିବା ଅସଙ୍ଗତ

- ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ
- ଚାଇଲ୍ଡ ମୋଡ୍ ଓ କଡ଼ା ପ୍ରାଇଭେସି ଲାଗୁ ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୧୦: ସମ୍ବିଧାନର ଧାରା ୨୧ ଏବଂ ୧୯(୧)(ଏ) ଅନୁଯାୟୀ ଇଣ୍ଟରନେଟ୍ ବ୍ୟବହାର ଓ ଏହାର ସେବା ପାଇବା ପ୍ରତ୍ୟେକ ନାଗରିକଙ୍କ ସମେତ ଶିଶୁମାନଙ୍କର ମଧ୍ୟ ଏକ ସାମ୍ବିଧାନିକ ମୌଳିକ ଅଧିକାର ବୋଲି ସୁପ୍ରିମ୍‌କୋର୍ଟ ଏକ ଐତିହାସିକ ରାୟରେ ସ୍ପଷ୍ଟ କରିଛନ୍ତି। ଶିଶୁମାନଙ୍କ ପାଇଁ ବୟସ ଆଧାରରେ ଇଣ୍ଟରନେଟ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ପ୍ରସ୍ତାବକୁ ସର୍ବୋଚ୍ଚ ଅଦାଲତ ପ୍ରତ୍ୟାଖ୍ୟାନ କରିଛନ୍ତି। ବିଚାରପତି ଜେବି ପାର୍ଦ୍ଦିୱାଲା ଓ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଶିଶୁମାନଙ୍କୁ ଏହି ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ପୃଷ୍ଠା-୬

୬ ଘଣ୍ଟା ମଧ୍ୟରେ ହିମାଚଳ ଓ ପାକିସ୍ତାନରେ ଭୂକମ୍ପ

ଶିମଲା/ଇସଲାମାବାଦ, ୧୭।୧୦: ଶନିବାର ବଡ଼ି ଭୋରୁ ପ୍ରଥମେ ଭାରତର ହିମାଚଳ ପ୍ରଦେଶ ଓ ଏହାର ମାତ୍ର ୬ ଘଣ୍ଟା ପରେ ପଡ଼ୋଶୀ ପାକିସ୍ତାନରେ ଜୋରଦାର ଭୂମିକମ୍ପ ଅନୁଭୂତ ହୋଇଛି। ଭୋର ୪ଟା ୩୬ ମିନିଟ୍‌ରେ ହିମାଚଳ ପ୍ରଦେଶର ଶିମଲାଠାରେ ୪.୧ ତୀବ୍ରତାର କମ୍ପନ ରେକର୍ଡ କରାଯାଇଥିଲା। ଏହାର କେନ୍ଦ୍ରସ୍ଥଳ ଭୂମିର ୧୦ କିଲୋମିଟର ଗଭୀରରେ ଥିଲା। ହଠାତ୍ କମ୍ପନ ଯୋଗୁଁ ଶୋଇଥିବା ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ଖୋଲା ସ୍ଥାନକୁ ଦୌଡ଼ି ପଳାଇ ଆସିଥିଲେ। ଗତ ସୋମବାର ପୃଷ୍ଠା-୬

ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ଆରବିଆଇର ନୂଆ ଡାଟା ସେଣ୍ଟର ଉଦ୍‌ଘାଟନ କରିବେ ମୋଦି
- ରାଇରଙ୍ଗପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ମହାମହିମ

ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୮ ଓ ୨୯ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା ନିକଟସ୍ଥ ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥାର ଶୁଭ ଉଦ୍‌ଘାଟନ କରିବେ। ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସଞ୍ଜିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କର ପଦାଧିକାରୀ, ସମ୍ପୃକ୍ତ ବିଭିନ୍ନ ସଂସ୍ଥାର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ବୈଠକରେ ଉପସ୍ଥିତ ଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲ୍ଲାପାଳ, ମୟୂରଭଞ୍ଜ ଓ ଏସ୍‌ପି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଗୃହ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ।

ସୂଚନାନୁସାରେ, ପ୍ରଧାନମନ୍ତ୍ରୀ ଆସନ୍ତା ୨୫ ଅପରାହ୍ନରେ ସ୍ୱତନ୍ତ୍ର ବାୟୁସେନା ପୃଷ୍ଠା-୬

ସାକ୍ଷୀ' ହେବେନି ସରକାରୀ କର୍ମଚାରୀ

- କୋର୍ଟରେ ବ୍ୟକ୍ତିଗତ ହାଜିରାରୁ ମିଳିବ ମୁକ୍ତି
- ଜିଏ ବିଭାଗ ପକ୍ଷରୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଚିଠି

ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ଭିଜିଲାନ୍ସ ମାମଲାରେ ଦାଖଲ ହେଉଥିବା ଚାର୍ଜସିଟରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ନାଁକୁ 'ସାକ୍ଷୀ' ତାଲିକାରୁ ବାଦ୍ ଦେବା ସହ କୋର୍ଟରେ ସେମାନଙ୍କୁ ବ୍ୟକ୍ତିଗତ ହାଜିରାରୁ ଛାଡ଼ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ରଶ୍ମିରଞ୍ଜନ ସାହୁ ଏ ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ମାମଲା ପାଇଁ ମଞ୍ଜୁରୀ ପ୍ରଦାନ କରିଥିବା କର୍ତ୍ତୃପକ୍ଷଙ୍କ ସମେତ ଫାଇଲ୍ ପ୍ରସ୍ତୁତ କରିଥିବା କିରାଣି, ରୁଟିନ୍ ନୋଟିଂ ଲେଖିଥିବା କର୍ମଚାରୀ, ଡ୍ରାଫ୍ଟ ଅର୍ଡର ପ୍ରସ୍ତୁତକାରୀ କିମ୍ବା ଆଦେଶନାମାରେ ଦସ୍ତଖତ କରିଥିବା ଅଧିକାରୀଙ୍କୁ ଅଭିଯୋଗ ପକ୍ଷର 'ସାକ୍ଷୀ' ଭାବେ ନାମିତ କରିବା ଅନୁଚିତ। ମାମଲାର ମୂଳ ଅପରାଧ ସମ୍ପର୍କରେ କୌଣସି ପ୍ରତ୍ୟକ୍ଷ ବ୍ୟକ୍ତିଗତ ଜ୍ଞାନ ନ ଥାଇ କେବଳ ସରକାରୀ ଦାୟିତ୍ୱ ନିର୍ବାହ କରିଥିବା ଏହି ଅଧିକାରୀମାନଙ୍କୁ ସାକ୍ଷୀ ଭାବେ ଦର୍ଶାଯିବା ଯୋଗୁଁ ଅନ୍ୟତ୍ର ବଦଳି ହେବା ଅବା ଅବସର ନେବା ପରେ ମଧ୍ୟ ବାରମ୍ବାର କୋର୍ଟ ସମନ୍ ପାଇ ସେମାନେ ହଇରାଣ ହେଉଛନ୍ତି। ଏଥିଯୋଗୁଁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ଗୁରୁତର ପ୍ରଶାସନିକ ବ୍ୟାଘାତ ମଧ୍ୟ ସୃଷ୍ଟି ହେଉଛି। ତେଣୁ ତଦନ୍ତକାରୀ ଅଧିକାରୀ, ପବ୍ଲିକ ପ୍ରୋସିକ୍ୟୁଟର ଓ ସ୍ପେଶାଲ ପିପିମାନେ ସମ୍ପୃକ୍ତ କୋର୍ଟରେ ପିଟିସନ ଦାଖଲ କରି ଏହି ଅଧିକାରୀମାନଙ୍କୁ ବ୍ୟକ୍ତିଗତ ହାଜିରାରୁ ସମ୍ପୂର୍ଣ୍ଣ ମୁକ୍ତି ଦେବା ପାଇଁ ଆଇନଗତ ପଦକ୍ଷେପ ନେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାରଙ୍କ ତଥ୍ୟ ପୃଷ୍ଠା-୬

ଓଡ଼ିଶା ଶାସନ

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା (PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ୍ ଉପରେ ସଞ୍ଚୟ୍

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ |
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ |

ଶକ୍ତି ବିଭାଗ, ଓଡ଼ିଶା ସରକାର

ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ ସ୍କାନ କରନ୍ତୁ

ଓଡ଼ିଶା ଶାସନ

ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ହେଉଛନ୍ତି ମାତୃଶକ୍ତିର ପ୍ରତୀକ। ଦୁର୍ଗାପୂଜା ହେଉଛି ଅଧର୍ମ ଉପରେ ଧର୍ମର ଓ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଏହି ସାମୂହିକ ଉତ୍ସବ ସମାଜରେ ଭାଇଚାରା, ଏକତା ଓ ଆତ୍ମୀୟତାକୁ ପ୍ରତିଫଳିତ କରିଥାଏ। ଗାଁରୁ ସହର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିଥାଏ। ମା'ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

ପବିତ୍ର ଦୁର୍ଗାପୂଜା ଅବସରରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଆଶୀର୍ବାଦରେ ସଂସାରରୁ ଦୁଃଖ, ଅନ୍ୟାୟ ଓ ଅଶାନ୍ତି ଦୂର ହୋଇ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ, ମା'ଙ୍କ ନିକଟରେ ଏହା ହିଁ ମୋର ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/ 320920 -15001/117/2627

କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା

ରାତି ୧୨ଟା ଯାଏଁ ବାଜିବ କି ମାଇକ୍ ?

ବିଧାୟକଙ୍କ ଚିଠି ଉପରେ ଜିଲ୍ଲାପାଳ ଓ ଏସପିଙ୍କ ମତାମତ ଲୋଡ଼ିଲା ଗୃହ ବିଭାଗ

କେନ୍ଦ୍ରାପଡ଼ା,୧୭।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ସର୍ବପୁରାତନ ତଥା ଐତିହାସିକ ଗଜଲକ୍ଷ୍ମୀ ପୂଜା ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ମାଇକ୍ ଏବଂ ଶବ୍ଦଯନ୍ତ୍ର ବ୍ୟବହାର ଅନୁମତି ଦେବା ନେଇ ପ୍ରକ୍ରିୟା ଆଗକୁ ବଢ଼ିଛି। ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରସ୍ତାବ ଉପରେ ରାଜ୍ୟ ଗୃହ ବିଭାଗ ବିଚାର ବିମର୍ଶ ଆରମ୍ଭ କରିବା ସହ ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ (ଏସପି)ଙ୍କ ମତାମତ ଲୋଡ଼ିଛି। ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗର ଆଇନ ଶୃଙ୍ଖଳା ରିପୋର୍ଟ ମିଳିବା ପରେ ସରକାର ଏ ଦିଗରେ ବୃତ୍ତାନ୍ତ ନିଷ୍ପତ୍ତି ନେବେ ବୋଲି ସୂଚନା ମିଳିଛି।

ପୂଜା କମିଟି ଓ ଜନସାଧାରଣଙ୍କ ଦାବି କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏହା ଜିଲ୍ଲାର ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗଣପର୍ବ। ପ୍ରାୟ ୧୧ ଦିନ ଧରି ଚାଲୁଥିବା ଏହି ମହୋତ୍ସବରେ ପ୍ରତିବର୍ଷ ସହର ତଥା ଆଖପାଖ ଅଞ୍ଚଳରେ ୬୦ରୁ ଉର୍ଦ୍ଧ୍ୱ ଆକର୍ଷଣୀୟ ତୋରଣ ଓ ମେଢ଼ ନିର୍ମାଣ କରାଯାଏ। ଦୂରଦୂରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁ ରାତି ସାରା ଠାକୁରାଣୀଙ୍କ ଦର୍ଶନ ସହ ମୀନାବଜାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଏଠାକୁ ଆସିଥାନ୍ତି। ତେବେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବନ୍ଦ ରଖିବାକୁ ନିୟମ ରହିଥିବାରୁ ବିଭିନ୍ନ ଭଜନ ସନ୍ଧ୍ୟା, ନାଟକ ଓ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟିଗୁଡ଼ିକ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ପୂଜା ଦିନଗୁଡ଼ିକରେ ରାତି ୧୨ଟା ପର୍ଯ୍ୟନ୍ତ ସର୍ତ୍ତମୂଳକ ଭାବେ ମାଇକ୍ ବଜାଇବାକୁ ଅନୁମତି ଦେବା ପାଇଁ ଶାନ୍ତି କମିଟି ଓ କେନ୍ଦ୍ରୀୟ ପୂଜା କମିଟି ଦୀର୍ଘ ଦିନରୁ ଦାବି କରିଆସୁଥିଲେ।

ମୁଖ୍ୟମନ୍ତ୍ରୀ ଓ ଗୃହ ବିଭାଗକୁ ବିଧାୟକଙ୍କ ପତ୍ର ଜନସାଧାରଣ ତଥା ପୂଜା କମିଟିଗୁଡ଼ିକର ଏହି ଭାବାବେଗକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ରାଜ୍ୟ ସରକାରଙ୍କ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ନିଜ ଚିଠିରେ ଉଲ୍ଲେଖ କରିଥିଲେ ଯେ, କେନ୍ଦ୍ରାପଡ଼ା ଲକ୍ଷ୍ମୀ ପୂଜା ଏକ ଶହେ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ଐତିହ୍ୟ। ପୂଜା ସମୟରେ ସହରରେ ସୁରକ୍ଷିତ ଓ ଆନନ୍ଦଦାୟକ ପରିବେଶ ବଜାୟ ରଖିବା ସହିତ ଲୋକଙ୍କ ସାଂସ୍କୃତିକ ଆବଶ୍ୟକତାକୁ ସମ୍ମାନ ଜଣାଇବା ଜରୁରୀ। ରାତି ୧୨ଟା ପର୍ଯ୍ୟନ୍ତ ମାଇକ୍ ବ୍ୟବହାର ପାଇଁ ଅନୁମତି ମିଳିଲେ ସାଂସ୍କୃତିକ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇପାରିବ ଏବଂ ଶ୍ରଦ୍ଧାଳୁମାନେ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ଉତ୍ସବର ମଜା ନେଇପାରିବେ। ନିର୍ଦ୍ଧାରିତ ଡେସିବଲ୍ ମଧ୍ୟରେ ଧ୍ୱନି ପ୍ରଦୂଷଣ ନିୟମ ପାଳନ ପୂର୍ବକ ଏହି କୋହଳ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ।

ପ୍ରଶାସନିକ ସ୍ତରରେ ବିଚାର ବିମର୍ଶ ବିଧାୟକଙ୍କ ପତ୍ରକୁ ଗୃହ ବିଭାଗ ଗୁରୁତ୍ୱର ସହ ଗ୍ରହଣ କରିଛି। ଗୃହ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କୁ ପତ୍ର ଲେଖି ସ୍ଥାନୀୟ ବସ୍ତୁସ୍ଥିତି, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶାବଳୀକୁ ତର୍ଜମା କରି ନିଜର ସ୍ପଷ୍ଟ ମତାମତ ଜଣାଇବାକୁ କୁହାଯାଇଛି।

ସ୍ଥାନୀୟ ବୁଦ୍ଧିଜୀବୀ ଓ ପୂଜା କର୍ମକର୍ତ୍ତାମାନେ ମତ ଦେଇଛନ୍ତି ଯେ, ନିୟମ କୋହଳ ହେଲେ ମଧ୍ୟ ସମସ୍ତ ମେଢ଼ କମିଟି ଧ୍ୱନି ପ୍ରଦୂଷଣ ନିୟମକୁ ଶୃଙ୍ଖଳାର ସହିତ ପାଳନ କରିବା ନିତାନ୍ତ ଆବଶ୍ୟକ, ଯାହାଫଳରେ ପର୍ବର ଉତ୍ସାହ ସହ ସାଧାରଣ ଲୋକଙ୍କ ସୁବିଧା ମଧ୍ୟ ସୁରକ୍ଷିତ ରହିପାରିବ।

ପୀଠରେ ସପ୍ତମୀ ପୂଜା, ମଣ୍ଡପରେ ଷଷ୍ଠୀ

ସୁସଜ୍ଜିତ ମେଢ଼ ଓ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ, ଜିଲ୍ଲାର ସବୁଠି ଭକ୍ତିମୟ ପରିବେଶ

କେନ୍ଦ୍ରାପଡ଼ା, ୧୭।୧୦ (ସଂଚାର ବ୍ୟୁରୋ): ଶାରଦୀୟ ଦୁର୍ଗାପୂଜାକୁ ନେଇ ଉତ୍ସବମୁଖର ହୋଇଉଠିଛି କେନ୍ଦ୍ରାପଡ଼ା ଜିଲ୍ଲା। ଶନିବାର ବିଭିନ୍ନ ଶକ୍ତିପୀଠରେ ମା'ଙ୍କ ସପ୍ତମୀ ପୂଜା ପାଳିତ ହୋଇଥିବା ବେଳେ ପୂଜାମଣ୍ଡପଗୁଡ଼ିକରେ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଛି। ଏହାକୁ ନେଇ ଜିଲ୍ଲାର ସହରଠାରୁ ଆରମ୍ଭ କରି ଗାଁଗଣ୍ଡା ପର୍ଯ୍ୟନ୍ତ ସବୁଠି ଆଧ୍ୟାତ୍ମିକ ଉତ୍ସାହ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ପୂଜାମଣ୍ଡପଗୁଡ଼ିକ ଆକର୍ଷଣୀୟ ସାଜସଜ୍ଜାରେ ସଜେଇ ହୋଇଛି। ସୁସଜ୍ଜିତ ମେଢ଼, ରଙ୍ଗିନ ଆଲୋକମାଳା ଓ ଆଖିଝଲସା ତୋରଣ ପୂଜାର ଆକର୍ଷଣକୁ ବହୁଗୁଣିତ କରିଛି। ସନ୍ଧ୍ୟା ହେବାମାତ୍ରେ ଆଲୋକରେ ଝଲସି ଉଠୁଛି ପୂଜାମଣ୍ଡପ ଓ ଏହାର ଆଖପାଖ ଅଞ୍ଚଳ। ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ଦେଖିବାକୁ ମିଳିଛି।

କେନ୍ଦ୍ରାପଡ଼ା ସହର ସମେତ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ ରାଜକନିକା ଆଦି ଅଞ୍ଚଳରେ ମଧ୍ୟ ଦୁର୍ଗାପୂଜାକୁ ନେଇ ଚଳଚଞ୍ଚଳ ହୋଇପଡ଼ିଛି ଜନଜୀବନ। ବିଭିନ୍ନ ପୂଜା କମିଟି ପକ୍ଷରୁ ମଣ୍ଡପଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା ସହ ଶ୍ରଦ୍ଧାଳୁଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି।

କୁଜଙ୍ଗ କଲେଜରେ ବିସିଜେଡିର ବାଜିମାତ, ସମସ୍ତ ପ୍ୟାନେଲ ବିଜୟୀ

ପାରାଦ୍ୱୀପ,୧୭।୧୦ (ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନରେ କୁଜଙ୍ଗ କଲେଜରେ ବିସିଜେଡି ସମସ୍ତ ପ୍ୟାନେଲରେ ବିଜୟୀ ହୋଇ ନିଜର ଦବଦବା ଜାହିର କରିଛି। ଏହି ବିଜୟ ପରେ ବିଜୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ମାହୋଲ ଦେଖିବାକୁ ମିଳିଛି। କଲେଜରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସମାପନ ପରେ ସମସ୍ତ ବିଜୟୀ ପ୍ରାର୍ଥୀ ବିଜେଡିର ରାଜ୍ୟ ସମ୍ପାଦକ ତଥା ପାରାଦ୍ୱୀପର ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ସାକ୍ଷାତ କରି ତାଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି।

ଛାତ୍ର ସଂସଦ ନିର୍ବାଚନରେ ସମସ୍ତ ପ୍ୟାନେଲର ବିଜୟ ବିସିଜେଡି ଶିବିରରେ ନୂଆ ଉତ୍ସାହ ସୃଷ୍ଟି କରିଥିବା ବେଳେ, ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ କଲେଜର ବିକାଶ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନକୁ ନିଜର ପ୍ରାଥମିକତା ଦେବେ ବୋଲି ଆଶା ପ୍ରକାଶ ପାଇଛି। କୁଜଙ୍ଗ କଲେଜରେ ବିସିଜେଡିର ଏହି ବିଜୟ ଛାତ୍ର ରାଜନୀତିରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିବାବେଳେ, ନବନିର୍ବାଚିତ ପ୍ରତିନିଧିଙ୍କ ଆଗାମୀ କାର୍ଯ୍ୟକଳାପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ନିର୍ବାଚନରେ ବିସିଜେଡିର ଏକତରଫା ବିଜୟ

ରାଜେଶ-ଲିପୁଙ୍କ ରଣନୀତି ଆଗରେ ଫିକା ପଡ଼ିଲା ଏବିଭିପି ଷ୍ଟ୍ରାଟେଜି

କେନ୍ଦ୍ରାପଡ଼ା,୧୭।୧୦ (ସଂଚାର ବ୍ୟୁରୋ): ରାଜନୈତିକ ତଥା ଐତିହାସିକ ଦୃଷ୍ଟିକୋଣରୁ ସର୍ବଦା ଚର୍ଚ୍ଚାରେ ରହୁଥିବା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଏକତରଫା ଓ ଐତିହାସିକ ସଫଳତା ହାସଲ କରିଛି। ମହାବିଦ୍ୟାଳୟର ସମସ୍ତ ପ୍ରମୁଖ ପଦବୀରେ ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇ ନିଜର ଆଧିପତ୍ୟ ବଜାୟ ରଖିଛନ୍ତି। ଏହି ନିର୍ବାଚନରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ତଥା ଯୁବନେତା ରାଜେଶ ପଣ୍ଡା ଏବଂ ଛାତ୍ରନେତା ଲିପୁ ସାହୁଙ୍କ ସୁଚିନ୍ତିତ ରଣନୀତି ଆଗରେ ବିରୋଧୀ ଏବିଭିପିର ସମସ୍ତ ଯୋଜନା ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଛି ।

ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ ଏବଂ ପ୍ରେରଣା ଏହି ବିଜୟକୁ ଆହୁରି ସୁଗମ କରିଥିବା ଚର୍ଚ୍ଚା ହେଉଛି । ନିର୍ବାଚନ ତାରିଖ ଘୋଷଣା ହେବା ଦିନରୁ କ୍ୟାମ୍ପସରେ ରାଜନୈତିକ ଉଷ୍ମତା ଚରମ ସୀମାରେ ପହଞ୍ଚିଥିଲା । ବିରୋଧୀ ଶିବିର କ୍ୟାମ୍ପସରେ ନିଜ ସ୍ଥିତି ମଜଭୁତ କରିବାକୁ ଜୋରଦାର ଉଦ୍ୟମ

କରିଥିଲେ ମଧ୍ୟ ରାଜେଶ ପଣ୍ଡା ଓ ଲିପୁ ସାହୁ ସାଧାରଣ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନିର୍ବାଚନର ମୁଖ୍ୟ ପ୍ରସଙ୍ଗ କରିଥିଲେ । କ୍ୟାମ୍ପସରେ ଉନ୍ନତ ଶିକ୍ଷାଦାନ, ସୁରକ୍ଷିତ ଏକାଡେମିକ ବାତାବରଣ, ସମୃଦ୍ଧ ପାଠାଗାର ଏବଂ ଛାତ୍ରଛାତ୍ରୀଙ୍କ ମୌଳିକ ସୁବିଧାକୁ ନେଇ ସେମାନେ ପ୍ରଚାର ଚଳାଇଥିଲେ। ପ୍ରତ୍ୟେକ ବିଭାଗ, ଛାତ୍ରାବାସ ତଥା ନବାଗତ +୩ ଛାତ୍ରଛାତ୍ରୀଙ୍କ ସହ ପ୍ରତ୍ୟେକ୍ଷ ସଂପର୍କ ସ୍ଥାପନ କରି ବିଶ୍ୱାସଭାଜନ ହୋଇପାରିଥିଲେ । ରାଜେଶ ପଣ୍ଡାଙ୍କ ପୂର୍ବ ନିର୍ବାଚନ ପରିଚାଳନା ଅଭିଜ୍ଞତା ଏବଂ ଲିପୁ ସାହୁଙ୍କ ସାଂଗଠନିକ ଦକ୍ଷତା ବିସିଜେଡିକୁ ଏକ ମଜଭୁତ ସ୍ଥିତି ପ୍ରଦାନ କରିଥିଲା।

ଅନ୍ୟପକ୍ଷରେ, ବିରୋଧୀ ଶିବିର ଅନ୍ତରୀଣ କନ୍ଦଳ ଓ ଦ୍ୱନ୍ଦ୍ୱରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଏହି ଦୁଇ ଯୁବନେତା କର୍ମୀମାନଙ୍କୁ ଏକଜୁଟ କରି ବିଜୟ ନିଶ୍ଚିତ କରିଥିଲେ । ଭୋଟ୍ ଗଣତି ଶେଷ ପରେ ନିର୍ବାଚନ ଅଧିକାରୀ ଫଳାଫଳ ଘୋଷଣା କରିଥିଲେ । ଛାତ୍ର ସଂସଦ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକଙ୍କ ସମେତ ଡ୍ରାମାଟିକ୍, ସ୍ପୋର୍ଟସ ଏବଂ କଲଚରାଲ ସୋସାଇଟି ଭଳି ପ୍ରମୁଖ ପଦବୀଗୁଡ଼ିକରେ ବିସିଜେଡି ପ୍ରାର୍ଥୀମାନେ ରେକର୍ଡ ଭୋଟରେ ବିଜୟୀ ହୋଇଛନ୍ତି। ବିରୋଧୀ ପ୍ରାର୍ଥୀମାନେ ପ୍ରତ୍ୟେକଟି ଆସନରେ ବହୁ ପଛରେ ରହି ପରାଜୟ ବରଣ କରିଛନ୍ତି । ବିଜୟୀ ପ୍ରାର୍ଥୀମାନେ ନିଜ ସଫଳତାର ସମସ୍ତ ଶ୍ରେୟ ବିଧାୟକ ଗଣେଶ୍ୱର ବେହେରାଙ୍କ ମାର୍ଗଦର୍ଶନ, ରାଜେଶ ପଣ୍ଡାଙ୍କ ପରିଚାଳନା ଓ ଲିପୁ ସାହୁଙ୍କ ସାଙ୍ଗଠନିକ ଦକ୍ଷତା ଓ ଛାତ୍ର ସମାଜର ଭଲ ପାଇବାକୁ ଦେଇଛନ୍ତି ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜେଶ ଓ ଲିପୁ କହିଛନ୍ତି ଯେ ଏହା କୌଣସି ବ୍ୟକ୍ତିବିଶେଷଙ୍କ ବିଜୟ ନୁହେଁ, ବରଂ କେନ୍ଦ୍ରାପଡ଼ା କଲେଜର ସାଧାରଣ ଛାତ୍ରଛାତ୍ରୀଙ୍କ ଅତୁଟ ଆସ୍ଥାର ପ୍ରତୀକ। କଲେଜର ସାମଗ୍ରିକ ବିକାଶ ଓ ଛାତ୍ର ସ୍ୱାର୍ଥର ସୁରକ୍ଷା ପାଇଁ ବିସିଜେଡି ସର୍ବଦା ଅଙ୍ଗୀକାରବଦ୍ଧ ରହିବ ।

ଯୁବପିଢ଼ିଙ୍କ ହାତରେ ସମାଜ ସଂସ୍କାରର ଦାୟିତ୍ୱ

ଭାରତୀୟ ସଂସ୍କୃତି, ପରମ୍ପରା ଓ ସ୍ୱଦେଶୀ ସାମଗ୍ରୀର ବ୍ୟବହାର ଉପରେ ଗୁରୁତ୍ୱାରୋପ

କେନ୍ଦ୍ରାପଡ଼ା,୧୭।୧୦(ସଂଚାର ବ୍ୟୁରୋ): ସୁସ୍ଥ ଓ ସୁସଂସ୍କୃତ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ିଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ, ଦେଶପ୍ରେମ ଓ ସାଂସ୍କୃତିକ ଚେତନାର ବିକାଶ ହେଲେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

କେନ୍ଦ୍ରାପଡ଼ାସ୍ଥିତ କଲ୍ପତରୁ ପ୍ରଶିକ୍ଷଣ କେନ୍ଦ୍ରରେ ସମାଜ ସଂସ୍କାରରେ ଯୁବପିଢ଼ିଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଗରଦପୁରସ୍ଥିତ ଶିବାନନ୍ଦ ଆଶ୍ରମର ପରମାଧ୍ୟକ୍ଷ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତ ରଖିଥିଲେ। ସେ ଉପସ୍ଥିତ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ମାଧ୍ୟମରେ ଦେଶର ଗୌରବ ବୃଦ୍ଧି କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

ଶୈଶବରୁ ପିଲାମାନଙ୍କୁ ଉତ୍ତମ ସଂସ୍କାର ପ୍ରଦାନ କରାଗଲେ ସେମାନେ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିଉଠିପାରିବେ। ଏଥିପାଇଁ ଭାରତର ଗୌରବମୟ ଇତିହାସ, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଯୁବପିଢ଼ିଙ୍କୁ ଅବଗତ କରାଇବା ଆବଶ୍ୟକ। ଦେଶର ସମ୍ମାନ ଓ ଗାରିମା ଅକ୍ଷୁଣ୍ଣ ରଖିବା ସହ ରାଷ୍ଟ୍ରର ପ୍ରଗତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ ବୋଲି ସ୍ୱାମୀଜୀ ମତ ଦେଇଥିଲେ।

ସେହିପରି, ଦେଶର ସ୍ୱାଧୀନତାର ମୂଲ୍ୟବୋଧକୁ ସମ୍ମାନ ଦେବା ସହ ସ୍ୱଦେଶୀ ସାମଗ୍ରୀର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦୈନନ୍ଦିନ ଜୀବନରେ ଶୃଙ୍ଖଳା ଓ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଦେବା, ପ୍ରତ୍ୟୁଷରୁ ଉଠି ଭଗବାନଙ୍କୁ ସ୍ମରଣ କରିବା, ଭଗବଦ୍‌ଗୀତା ପାଠ କରିବା ଏବଂ ବୃକ୍ଷରୋପଣ ଭଳି ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ସେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୮ଠତମ ଜନ୍ମଦିନ ପାଳିତ

ପୀର ମନସୁର ବାବାଙ୍କ ପୀଠରେ ସଂଖ୍ୟାଲଘୁ ସେଲ ପକ୍ଷରୁ ସ୍ୱତନ୍ତ୍ର ପ୍ରାର୍ଥନା

କେନ୍ଦ୍ରାପଡ଼ା, ୧୭।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୮ଠତମ ଜୟନ୍ତୀ କେନ୍ଦ୍ରାପଡ଼ାରେ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂଖ୍ୟାଲଘୁ ସେଲ ପକ୍ଷରୁ କେନ୍ଦ୍ରାପଡ଼ା ସହରସ୍ଥ କୋର୍ଟ ପରିସର ମଧ୍ୟରେ ଅବସ୍ଥିତ ପବିତ୍ର ପୀର ମନସୁର ବାବାଙ୍କ ପୀଠରେ ଏକ ଭବ୍ୟ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସଂଖ୍ୟାଲଘୁ ସେଲର ସଭାପତି ସେକ ଇନାୟତ (ଚନ୍ଦନ) ପୌରୋହିତ୍ୟ କରିଥିଲେ। ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ନେତୃବୃନ୍ଦ ପୀର ମନସୁର ବାବାଙ୍କ ଦରଗାହରେ ଚାଦର ଚଢ଼ାଇବା ସହ ନବୀନ ବାବୁଙ୍କ ଦୀର୍ଘାୟୁ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ନିରାମୟ ଜୀବନ କାମନା କରି ସାମୂହିକ ପ୍ରାର୍ଥନା (ଦୁଆ) କରିଥିଲେ। ସଭାପତି ସେକ ଇନାୟତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନବୀନ ପଟ୍ଟନାୟକ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟର ସର୍ବାଙ୍ଗୀନ ବିକାଶ ସହିତ ସମାଜର ପ୍ରତ୍ୟେକ ବର୍ଗ ତଥା ସଂଖ୍ୟାଲଘୁ ସମ୍ପ୍ରଦାୟର କଲ୍ୟାଣ ଦିଗରେ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ତାଙ୍କ ଶାସନ କାଳରେ ରାଜ୍ୟରେ ଶାନ୍ତି, ସଦ୍ଭାବନା ଏବଂ ଭାଇଚାରା ସର୍ବଦା ବଜାୟ ରହିଆସିଛି। ତାଙ୍କ ସ୍ୱଚ୍ଛ ଶାସନ ଏବଂ ଲୋକାଭିମୁଖୀ ନୀତି ତାଙ୍କୁ ରାଜ୍ୟର କୋଟି କୋଟି ଜନତାଙ୍କ ପ୍ରିୟ ଜନନେତା ଭାବେ ପ୍ରତିଷ୍ଠିତ କରିଛି। ଆଜି ମଧ୍ୟ ଲୋକଙ୍କ ହୃଦୟରେ ତାଙ୍କ ପାଇଁ ଶ୍ରଦ୍ଧା ଓ ସମ୍ମାନ ଅତୁଟ ରହିଛି। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇ ଉତ୍ସବ ମନୋଭାବ ବ୍ୟକ୍ତ କରାଯାଇଥିଲା।

ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସଂଖ୍ୟାଲଘୁ ନେତୃବୃନ୍ଦ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ମୁକ୍ତାର ଖାନ୍, ସେକ ଇସାକ, ସେକ ତଫିଜୁଦ୍ଦିନ, ଅବଦୁଲ ସଲିମ ଖାନ (ଗୁଲୁ ବାବୁ), ବରିଷ୍ଠ ଆଇନଜୀବୀ ସେକ ମୁକ୍ତାର, ସେକ ରୋହିତ, ସେକ ଅଜମତ, ସାବିର ହୋସେନ, ସେକ ଜାହାଙ୍ଗୀର, ଅବଦୁଲ ମୁକ୍ତାର, ସେକ ଚାନ୍ଦା, ସେକ ସଲ୍ଲାଉଦ୍ଦିନ ଏବଂ ମଉସିମ ଖାନ୍ ପ୍ରମୁଖ ଉପସ୍ଥିତ ରହି ନବୀନ ବାବୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ।

ଗାୟକ ଭୂଷଣ ଗୋପବନ୍ଧୁ ନାଥଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୧୭।୧୦(ସଂଚାର ବ୍ୟୁରୋ): ଶ୍ରୀ ସିଦ୍ଧ ବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ବିଶିଷ୍ଟ ପାଲା ଗାୟକ ଭୂଷଣ ସ୍ୱର୍ଗତ ଗୋପବନ୍ଧୁ ନାଥଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଦୁହୁରିଆସ୍ଥିତ ଯଜ୍ଞେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ଉପଦେଷ୍ଟା ଗାୟକ ଚିନ୍ମୟ ଦାଶ

ଭାଇଚାରା ସହ ପୂଜା ପାଳନ କରିବାକୁ କେନ୍ଦ୍ରାଞ୍ଚଳ ଆଇଜିଙ୍କ ଆହ୍ୱାନ

କଟକ,୧୭।୧୦(ସଂଚାର ବ୍ୟୁରୋ): ମା' ଦୁର୍ଗାଙ୍କ ପୂଜାକୁ ଶାନ୍ତିଶୃଙ୍ଖଳା, ସଦ୍‌ଭାବ ଓ ଭାଇଚାରାର ସହ ପାଳନ କରିବାକୁ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ (ଆଇଜି) ଡଃ ସତ୍ୟଜିତ ନାଏକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା, ସାମାଜିକ ଏକତା ଓ ଭାଇଚାରାର ପ୍ରତୀକ। ଏହି ପବିତ୍ର ଅବସରରେ ସମାଜର ସମସ୍ତ ବର୍ଗର ଲୋକେ ପରସ୍ପରର ଭାବନାକୁ ସମ୍ମାନ ଦେବା ସହ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ପରିବେଶରେ ପର୍ବ ପାଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଡଃ ନାଏକ କହିଛନ୍ତି ଯେ ଦୁର୍ଗାପୂଜା ସମାଜରେ ଏକତା, ଶକ୍ତି, ସାହସ ଓ ନ୍ୟାୟର ବାର୍ତ୍ତା ପ୍ରସାର କରେ। ମା' ଦୁର୍ଗାଙ୍କ ଆରାଧନା ଆମକୁ ଅନ୍ୟାୟ ବିରୋଧରେ ଲଢ଼ିବା, ସତ୍ୟର ପଥରେ ଚାଲିବା ଓ ମାନବିକତାର ସୁରକ୍ଷା କରିବାକୁ ପ୍ରେରଣା ଦିଏ। ତେଣୁ ପୂଜାର ଆଧ୍ୟାତ୍ମିକ ମହତ୍ତ୍ୱକୁ ଅକ୍ଷୁଣ୍ଣ ରଖିବା ସହ ଆମର ଆଚରଣରେ ଶାନ୍ତି, ସଂଯମ ଓ ସହନଶୀଳତା ପ୍ରତିଫଳିତ ହେବା ଉଚିତ। ଉତ୍ସବ ପାଳନ ସମୟରେ ଅନ୍ୟମାନଙ୍କ ଅଧିକାର, ସୁବିଧା ଓ ଭାବନା ପ୍ରତି ଯତ୍ନବାନ ହେବା ଜଣେ ସଚେତନ ନାଗରିକଙ୍କ କର୍ତ୍ତବ୍ୟ ବୋଲି ସେ ମତ ଦେଇଛନ୍ତି। ପୂଜା କମିଟି, ମଣ୍ଡପ କର୍ତ୍ତୃପକ୍ଷ, ସ୍ୱେଚ୍ଛାସେବୀ ଓ ଆୟୋଜକଙ୍କୁ ପ୍ରଶାସନର ନିୟମାବଳୀ ଅନୁସରଣ କରିବା ସହ ପୂଜା ଓ ଭସାଣି ଉତ୍ସବକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ଆଇଜି ନିବେଦନ କରିଛନ୍ତି। ମଣ୍ଡପ ଓ ଏହାର ଆଖପାଖ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ, ଯାତାୟାତର ସୁବ୍ୟବସ୍ଥା ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ଆୟୋଜକମାନେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ଜଲେ ଉତ୍ସବକୁ ଅଧିକ ସୁରକ୍ଷିତ ଓ ସୁନ୍ଦର ଭାବେ ପରିଚାଳନା କରାଯାଇପାରିବ। ଭସାଣି ସମୟରେ ନିର୍ଦ୍ଧାରିତ ମାର୍ଗ, ସମୟ ଓ ନିୟମାବଳୀ ପାଳନ କରିବା ସହ ଅନାବଶ୍ୟକ ଭିଡ଼ ଓ ବିଶୃଙ୍ଖଳାକୁ ଏଡ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି। ଉତ୍ସବ ସମୟରେ ଗୁଜବ, ଅପପ୍ରଚାର ଓ ଉତ୍ତେଜନା ସୃଷ୍ଟିକାରୀ ଖବର ପ୍ରତି ସତର୍କ ରହିବାକୁ ଡଃ ନାଏକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ରାଞ୍ଚଳ ପୁଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏଥିରେ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। ପୁଲିସ କର୍ମଚାରୀଙ୍କ ସହ ଶ୍ରଦ୍ଧାଳୁମାନେ ସହଯୋଗ କରିବା, ନିୟମ ପାଳନ କରିବା ଓ କୌଣସି ଅସୁବିଧା ଦେଖାଦେଲେ ତୁରନ୍ତ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କୁ ଜଣାଇବା ଉଚିତ। ପର୍ବ ସମୟରେ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ସୁବିଧା ଓ ସୁରକ୍ଷା ପ୍ରତି ମଧ୍ୟ ସମସ୍ତେ ସମ୍ବେଦନଶୀଳ ହେବା ଆବଶ୍ୟକ। ଡଃ ନାଏକ କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ପରିବେଶରେ ପର୍ବ ପାଳନ କରିବା ଦ୍ୱାରା ଆମ ସଂସ୍କୃତି ଓ ପରମ୍ପରାର ଗୌରବ ବୃଦ୍ଧି ପାଏ।

ନବୀନଙ୍କୁ କାଉଣ୍ଟର କଲେ ସୂର୍ଯ୍ୟଂବଶୀ

ମିଛକୁ ସତରେ ପରିଣତ କରିବା ଆପଣଙ୍କୁ ଶୋଭାପାଉନି

ଭୁବନେଶ୍ୱର, ୧୭।୧୦ (ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରୀ ଦଳ ଓ ପ୍ରଶାସନକୁ କରିଥିବା ଆକ୍ଷେପର ଜବାବ ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସୋସିଆଲ ମିଡିଆରେ ସେ କହିଛନ୍ତି ଯେ, ଓଡ଼ିଶାରେ ଦୁଇ ଦିନ ତଳେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଛି, ଯାହା ଗତ ୮ ବର୍ଷ ଧରି ହୋଇପାରୁନଥିଲା। ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିବାରେ ଆପଣଙ୍କ ଓ ଆପଣଙ୍କ ପ୍ରରୋଚକମାନଙ୍କ ଭୂମିକାକୁ ଆଜି ବି ଓଡ଼ିଶାର ଛାତ୍ର ଓ ଯୁବସମାଜ ଏକ କଳଙ୍କିତ ଅଧ୍ୟାୟର ଆଖ୍ୟା ଦେଇଛନ୍ତି। ହେଲେ ଗଣମାଧ୍ୟମକୁ ଦେଇଥିବା ବିବୃତିରୁ ମନେହେଉଛି, ଆପଣ ଆପଣଙ୍କ ଦଳକୁ ବଞ୍ଚାଇବାକୁ ତଥା ଦଳ ଭିତରେ ନୂଆ ମୁଖିଆଙ୍କ ଗ୍ରହଣୀୟତାକୁ ସୁରକ୍ଷା ଦେବାକୁ ଯାଇ ଏପରି ଅସତ୍ୟ କହିଛନ୍ତି। ଆପଣଙ୍କ ପାଖରେ ଥିବା ଲୋକମାନେ ଆପଣଙ୍କ ଭଳି ଜଣେ ଅନୁଭବୀ ନେତୃତ୍ୱଙ୍କ ମୁହଁରୁ ଛାତ୍ର-ନିର୍ବାଚନ ସମ୍ପର୍କରେ ଅମୂଳକ ଉଚ୍ଚାରଣ କରାଇବା ଆପଣଙ୍କ ଛବିକୁ ଆହୁରି ମଳିନ କରୁଛି ବୋଲି ସେ କହିଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଓଡ଼ିଶାର ଛାତ୍ର ସଂସଦ ନିର୍ବାଚନ ଯେଉଁ ସକରାତ୍ମକ ବାର୍ତ୍ତା ଦେଉଛି, ତାହା ଓଡ଼ିଶାର ଛାତ୍ର ଓ ଯୁବ ସମାଜ ଭଲ ଭାବେ ଜାଣିପାରିଛନ୍ତି। କେଉଁ ଦଳ କେଉଁ ସଂଗଠନର ସମର୍ଥନରେ କେତେ ଛାତ୍ର ନେତା ନିର୍ବାଚିତ ହୋଇଛନ୍ତି, ତାହା ରାଜ୍ୟବାସୀ ଜାଣିଛନ୍ତି। ବାରମ୍ବାର ମିଛ କହି ତାହାକୁ ସତ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରିବା ଆପଣଙ୍କ ଭଳି ବ୍ୟକ୍ତିଙ୍କ ପକ୍ଷେ କଦାପି ଶୋଭାପାଉନାହିଁ। ଏହି ସମୟରେ ଆପଣ ଛାତ୍ରସମାଜକୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ ତାହା ଅଧିକ ଭଲ ହୋଇଥାଆନ୍ତା। ଓଡ଼ିଶାର ଛାତ୍ର ଓ ଯୁବ ସମାଜକୁ ଭ୍ରମ ଓ ଭ୍ରାନ୍ତିଠାରୁ ଦୂରରେ ରଖି ରାଷ୍ଟ୍ର ନିର୍ମାଣରେ ସେମାନଙ୍କୁ ପ୍ରେରିତ କରିବା ଆମର ଧ୍ୟେୟ ହେଉ ବୋଲି ସେ କହିଛନ୍ତି।

ଆନ୍ତଃରାଜ୍ୟ ଶ୍ରମିକ ଚାଲାଣ ର‍ୟାକେଟ୍‌ର ପର୍ଦ୍ଦାଫାସ୍: ୫ ଗିରଫ

ନୂଆପଡ଼ା,୧୭।୧୦(ସଂଚାର ବ୍ୟୁରୋ): ଆଜି ନୂଆପଡ଼ା ପୁଲିସ୍ ଏକ ଆନ୍ତଃରାଜ୍ୟ ଶ୍ରମିକ ଚାଲାଣ ର‍ୟାକେଟ୍‌ର ପର୍ଦ୍ଦାଫାସ୍ କରିଛି। ଆଜି ପୁଲିସ୍ ୫ ଜଣଙ୍କୁ ଗିରଫ କରିବା ପରେ ସେମାନେ ଶ୍ରମିକ ଚାଲାଣ କରିବା ସହ ଶ୍ରମିକମାନଙ୍କୁ ନିର୍ଯାତନା ଓ ମାନବ ନିର୍ଯାତନା ଘଟଣା ସହ ଜଡ଼ିତ ଥିବା ଜାଣିବାକୁ ପାଇଛି। ଏନେଇ ଆଜି ନୂଆପଡ଼ା ଏସ୍‌ପି ଅମ୍ରିତପାଲ୍ ସିଂହ, ଏସ୍‌ଡିପିଓ ଖିରେଶ୍ୱରୀ ସାହୁ ଓ ବେଲଟୁକୁରି ଥାନା ଆଇଆଇସି ରଞ୍ଜନ ନାୟକ ଉପରୋକ୍ତ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁସାରେ, ଜିଲ୍ଲାର ଅଭାବୀ ପରିବାରମାନଙ୍କୁ ସ୍ଥାନୀୟ ଶ୍ରମିକ ଏଜେଣ୍ଟ୍‌ମାନେ ଠାବ କରିବା ସହ ସେମାନଙ୍କୁ ଗତ ୨୦୨୧ରୁ ଦାଦନରେ ଯିବା ସକାଶେ ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରିଥିଲେ। ପରେ ସେମାନଙ୍କୁ ଏଜେଣ୍ଟ୍‌ମାନେ ଉତ୍ତର ପ୍ରଦେଶର ଇଟାଭାଟିରେ ନିୟୋଜିତ କରିବା ସକାଶେ ଅତ୍ୟନ୍ତ ନିର୍ଯାତନାପୂର୍ଣ୍ଣ ପରିବେଶ ମଧ୍ୟରେ ସେଠାକୁ ନେଇଥିଲେ। ତେବେ ଉକ୍ତ ଦାଦନ ଶ୍ରମିକମାନେ ଗତ ୨୦୨୪ରେ ସେମାନଙ୍କ ଘରକୁ ଫେରିଥିଲେ। କିନ୍ତୁ ୨୦୨୪ ସେପ୍ଟେମ୍ବରରେ ସେମାନଙ୍କ ପରିବାର ଲୋକେ ଆଉ ରାଜ୍ୟ ବାହାରକୁ ପଠାଇବାକୁ ରାଜି ହୋଇନଥିଲେ। ଏଥିରେ ଏଜେଣ୍ଟ୍‌ମାନେ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଜୋରଜବରଦସ୍ତି ବରକୋଠି ଗ୍ରାମକୁ ନେବା ସହ ସେମାନଙ୍କୁ ନିର୍ଯାତନା ଦେଇଥିଲେ। ଏପରିକି କାମ ବଦଳରେ ଟଙ୍କା ମାଗିଲେ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଏଜେଣ୍ଟ୍‌ମାନେ ଧମକ ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ଆଜି ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୀଳକମଳ ଚନ୍ଦ୍ରକାର (୩୮), ମୂଲଚନ୍ଦ ଶବର (୩୫), ସନୋଜ ଲୋହାର୍ (୩୪), ସନ୍ତୋଷ ଅଗରୱାଲ୍ (୪୨) ଓ ଅନୁପ ଅଗରୱାଲ୍ (୪୭)। ସମସ୍ତ ଗିରଫ ଏଜେଣ୍ଟ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଛି।

'ସ୍ୱଚ୍ଛତା ଉତ୍ସବ—୨୦୨୬'ରେ ବିଜେପି ନେତା ଗୋଲକ ମହାପାତ୍ର

ସ୍ୱଚ୍ଛ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସାମୂହିକ ଅଂଶଗ୍ରହଣ ଜରୁରୀ



ଭୁବନେଶ୍ୱର, ୧୭।୧୦(ସଂଚାର ବ୍ୟୁରୋ): ସ୍ୱଚ୍ଛତା ହେଉଛି ସୁସ୍ଥ ସମାଜ ଗଠନର ମୂଳଦୁଆ। ଏକ ସ୍ୱଚ୍ଛ ପରିବେଶ ଗଠନ ସହ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟି କରିବା ଲକ୍ଷ୍ୟରେ ଏଠାରେ ୱାର୍ଲ୍ଡ ଓଡ଼ିଶା ସୋସାଇଟି ଓ ବିଏମ ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ ଆୟୋଜିତ 'ସ୍ୱଚ୍ଛତା ଉତ୍ସବ-୨୦୨୬' କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯାଜପୁରର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ୱାର୍ଲ୍ଡ ଓଡ଼ିଶା ସୋସାଇଟି ଅଧ୍ୟକ୍ଷ କିଶୋର ତ୍ରିବେଦୀ, ବିଏମ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ବ୍ରଜ ପଣ୍ଡା, ଫାଉଣ୍ଡେସନର ସଞ୍ଚାଦିକା ମୀରା ମିଶ୍ର ଓ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନଙ୍କ ନିଷ୍ଠା, ସମର୍ପଣ ଓ ସମାଜ ପ୍ରତି ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ସହ ଏହି ଉତ୍ସବ ସ୍ୱଚ୍ଛତା ଅଭିଯାନକୁ ଆହୁରି ବ୍ୟାପକ କରିବାରେ ପ୍ରେରଣା ଯୋଗାଇବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଓ ନେତୃତ୍ୱରେ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ମିଶନ ଆଜି ଏକ ଜାତୀୟ ଜନଆନ୍ଦୋଳନର ରୂପ ନେଇଛି। ସ୍ୱଚ୍ଛତାକୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ପ୍ରତ୍ୟେକ ନାଗରିକଙ୍କ ଜୀବନଶୈଳୀ ଓ ସାମାଜିକ ଦାୟିତ୍ୱରେ ପରିଣତ କରିବା ଏହି ମିଶନର ମୂଳ ଉଦ୍ଦେଶ୍ୟ। ଏହି ଅଭିଯାନ ଦେଶବ୍ୟାପୀ ସ୍ୱଚ୍ଛତା ପ୍ରତି ଜନସଚେତନତା ବୃଦ୍ଧି କରିବା ସହ ନାଗରିକଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦେଇଆସୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସ୍ୱଚ୍ଛତା କେବଳ ରାସ୍ତାଘାଟ କିମ୍ବା ସାର୍ବଜନୀନ ସ୍ଥାନକୁ ପରିଷ୍କାର ରଖିବାରେ ସୀମିତ ନୁହେଁ; ଏହା ପରିବେଶ ସୁରକ୍ଷା, ଜନସ୍ୱାସ୍ଥ୍ୟ, ନାଗରିକ ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ସହ ଗଭୀର ଭାବେ ଜଡ଼ିତ। ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଓଡ଼ିଶା ଗଠନ ପାଇଁ ସରକାରଙ୍କ ପ୍ରୟାସ ସହ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି।

ମହାପ୍ରହସନ ପାଲଟିଛି ମହାପ୍ରୟାଣ

- ଗାଡ଼ି ନ ମିଳିବାରୁ ୪ ଘଣ୍ଟା ପଡ଼ିରହିଲା ମୃତ ଦେହ
- ଉତ୍ତେଜନା ପରେ ବିକଳ୍ପ ବ୍ୟବସ୍ଥା କଲେ କର୍ତ୍ତୃପକ୍ଷ

ମାଲକାନଗିରି, ୧୭।୧୦ (ସଂଚାର ବ୍ୟୁରୋ): ରାଜ୍ୟର ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ରକୁ ପଦାରେ ପକାଇଛି ମହାପ୍ରୟାଣ ଯୋଜନା। କିଛି ଦିନ ତଳେ ନବରଙ୍ଗପୁର ଜିଲ୍ଲାରେ ମହାପ୍ରୟାଣ ଗାଡ଼ି ନ ମିଳିବାରୁ ଘରୋଇ ଗାଡ଼ିରେ ନାବାଳକ ପୁଅର ମୃତଦେହ ନେବାକୁ ପରିବାରକୁ ଆଧାର କାର୍ଡ ବନ୍ଧା ରଖିବାକୁ ପଡ଼ିଥିଲା। ଆଜି ମାଲକାନଗିରି ଜିଲ୍ଲାରେ ମହାପ୍ରୟାଣ ଗାଡ଼ି ନ ଥିବାରୁ ୪ ଘଣ୍ଟା ଧରି ପଡ଼ି ରହିଲା ମୃତଦେହ। ସମଗ୍ର ଜିଲ୍ଲା ପାଇଁ ମାତ୍ର ଗୋଟିଏ ଶବବାହକ ଗାଡ଼ି ଥିବା ବେଳେ ଅଚଳ ହୋଇପଡ଼ିଥିବା ଗାଡ଼ିଗୁଡ଼ିକର ମରାମତି ହେଉନାହିଁ। ଫଳରେ ମୃତକଙ୍କ ପରିବାରକୁ ଶେଷକୃତ୍ୟ ପାଇଁ ମଧ୍ୟ ନାନା ସମସ୍ୟାର ସାମ୍ନା କରିବାକୁ ପଡୁଛି।

ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପ୍ରସବ ପରେ ରକ୍ତହୀନତା ଯୋଗୁଁ ଏମ୍‌ଭି-୭ ଗାଁର ରୀନା ଦଲେଇଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ୭ ମାସର ଶିଶୁ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛି। ହେଲେ ମା'ଙ୍କ ମୃତଦେହକୁ ଘରକୁ ନେବା ପାଇଁ ମହାପ୍ରୟାଣ ଗାଡ଼ି ମିଳି ନ ଥିଲା। ଫଳରେ ୪ ଘଣ୍ଟାରୁ ଅଧିକ ସମୟ ଧରି ଷ୍ଟ୍ରେଚର ଉପରେ ପଡ଼ିରହିଥିଲା ମୃତଦେହ। ଏପଟେ ପରିବାର ଲୋକଙ୍କ କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟିପଡ଼ିଥିଲା। ଶେଷରେ ଉତ୍ତେଜନା ପ୍ରକାଶ ପାଇବା ପରେ ମେଡିକାଲ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରିଥିଲେ। ଜିଲ୍ଲାର କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଉପଖଣ୍ଡୀୟ ଚିକିତ୍ସାଳୟରେ ଶବବାହକ ଗାଡ଼ି ନାହିଁ। କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ମାତ୍ର ଗାଡ଼ି ରହିଛି। ଅନ୍ୟ ଅଚଳ ଗାଡ଼ିଗୁଡ଼ିକର ମରାମତି କରାଯାଉ ନ ଥିବାରୁ ସେଗୁଡ଼ିକ ପଡ଼ି ପଡ଼ି ନଷ୍ଟ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଓ ରେଡକ୍ରସ୍ ସହାୟତାରେ ପ୍ରତି ବ୍ଲକ୍‌ରେ ମହାପ୍ରୟାଣ ଗାଡ଼ି ଯୋଗାଇଦେବାକୁ ଯୋଜନା ହୋଇଥିଲା। କିନ୍ତୁ ଗତ ଦୁଇ ବର୍ଷ ହେବ ଜିଲ୍ଲା ସ୍ତରରେ ଏହି ଯୋଜନା ପ୍ରାୟ ଠପ୍ ହୋଇପଡ଼ିଛି। ଏପରିକି ଯୋଜନା ଚାଲୁ ଅଛି କି ନାହିଁ, ସେନେଇ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ସ୍ପଷ୍ଟ ସୂଚନା ନ ଥିବା ଅଭିଯୋଗ ହୋଇଛି। ସରକାରୀ ଶବବାହକ ଗାଡ଼ିର ଅଭାବ ସହ ଘରୋଇ ଶବବାହକ ଯାନର ସୁବିଧା ମଧ୍ୟ ନାହିଁ। ଏଭଳି ସ୍ଥିତିରେ ମୃତକଙ୍କ ପରିବାର ଲୋକେ ଅସହାୟ ହୋଇପଡୁଛନ୍ତି।

କୁଲଡିହା ଅଭୟାରଣ୍ୟରେ ଟ୍ରାପ କ୍ୟାମେରା ଧରାଇଲା ଶିକାରୀ, ୪ ଗିରଫ

ନୀଳଗିରି,୧୭।୧୦(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଥିବା କୁଲଡ଼ିହା ଅଭୟାରଣ୍ୟରେ ୪ ଜଣ ଶିକାରୀଙ୍କୁ ଟ୍ରାପ୍ କ୍ୟାମେରା ଧରାଇଛି। କୁଲଡ଼ିହା ଓ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବନ ବିଭାଗ ଚଢ଼ାଉ କରି ଏହି ୪ ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀମାନଙ୍କ ଘର ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା ଖଡ଼ିଖଣିଆ ଓ ଝିଲିରିପାଣି ଅଞ୍ଚଳରେ ବୋଲି ଜଣାପଡ଼ିଛି। କୁଲଡିହା ଅଭୟାରଣ୍ୟରେ ବାରମ୍ବାର ଅବାଧରେ ଶିକାରୀମାନେ ପ୍ରବେଶ କରିଆସୁଛନ୍ତି। କେତେବେଳେ ବନ ବିଭାଗ ସେମାନଙ୍କୁ ଧରିପାରୁଛି ତ ଆଉ କେତେବେଳେ ସେମାନେ ଖସିଯିବାରେ ସକ୍ଷମ ହେଉଛନ୍ତି। ହେଲେ ଜଙ୍ଗଲରେ ବନ୍ୟଜନ୍ତୁ ଓ ଶିକାରୀଙ୍କ ଗତିବିଧି ଉପରେ ନଜର ରଖିବା ସକାଶେ ଲାଗିଥିବା ଟ୍ରାପ କ୍ୟାମେରାରେ ପୁଣି ଥରେ ଶିକାରୀଙ୍କ ଫଟୋ କଏଦ ହୋଇ ଚିହ୍ନଟ ହୋଇଛନ୍ତି। ପରେ କୁଲଡ଼ିହା ବନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଧନୁ, ଦୁଇଟି ଧନୁ ତୀର, ୭ ବିଡ଼ା ଫାଶ ଜାଲ, ୨ଟି ଭଙ୍ଗା ଟ୍ରାପ୍ କ୍ୟାମେରା ଓ ଗୋଟିଏ ହେଡ୍ ଲାଇଟ୍ ଜବତ କରାଯାଇଛି। ସମସ୍ତ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

କୁମ୍ଭୀର ଟାଣି ନେଇଥିବା ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

କଳିଙ୍ଗନଗର,୧୭।୧୦ (ସଂଚାର ବ୍ୟୁରୋ): ଖରସ୍ରୋତା ନଦୀରେ କୁମ୍ଭୀର ଆତଙ୍କ। ଶୁକ୍ରବାର ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇଥିଲା। ତେବେ ଆଜି କ୍ଷତାକ୍ତ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଡାହାଣ ହାତଟି ସମ୍ପୂର୍ଣ୍ଣ ରୂପେ ଖାଇଦେଇଛି ନରହନ୍ତା କୁମ୍ଭୀର। ଘଟଣାସ୍ଥଳରୁ ଦେଢ଼ କିଲୋମିଟର ଦୂରରୁ ଉଦ୍ଧାର ହୋଇଛି ବୃଦ୍ଧଙ୍କ ମୃତଦେହ। ମୃତକ ଜଣକ ହେଲେ କୋରେଇ ବ୍ଲକ ଡଙ୍ଗରା ପଞ୍ଚାୟତ ବରେଇ ଗାଁର ଗଜେନ୍ଦ୍ର ମାଝୀ। ଗତକାଲି ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ କୁମ୍ଭୀରଟି ଗଜେନ୍ଦ୍ରଙ୍କୁ ଟାଣିନେଇଥିଲା। ମୃତଦେହ ନିକଟରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ଯାତ୍ରା

କଟକ,୧୭।୧୦(ସଂଚାର ବ୍ୟୁରୋ): ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ କଟକ ମହାନଗର ନିଗମ (କେଏମ୍‌ସି) ଅନ୍ତର୍ଗତ ୩୩ ନମ୍ବର ୱାର୍ଡରେ ଏକ ଜନସମ୍ପର୍କ ଯାତ୍ରା କରିଛନ୍ତି। ଏହି ଗସ୍ତ କାଳରେ ସେ ୱାର୍ଡର ବିଭିନ୍ନ ସାହି ବୁଲି ରାସ୍ତାଘାଟ, ଡ୍ର

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ରବିବାର ୧୮ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Sunday 18 October 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

କହିଦେଲେ ହବନି, ପ୍ରମାଣ ଦରକାର

ଭାରତର ନିର୍ବାଚନ ପ୍ରକ୍ରିୟାର ମୂଳଦୁଆ ହେଉଛି ନିରପେକ୍ଷ ଓ ସଠିକ ଭୋଟର ତାଲିକା। ବିଶେଷ ତୀବ୍ର ସଂଶୋଧନ (ଏସଆଇଆର) ଏକ ଏମିତି ପ୍ରୟାସ ଯାହା ଦୁଇ ଦଶନ୍ଧି ପରେ ପୁନର୍ବାର ଘରେ ଘରେ ଯାଇ ଭୋଟର ତାଲିକାକୁ ପରିଷ୍କାର କରିବାକୁ ଉଦ୍ଦିଷ୍ଟ। ମୃତ, ସ୍ଥାନାନ୍ତରିତ, ଦ୍ୱୈତ ନାମ ଓ ଅନ୍ୟାନ୍ୟ ତ୍ରୁଟି ଦୂର କରିବା ଏହାର ଲକ୍ଷ୍ୟ। ତଥାପି ସାମାଜିକ ମାଧ୍ୟମରେ ବ୍ୟାପିଥିବା ବାର୍ତ୍ତା ଏହି ପ୍ରକ୍ରିୟାକୁ ସନ୍ଦେହର ଚକ୍ଷୁରେ ଦେଖିବାକୁ ବାଧ କରୁଛି। କେତେକ କହୁଛନ୍ତି ଯେ ଏହା ଯୋଗ୍ୟ ଭୋଟରଙ୍କୁ ବାଦ ଦେଉଛି; ଆଉ କେତେକ କହୁଛନ୍ତି ଯେ ଏହା ରାଜନୈତିକ ଉଦ୍ଦେଶ୍ୟରେ ଚାଳିତ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ପ୍ରଥମେ, ଭୁଲ ସୂଚନା ବିରୋଧରେ ସକ୍ରିୟ ଓ ସ୍ୱଚ୍ଛ ଯୋଗାଯୋଗ ଆବଶ୍ୟକ। କେନ୍ଦ୍ର ସରକାର ନିର୍ବାଚନ ଆୟୋଗ ସହିତ ମିଳିତ ଭାବେ ସମସ୍ତ ଡାଟା ସାର୍ବଜନୀନ କରିବା ଉଚିତ - କେତେ ନାମ ମୃତ ବା ସ୍ଥାନାନ୍ତରିତ ଭାବେ ଚିହ୍ନିତ ହୋଇଛି, କେତେ ଦ୍ୱୈତ, କେତେ ନୂତନ ଯୋଗ ହୋଇଛି। ପ୍ରତ୍ୟେକ ରାଜ୍ୟରେ ଡ୍ରାଫ୍ଟ ତାଲିକା ପ୍ରକାଶ ପରେ ଦାବି ଓ ଆପତ୍ତିର ସଂଖ୍ୟା, ସେଗୁଡ଼ିକର ନିଷ୍ପତ୍ତି ଓ ଅନ୍ତିମ ତାଲିକାର ତୁଳନାତ୍ମକ ତଥ୍ୟ ନିୟମିତ ଭାବେ ପ୍ରକାଶ କରାଯିବା ଉଚିତ। କେବଳ ସରକାରୀ ବିବୃତି ନୁହେଁ, ବରଂ ସାଧାରଣ ଭାଷାରେ ଭିଡିଓ, ଇନଫୋଗ୍ରାଫିକ୍ସ ଓ ସ୍ଥାନୀୟ ଭାଷାରେ ବ୍ୟାଖ୍ୟା ଦେବା ଦରକାର। ସାମାଜିକ ମାଧ୍ୟମରେ ଭୁଲ ସ୍ନିନସଟ୍ ଓ ପୁରୁଣା ଭିଡିଓ ବ୍ୟାପୁଥିବା ବେଳେ ତତ୍କାଳ ପ୍ରତିବାଦ କରିବା ଓ ସଠିକ ତଥ୍ୟ ପ୍ରଦାନ କରିବା ଆବଶ୍ୟକ।

ଦ୍ୱିତୀୟତଃ, ଏସଆଇଆର ପ୍ରକ୍ରିୟାର ପବିତ୍ରତା ପ୍ରମାଣିତ କରିବା ପାଇଁ ସ୍ୱାଧୀନ ତଦାରଖ ଓ ସ୍ୱଚ୍ଛତା ଅପରିହାର୍ଯ୍ୟ। ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ସଂସ୍ଥା। ତଥାପି ସରକାର ଏହାକୁ ସମର୍ଥନ କରି ସୁପ୍ରିମକୋର୍ଟ ଓ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା ଉଚିତ। ବୁଥ ଲେଭେଲ ଅଫିସରଙ୍କ କାର୍ଯ୍ୟ, ଡକ୍ୟୁମେଣ୍ଟ ଯାଞ୍ଚ ପ୍ରକ୍ରିୟା ଓ ସଫ୍ଟୱେର ଆଧାରିତ ଯାଞ୍ଚର ବିବରଣୀ ସାର୍ବଜନୀନ କରାଯିବା ଉଚିତ। ଯଦି କୌଣସି ନାମ ଭୁଲରେ ବାଦ ପଡ଼ିଛି ତେବେ ଫର୍ମ-୬ ମାଧ୍ୟମରେ ପୁନଃ ଯୋଗ କରିବାର ସହଜ ବ୍ୟବସ୍ଥା ବହୁଳ ପ୍ରଚାର କରାଯିବା ଉଚିତ। ରାଜନୈତିକ ଦଳ, ନାଗରିକ ସମାଜ ଓ ସ୍ୱାଧୀନ ପର୍ଯ୍ୟବେକ୍ଷକଙ୍କୁ ପ୍ରକ୍ରିୟା ଦେଖିବାର ସୁଯୋଗ ଦେବା ଦ୍ୱାରା ସନ୍ଦେହ କମିବା କେବଳ କହିବା ଯେ 'ଏହା ପବିତ୍ର' ଯଥେଷ୍ଟ ନୁହେଁ; ଡାଟା, ପ୍ରକ୍ରିୟା ଓ ନିଷ୍ପତ୍ତି ସମସ୍ତଙ୍କ ସାମନାରେ ରଖିବା ଦରକାର।

ତୃତୀୟତଃ, ଜେନ-ଜେଡ ପିଢ଼ିର ବିଶ୍ୱାସ ଜିତିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ। ଏହି ପିଢ଼ୀ ଡିଜିଟାଲ ମାଧ୍ୟମରେ ବଢ଼ିଛି। ସେମାନେ ସ୍ୱଚ୍ଛତା, ଗତି ଓ ପ୍ରମାଣ ଚାହାନ୍ତି। ଯଦି ସେମାନେ ଦେଖନ୍ତି ଯେ ଭୁଲ ସୂଚନା ବିରୋଧରେ ସରକାର କେବଳ ପ୍ରତିକ୍ରିୟା ଦେଉଛନ୍ତି, ନିଜେ ପ୍ରୋଆକ୍ଟିଭ ଭାବେ ତଥ୍ୟ ଦେଉନାହାନ୍ତି, ତେବେ ବିଶ୍ୱାସ କମିବା ଜେନ-ଜିଙ୍କୁ ସଂଲଗ୍ନ କରିବା ପାଇଁ ନିର୍ବାଚନ ଆୟୋଗ ଓ ସରକାର ଯୁବ ସଂଗଠନ, କଲେଜ ଓ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କ ମାଧ୍ୟମରେ ପ୍ରଚାର କରିବା ଉଚିତ। ଭୋଟର ତାଲିକା ଯାଞ୍ଚ କରିବା, ଫର୍ମ ଭରିବା ଓ ଅଭିଯୋଗ ଦାଖଲ କରିବାର ଡିଜିଟାଲ ପ୍ରକ୍ରିୟାକୁ ସହଜ ଓ ସ୍ୱଚ୍ଛ କରିବା ଦରକାର। ଯଦି କୌଣସି ତ୍ରୁଟି ଧରାପଡ଼େ ତେବେ ସ୍ୱୀକାର କରି ସଂଶୋଧନ କରିବା ଦ୍ୱାରା ବିଶ୍ୱାସ ବଢ଼େ। ଜେନ-ଜେଡ କେବେ ବିଶ୍ୱାସ କରିବେ କି? ସେମାନେ ବିଶ୍ୱାସ କରିବେ ଯଦି ପ୍ରକ୍ରିୟା ସ୍ୱଚ୍ଛ, ଡାଟା ଉପଲବ୍ଧ ଓ ଭୁଲ ସୁଧାରିବାର ବ୍ୟବସ୍ଥା ଦେଖିବେ। କେବଳ ଘୋଷଣା ନୁହେଁ, କାର୍ଯ୍ୟ ଦେଖାଇବା ଦରକାର। ଯଦି ସରକାର ଓ ଆୟୋଗ ଏହାକୁ ରାଜନୈତିକ ବିବାଦରୁ ଉପରକୁ ଉଠାଇ ସାଧାରଣ ନାଗରିକଙ୍କ ଅଧିକାର ରକ୍ଷାର ପ୍ରଶ୍ନ ଭାବେ ଉପସ୍ଥାପନ କରନ୍ତି, ତେବେ ଯୁବପିଢ଼ୀ ଧୀରେ ଧୀରେ ବିଶ୍ୱାସ କରିବେ।

ପ୍ରତିଯୋଗିତା

ଡକ୍ଟର ସୁରେଶ କୁମାର ନାୟକ

ଭଲ କ୍ୟାରିୟର ନିମନ୍ତେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଭାଗ ନେବାକୁ ହୋଇଥାଏ। ଏଭଳି ବିଭିନ୍ନ ପରୀକ୍ଷାର ସମ୍ମୁଖୀନ ହେଲେ ସେମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି ପାଇବା ସହିତ ଭିନ୍ନ ଭିନ୍ନ କ୍ଷେତ୍ରରେ ସଫଳତା ନିମନ୍ତେ ଏକ ମାର୍ଗ ମିଳିଥାଏ। ଭବିଷ୍ୟତରେ ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ନିମନ୍ତେ ଭୟ ରହି ନ ଥାଏ। ଏଥିପାଇଁ ସ୍କୁଲ ସ୍ତରରେ ବିଭିନ୍ନ ପରୀକ୍ଷା ଆୟୋଜନ କରାଯାଇଥାଏ। ଛାତ୍ରଛାତ୍ରୀଙ୍କ ପାଇଁ ଏସବୁ ଯଦିଓ ବାଧତାମୂଳକ କରାଯାଇ ନଥାଏ, କିନ୍ତୁ ଏହାର ଗୁରୁତ୍ୱ ଢ଼େର ଅଧିକ ରହିଥାଏ। ତେଣୁ ଏଥିରେ ଭାଗ ନେବା ପାଇଁ ନିଜକୁ କିଭଳି ମୋଟିଭେଟ କରିବାକୁ ହେବ ସେ ନେଇ ପ୍ରସ୍ତୁତି କରିବା ଦରକାର।

ପିଲାଙ୍କୁ ସର୍ବପ୍ରଥମେ ନିଜ ପଢ଼ା ବହିକୁ ଭଲ ଭାବେ ଜାଣିବାକୁ ହେବ। କାରଣ ପ୍ରତ୍ୟେକ ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇଥାଏ। ଏହାପରେ ପ୍ରତିଯୋଗିତାର ବିଷୟ ସବୁକୁ ଜାଣନ୍ତୁ। କେଉଁ ବିଷୟରୁ କିଭଳି ପ୍ରଶ୍ନ ଆସିପାରେ ସେ ନେଇ ଜାଣିଲେ ହିଁ ସେହି ଅନୁସାରେ ପ୍ରସ୍ତୁତି କରିପାରିବେ। ସଂକ୍ଷିପ୍ତରେ ଉତ୍ତର ଲେଖିବେ କିମ୍ବା ବ୍ୟାଖ୍ୟା କରିବାକୁ ହେବ। ଏସବୁ ନେଇ ଆଗୁଆ ଜାଣିବାକୁ ଚେଷ୍ଟା କରନ୍ତୁ। ପରୀକ୍ଷାରେ ନେଗେଟିଭ ମାର୍କିଂ ଅଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ଜାଣିବା ଦରକାର।

ସବୁ କାମ ପାଇଁ ମୋଟିଭେଶନ ତ ନିହାତି ଦରକାର। ଏହି ଆଧାରରେ କୌଣସି ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ପ୍ରଥମେ ନିଜକୁ ମୋଟିଭେଟ କରିବାକୁ ହେବ। ଏଥିପାଇଁ ନିଜ ଭିତରୁ ଏକ ପ୍ରେରଣା ସୃଷ୍ଟି ହେବା ଦରକାର। ନଚେତ୍ ପରୀକ୍ଷା ପ୍ରସ୍ତୁତିରେ ସଫଳତା ମିଳିବା ସହଜ ହେବନାହିଁ। ଅବଶ୍ୟ ମୋଟିଭେଶନ ସୃଷ୍ଟି ହେବାର ଅନେକ କାରଣ ହୋଇପାରେ। ତେଣୁ ସେଭଳି ପରିବେଶ ସୃଷ୍ଟି କରନ୍ତୁ। ଏସବୁ ପରୀକ୍ଷା ଦେବା ଫଳରେ ଭବିଷ୍ୟତରେ କିଭଳି ଆତ୍ମ ବିଶ୍ୱାସ ବୃଦ୍ଧି ପାଇବ ଓ ଅନ୍ୟ ସବୁ ପ୍ରକାରର ପରୀକ୍ଷା ଦେବାକୁ ଭୟ ରହିବ ନାହିଁ। ଏ ନେଇ ଅନ୍ୟ ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଖନ୍ତୁ।

ବେଳେ ବେଳେ ପିଲାମାନେ ବଡ଼ ପାଟିରେ କୌଣସି ବିଷୟକୁ ବାରମ୍ବାର ପଢ଼ିବା ପରେ ପ୍ରସ୍ତୁତି ହେଇଗଲା ବୋଲି ଭାବନ୍ତି। କିନ୍ତୁ ଏଭଳି ବଡ଼ ପାଟିରେ ପଢ଼ିବା ସହ ପାଠକୁ ବୁଝିବା ଦରକାର। ପାଠକୁ ବୁଝିଥିଲେ ପରୀକ୍ଷାରେ ଯେକୌଣସି ପ୍ରକାରର ପ୍ରଶ୍ନ ଆସିଲେ ବି ଉତ୍ତର ଦେବାକୁ ସକ୍ଷମ ହୋଇପାରିବେ। ତେଣୁ ପଢ଼ିବା ସମୟରେ ବୁଝିବା ଦରକାର ଆଉ ଯେଉଁ ସ୍ଥାନରେ ବୁଝିପାରିବେ ନାହିଁ ସେତେବେଳେ ସଙ୍ଗେ ସଙ୍ଗେ ପଚାରି ବୁଝିନେବା ଦରକାର। ପାଠକୁ ଭଲ ଭାବେ ବୁଝିପାରିଲେ ହିଁ ସବୁ ପ୍ରକାରର ପ୍ରଶ୍ନ ସହଜ ଲାଗିବ। କଣ ପଢ଼ିବେ ଓ କେମିତି ପଢ଼ିବେ ଜାଣିବା ପରେ ଏକ ନିର୍ଦ୍ଦିଷ୍ଟ ପ୍ଲାନ କରନ୍ତୁ। ସ୍କୁଲ ଟିଉସନ ସବୁ ପରେ କେଭଳି କେଉଁ ସମୟରେ ପଢ଼ିବେ ସେ ନେଇ ସମୟ ସ୍ଥିର କରନ୍ତୁ। ପ୍ରତିଦିନ କେତିକି ପଢ଼ି ପାରିବେ ସେ ନେଇ ଏକ ଟାର୍ଗେଟ ରଖନ୍ତୁ। ସିଲାବସ୍କୁ ଛୋଟ ଛାଟ ଭାଗରେ ବାଣ୍ଟି କିଭଳି ସହଜରେ ପଢ଼ିପାରିବେ ତାହା ଶିଖନ୍ତୁ। ଏହା ସହିତ ପଢ଼ିବା ପାଇଁ ଏକ ପରିବେଶ ମଧ୍ୟ ଦରକାର। ତେଣୁ ନିଜର ସୁବିଧା ଅନୁସାରେ ଏକ ଶାନ୍ତ ପରିବେଶରେ ପଢ଼ନ୍ତୁ। ପାଠ ପଢ଼ିବା ସ୍ଥାନରେ କୌଣସି ଡିସଟ୍ରାକଶନ କଲାଭଳି ଜିନିଷ ରଖନ୍ତୁ ନାହିଁ। ଅର୍ଥାତ୍ ଟିଭି କିମ୍ବା ଫୋନ ପାଖରେ ରଖି ପଢ଼ନ୍ତୁ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଁ ଅଭ୍ୟାସ ନିହାତି ଦରକାର। ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଠିକ ଢଙ୍ଗରେ ଅଭ୍ୟାସ ଜାରି ରଖିବାକୁ ହେବ। ଏ କ୍ଷେତ୍ରରେ ବିଭିନ୍ନ ଦିଗରୁ ଅଭ୍ୟାସ କରିବାକୁ ହେବ। ସବୁ ବିଷୟରେ ପାଠ ବୁଝି ସାରିବା ପରେ ବି ନିଜକୁ ନିଜେ ପ୍ରଶ୍ନ କରନ୍ତୁ। କେତେ ସମୟ ମଧ୍ୟରେ କେତେ ଉତ୍ତର ଦେଇ ପାରୁଛନ୍ତି ତାହା ପରୀକ୍ଷା କରନ୍ତୁ। ତୁରନ୍ତ ଉତ୍ତର ଦେଇ ପାରୁଛନ୍ତି ଅବା ବିଳମ୍ବରେ ତାହା ପରୀକ୍ଷା କରନ୍ତୁ। କଣ ହେଉଛି ତାର ତର୍ଜମା କରନ୍ତୁ। ଏହିଭଳି ବାରମ୍ବାର ଅଭ୍ୟାସ କଲେ ନିଜର ଭୁଲକୁ ସୁଧାରି ହେବ ଓ ଆତ୍ମ ବିଶ୍ୱାସ ବୃଦ୍ଧି ପାଇବ। ଉତ୍ତମ ସ୍ୱାସ୍ଥ୍ୟ ବିନା ପାଠ ପଢ଼ିବାର କୌଣସି ଲାଭ ନଥାଏ। ତେଣୁ ପାଠ ପଢ଼ା ଅଭ୍ୟାସ ସହିତ ସ୍ୱାସ୍ଥ୍ୟ ସଚେତନ ରହିବା ଦରକାର। ଏଥିପାଇଁ ହେଲଦି ଡାଏଟ ନିଅନ୍ତୁ। ଆଉଟଡୋର ଗେମ କିମ୍ବା ଏକ୍ସରସାଇଜ କରନ୍ତୁ। ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ଯେପରି ଭଲ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଅର୍ଥାତ୍ ମନରେ କୌଣସି ବୋଝ ରଖନ୍ତୁ ନାହିଁ। ନିଜକୁ ରିଲାକ୍ସ କରିବା ପାଇଁ କିଛି ସମୟ ପାଇଁ ମ୍ୟୁଜିକ ଶୁଣିବା, ମେଡିଟେଶନ କରିବା କିମ୍ବା ପାଠ ମଝିରୁ ବ୍ରେକ ନେଇ ବାହାରକୁ ବୁଲିବାକୁ ଯିବା ଏସବୁ କାମ କରନ୍ତୁ। ନିଜର ସୁବିଧା ଅନୁସାରେ ଏ ସବୁ ପ୍ରତି ସଚେତନ ରହିଲେ ସ୍ୱାସ୍ଥ୍ୟ ଭଲ ରହିବ।

ଅଧ୍ୟକ୍ଷ, ଏସେଲ୍ୱ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨
E-MAIL : S271169@GMAIL.COM

ମା ଦୁର୍ଗାଙ୍କ ଆରାଧନା ଏକ ସମଷ୍ଟି ଶକ୍ତିର ସ୍ୱରୂପ

ଅମର ପ୍ରସାଦ ଶତପଥୀ
ପୂର୍ବତନ ମନ୍ତ୍ରୀ, ଓଡିଶା

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ପାଇ ପହିଲି ଆଷାଢ଼ ଓ ଶ୍ରାବଣ ର ବର୍ଷା ସ୍ପର୍ଶରେ ଧରଣୀ ରାଣୀ ନୂତନ ଜୀବନ ପ୍ରାପ୍ତ ହୋଇ ନିଜକୁ ସଜେଇବାରେ ବ୍ୟସ୍ତ। ଭାଦ୍ରବ ପରେ ପରେ ଆଶ୍ୱିନ ମାସର ଶୀତଳତା ବେଶ ଉପଭୋଗ୍ୟ। ଏହି ସମୟ ରେ ଜଗତ ଜନନୀ ଆଦ୍ୟା ଶକ୍ତି ଦୁର୍ଗତିନାଶିନୀ ମା ଦୁର୍ଗାଙ୍କ ଧରା ପୃଷ୍ଠକୁ ଆଗମନ ହେଇଥାଏ। ସେହି ସମୟ ଭକ୍ତି ଓ ଶକ୍ତି ମହା ମିଳନ ର ପର୍ବ। ପ୍ରତି ବର୍ଷ ପରି ମେଢ଼ମାନଙ୍କ ସାଜ ସଜାରେ ଦେବୀଙ୍କ ଶକ୍ତି ପୂଜାର ଗାଥା ବହନ କରେ। ବୈଷ୍ଣବ, ଶୈବ୍ୟ, ଶାକ୍ତ ଉପାସକ ସମସ୍ତ ବର୍ଗଙ୍କ ଏହି ପୂଜାର୍ଚନାର ବିଶେଷତ୍ୱ ରହିଅଛି। ସାଧାରଣ ଭାବେ ବିଚାର କଲେ ମାଙ୍କ ଶକ୍ତି ପୂଜାର ଆସର ଯାହାକୁ ପାର୍ବଣ ଭାବେ ବର୍ଣ୍ଣନା କରାଯାଇଥାଏ। ଶ୍ରୀ ଦୁର୍ଗା ସପ୍ତଶତୀ ବର୍ଣ୍ଣନା ଅନୁଯାୟୀ

'ଓଁ..ଦେବି ପ୍ରପନ୍ନାର୍ତ୍ତିହରେ ପ୍ରସୀଦ ପ୍ରସୀଦ ମାତର୍ଜଗତୋଽଖିଳସ୍ୟ।
ପ୍ରସୀଦ ବିଶ୍ୱେଶ୍ୱରି ପାହି ବିଶ୍ୱଂ ତ୍ୱମୀଶ୍ୱରୀ ଦେବି ଚରାଚରସ୍ୟ ।।

ହେ ମା ଜଗତ ଅଖିଳ ବ୍ରହ୍ମାଣ୍ଡକୁ ଆଛାଦିତ କରି ସମଗ୍ର ବିଶ୍ୱ ର କୋଣ ଅନୁକୋଣ ଆପଣଙ୍କ ପ୍ରସାଦ ସନ୍ତାନ ମାନଙ୍କୁ ପ୍ରଦାନ କରନ୍ତୁ। ମା ଜଗତ ଜନନୀ କର୍ମ, ଭକ୍ତି ଏବଂ ଜ୍ଞାନ ର ତ୍ରିବିଧ ମନ୍ଦାକିନୀ ପ୍ରବାହିତ ହୋଇ ଭକ୍ତ ମାନଙ୍କୁ ଆଶୀଷ ପ୍ରଦାନ କରିଥାନ୍ତି। ସେ ଆଦ୍ୟାଶକ୍ତି, ଭବାନୀ, ଭୂତାନି, ଶକ୍ତିପ୍ରଦାୟିନୀ ଭାବରେ ପୂଜିତ।

ଧରା ପୃଷ୍ଠରେ ଆସୁରିକ ଶକ୍ତିର ପ୍ରବଲ୍ୟ ରେ ସମସ୍ତ ପ୍ରାଣୀ ନିର୍ଯ୍ୟାତିତ ହୋଇ, ମାଙ୍କ ଆରାଧନା ପୂର୍ବକ ସ୍ତୁତି କରିଥାନ୍ତି। ଭାରତୀୟ ସଂସ୍କୃତିରେ ଶକ୍ତି ର ଭିନ୍ନ ଭିନ୍ନ ସ୍ୱରୂପକୁ ଉପାସନା କରାଯାଇ ଶ୍ରଦ୍ଧାଳୁଗଣ ଦୈବୀ ଶକ୍ତିଙ୍କ କୃପା ଲାଭ କରିଥାନ୍ତି। ଦେବୀ ଙ୍କୁ ମହାକାଳୀ, ମହାଲକ୍ଷ୍ମୀ, ମହା ସରସ୍ୱତୀ ଙ୍କ ସମ୍ମିଳିତ ଶକ୍ତି ଭାବରେ ଆରାଧନା କରାଯାଇଥାଏ। ଏହି ମହା ଶକ୍ତିଙ୍କ ବର୍ଣ୍ଣନା ଅନୁଯାୟୀ

'ଏ କୈବ ଶକ୍ତିଃ ପରମେଶ୍ୱରସ୍ୟ
ଭିନ୍ନା ଚତୁର୍ଦ୍ଧା ବିନିଯୋଗ କାଳେ
ଭୋଗେ ଭବାନୀ ପୁରୁଷେଷୁ ବିଷ୍ଣୁ
କୋପେ ଚକାଳୀ ସମରେଷୁ ଦୁର୍ଗା'

ଏହି ମହା ଶକ୍ତିଙ୍କ ପରାମର୍ଶ। ଏକ ମାତ୍ର ସତ୍ୟ। ଯିଏ ଆବଶ୍ୟକ ଅନୁସାରେ ଭିନ୍ନ ଭିନ୍ନ ରୂପ ନେଇଥାନ୍ତି। ଆଦ୍ୟା ଶକ୍ତିଙ୍କ ସହାୟତା ରେ ସୃଷ୍ଟି ସ୍ଥିତି ଓ ପ୍ରଳୟ କ୍ରିୟା ସମାହିତ ହେଉଅଛି।

ସୃଷ୍ଟି, ସ୍ଥିତି, ସଂହାର ମୂଳରେ ଦେବୀଙ୍କ ଶକ୍ତିର ଉପଯୋଗ ହେଇଥାଏ। ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ସମସ୍ତ ଯୁଗରେ ଦେବୀ ସର୍ବ ଶକ୍ତି ର ଆଧାର। ପ୍ରୟୋଜନ କାଳେ ଏକାଧିକ ରୂପ ଓ ନାମରେ ଆବିର୍ଭୁତ ହୁଅନ୍ତି। ମୂଳ ଉଦ୍ଦେଶ୍ୟ ହେଉଛି ଆସୁରିକ ଶକ୍ତିର ବିଲୋପନ କରି ଦୈବୀ ଶକ୍ତି ବଳରେ ସଂସାରକୁ ରକ୍ଷା କରିବା। ଶିବ ଓ ଶିବା ଅଭିନ୍ନ ସ୍ୱରୂପ। ଶିବାଙ୍କ ଶକ୍ତି ବିନା ଶିବ ମଙ୍ଗଳମୟ ହେଇପାରନ୍ତି ନାହିଁ। ଆଦି ଶଙ୍କରାଚାର୍ଯ୍ୟ ରଚିତ ଦେବ୍ୟପରାଧକ୍ଷମାପନସ୍ତୋତ୍ରମ୍ ବର୍ଣ୍ଣନା ଅନୁଯାଇ,



'ଚିତାଭସ୍ମାଲେପୋ ଗରଳମଶନଂ ଦିକପଟଧରୋ।
ଜଟାଧାରୀ କଣ୍ଠେ ଭୁଜଗପତିହାରୀ ପଶୁପତିଃ।
କପାଳୀ ଭୂତେଶୋ ଭଜତି ଜଗଦୀଶୈକପଦବୀଂ।
ଭବାନୀ ତ୍ୱତପାଣିଗ୍ରହଣପରିପାଟ ଫଳମିଦମ୍'

ଚିତାଭସ୍ମ ବିଲେପିତ, ଗଳାରେ ଗରଳ, କଣ୍ଠରେ ଭୁଜଙ୍ଗ, ଜଟାଧାରୀ, ଶସ୍ମାନ ବାଶିନ ଶିବ ମା ଭବାନୀଙ୍କ ପାଣିଗ୍ରହଣ ପରେ ଦେବ ଦେବ ମହାଦେବ ଭାବରେ ଅମାପ ଶକ୍ତି ପାଇ ସଂସାର ରେ ପୂଜିତ ହେଲେ। ମଙ୍ଗଳ ମୟ ଜଗତ ହିତକାମୀ ଶିବ ମାଙ୍କ ଶକ୍ତି ବିନା ସମ୍ପୂର୍ଣ ହେଇପାରନ୍ତି ନାହିଁ।

ଶାରଦୀୟ ଦୁର୍ଗାପୂଜା ଅବସରରେ ବିଭିନ୍ନ ମଣ୍ଡପରେ ମେଢ଼ ନିର୍ମାଣ ଠାରୁ ଆରମ୍ଭ କରି ଆଲୋକ ସଜା, ଭକ୍ତି ସଙ୍ଗୀତ ପରିବେଷଣ କରାଯାଇ ଏକ ଆନନ୍ଦ ମୟ ପରିବେଶ ସୃଷ୍ଟି ହେଇଥାଏ। ଏହି ଉତ୍ସବ ସାର୍ବଜନୀନ ହେଇଥିବାରୁ ସମଷ୍ଟି ଶକ୍ତିରେ ଏହାର ମହତ୍ୱ ବୃଦ୍ଧି ପାଇଥାଏ। ବ୍ୟକ୍ତି ନୁହଁ ସମଷ୍ଟି ଆମ ସାଂସ୍କୃତିକ ବିଭବର ବୈଶିଷ୍ଟ୍ୟ। ମା ଦୁର୍ଗା ଅନ୍ୟ ଦେବା ଦେବୀ ଙ୍କ ଠାରୁ ଭିନ୍ନ ରୂପରେ ପୂଜିତ ହେଇଥାନ୍ତି।

ସପ୍ତଶତି ଚଣ୍ଡୀର ବର୍ଣ୍ଣନା ଅନୁଯାୟୀ ଅତ୍ୟାଚାରୀ ମହିଶାସୁର ସଂହାର ନିମିତ୍ତ ଦେବୀ ଆବିର୍ଭୁତ ହେଲେ। ମହାଦେବ ତ୍ରିଶୂଳ, ବିଷ୍ଣୁ ଚକ୍ର, ବରୁଣ ଶଙ୍ଖ ଓ ପାଶ, ଅଗ୍ନି ଶକ୍ତି (ଜ୍ୱାଳା), ବାୟୁ ଧନୁ ଓ ଶରପୂର୍ଣ୍ଣ ତୂଣୀର, ଇନ୍ଦ୍ର ବଜ୍ର ଓ ଘଣ୍ଟା, ଯମ କାଳଦଣ୍ଡ, ପ୍ରଜାପତି ସ୍ଫଟିକମାଳା, ବ୍ରହ୍ମା କମଣ୍ଡଳୁ, ସୂର୍ଯ୍ୟ ରଶ୍ମି, କାଳପୁରୁଷ ଖଡ୍ଗ ଓ ଢାଲ, ବିଶ୍ୱକର୍ମା ପରଶୁ, ହିମାଳୟ ସିଂହବାହନ, କୁବେର ମଧୁପାତ୍ର, ସର୍ପରାଜ ଅନନ୍ତ ମଣିମଣ୍ଡିତ ନାଗହାର, ଆଦି ସମସ୍ତ ଦେବଗଣ ଭିନ୍ନ ଭିନ୍ନ ଅସ୍ତ୍ର ଦୁର୍ଗା ଦେବୀଙ୍କୁ ପ୍ରଦାନ କରିଥିଲେ। ଏଭଳି ଅସ୍ତ୍ର ଶସ୍ତ୍ର ରେ ସଜିତ ହୋଇ ରଣକ୍ଷେତ୍ର ରେ ଅବତୀର୍ଣ୍ଣ ହେଇଥିଲେ।

ଗଣତନ୍ତ୍ର ଶାସନ ବ୍ୟବସ୍ଥା ରେ ମଧ୍ୟ ସର୍ବାଧିକ ମତ କୁ ସମ୍ମାନ ଦିଆଯାଇ ଶାସକ ନିର୍ବାଚିତ ହେଇଥାନ୍ତି। ଜଣ ନୁହଁ ଗଣ ଏହାହିଁ ଗଣତାନ୍ତ୍ରିକ ବ୍ୟବସ୍ଥା ର ମୂଳ ମନ୍ତ୍ର। ଶାସନ ର ଦୃଷ୍ଟି ଜନଗଣଙ୍କ ପାଇଁ ଉଦିଷ୍ଟ। ଏହି ବିଚାରକୁ ଆଧାର କରି ଆମଦେଶ ରେ ଗଣତନ୍ତ୍ର ପରିପୃଷ୍ଟ ହେଉଅଛି। ପଶ୍ଚାତ ଦେଶରେ ଗଣତନ୍ତ୍ର ଶାସନ ବ୍ୟବସ୍ଥା ପ୍ରଚଳନ ବହୁ ପୂର୍ବରୁ ଆମ ସାଂସ୍କୃତିକ ଓ ଆଧାତ୍ମିକ ଚେତନାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସ୍ଥାନିତ ହେଇଅଛି।

ଉପନିଷେଦରେ କୁହାଯାଇଛି --
(ସଂଗଚ୍ଛଧ୍ୱଂ ସଂବଦଧ୍ୱଂ ସଂ ବୋ ମନାଂସି ଜାନତାମ୍। ଦେବା ଭାଗଂ ଯଥା ପୂର୍ବେ ସଞ୍ଜାନାନା ଉପାସତେ)

ଅର୍ଥାତ୍ ଆମେ ସମସ୍ତେ ଏକ ସାଙ୍ଗରେ ଗମନ କରିବା ଏକ ସ୍ୱରରେ ସମ୍ଭାଷଣ କରିବା। ଏହା ସମଷ୍ଟି ପାଇଁ ମଙ୍ଗଳ ମୟ ହେଇଥାଏ। ଯେପରି ପ୍ରାଚୀନ କାଳରେ ଦେବତାମାନେ ଏକମତ ଓ ସୁସଂଗଠିତ ହୋଇ ନିଜ ନି

ନେତା ନାହାନ୍ତି, ତ୍ରିରଙ୍ଗା ଧରି ରାସ୍ତାକୁ ଓହ୍ଲାଇଲେ ଲୋକେ

'ଭୋଟ୍ ଚୋର୍ ଗଦ୍ଦି ଛୋଡ୍' ନାରାରେ କମ୍ପିଲା କନ୍ନଟ ପ୍ଲେସ୍

ତ୍ରିରଙ୍ଗା ରାଲିରେ ସାମିଲ୍ ହେଲେ ଅର୍ଥନୀତିଜ୍ଞ ଜିନ୍ ଡ୍ରେଜ୍

ପତାକା ଛଡ଼ାଇଲା ଦିଲ୍ଲୀ ପୁଲିସ୍

ନୂଆଦିଲ୍ଲୀ,୧୭।୧୦: ଦିଲ୍ଲୀର କନଟ୍ ପ୍ଲେସ୍‌ରେ ସୃଷ୍ଟି ହୋଇଛି ଏକ ଅଭୂତପୂର୍ବ ଉତ୍ତେଜନା। ସିଜେପି ନେତାମାନଙ୍କୁ ପୁଲିସ ଗିରଫ କରି ଅଟକ ରଖିଥିଲେ ମଧ୍ୟ ରାଜଧାନୀର ରାଜରାସ୍ତାକୁ ଓହ୍ଲାଇ ଆସିଛନ୍ତି ସାଧାରଣ ଜନତା। କୌଣସି ବଡ଼ ନେତାଙ୍କ ବିନା ହାତରେ ତ୍ରିରଙ୍ଗା ପତାକା ଧରି ଛାତ୍ରଛାତ୍ରୀ, କିଶୋର, ମଧ୍ୟବିତ୍ତ ବୃତ୍ତିଜୀବୀ ଓ ବୃଦ୍ଧବୃଦ୍ଧାମାନେ ସ୍ୱତଃସ୍ଫୁର୍ତ୍ତ ଭାବେ ଏକାଠି ହୋଇ ଭୋଟ୍ ଅଧିକାର ଓ ସରକାରୀ ଦୁର୍ନୀତି ବିରୋଧରେ ଗର୍ଜିଛନ୍ତି। ଏହି ଲଢ଼େଇ କେବଳ କୌଣସି ଦଳର ନୁହେଁ, ବରଂ ଏହା ସାଧାରଣ ଜନତାଙ୍କ ଅସ୍ତିତ୍ୱ ଓ ସମ୍ମାନର ଲଢ଼େଇ ବୋଲି ପ୍ରମାଣିତ ହୋଇଛି।

ଭୋଟ୍ ଦେବାକୁ ଆହୁରି ବର୍ଷେ ବାକି ଥିବା ୧୮ ବର୍ଷର ଯୁବକ ବିଶ୍ୱଜିତ୍ ତ୍ରିରଙ୍ଗା ଲହରାଇ କହିଛନ୍ତି, 'ଯେତେବେଳେ ମୁଁ ଭୋଟ୍ ଦେବାକୁ ଯୋଗ୍ୟ ହେବି, ମୋର ସ୍ୱରକୁ ସମ୍ମାନ ମିଳିବା ଦରକାର, ଦଳିବା ଉଚିତ୍ ନୁହେଁ। ଯଦି ଆଜି ମୁଁ ଭୋଟ୍ ଅଧିକାର ହରାଇଥିବା ଲୋକଙ୍କ ପାଇଁ ନ ଠିଆ ହୁଏ, ତେବେ କାଲି ମୋ ପାଇଁ କେହି ବି ଠିଆ ହେବେ ନାହିଁ।' ତାଙ୍କ ଭଳି ଶହ ଶହ କିଶୋର ମଣ୍ଡି ହାଉସ୍ ଓ କନଟ୍ ପ୍ଲେସ୍‌ରେ କଡ଼ା ସୁରକ୍ଷା ବଳୟକୁ ଖାତିର ନ କରି ଖଣ୍ଡଖଣ୍ଡ ହୋଇ ପ୍ରତିବାଦ ଜଣାଇଥିଲେ।

ସେଣ୍ଟ୍ରାଲ୍ ପାର୍ଟ ଚାରିପାଖରେ ଦିଲ୍ଲୀ ପୁଲିସ ମାନବ ଶୃଙ୍ଖଳ ଗଢ଼ି କଡ଼ା ପହରା ଦେଇଥିବାବେଳେ ସେଠାରେ ପ୍ରତିବାଦୀଙ୍କଠାରୁ ଅଧିକ ଗଣମାଧ୍ୟମ ପ୍ରତିନିଧି ଓ ସୁରକ୍ଷାକର୍ମୀ ନଜର ଆସିଥିଲେ। ଭାରତୀୟ ନ୍ୟାୟ ସଂହିତା ୧୬୩ ଧାରା ବଳବତ୍ତର ଥିବାରୁ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହି ସମୟରେ 'ମୋଦି, ମୋଦି' ଓ 'ଗୋଦି, ଗୋଦି' ସ୍ଲୋଗାନକୁ କେନ୍ଦ୍ର କରି ଦଳୀୟ ସମର୍ଥକ ଏବଂ ଜନତାଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଉତ୍ତେଜନା ଦେଖାଦେଇଥିଲା।

ଦିନତମାମ ଛୋଟ ଛୋଟ ଦଳରେ ଲୋକେ ହାତରେ ତ୍ରିରଙ୍ଗା ଧରି 'ଜୟହିନ୍ଦ' ଧ୍ୱନି ଦେଇ କନଟ୍ ପ୍ଲେସ୍‌ର ଭିତର ଚକ୍କରରେ ବୁଲିଥିଲେ। 'ଭୋଟ୍ ଚୋର୍, ଗଦ୍ଦି ଛୋଡ୍' ଲେଖାଥିବା କଷ୍ଟମାଇଜ୍‌ଡ ଟି-ସର୍ଟ ଓ ଜେନ୍-ଜି ଶୈଳୀର ବିସ୍ଫୋରକ ପ୍ଲାକାର୍ଡ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସନ୍ଧ୍ୟା ନଇଁବା ସହ ହଜାର ହଜାର ସଂଖ୍ୟାରେ ଲୋକେ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ ବିଶ୍ୱବିଖ୍ୟାତ ଅର୍ଥନୀତିଜ୍ଞ ଜିନ୍ ଡ୍ରେଜ୍ ମଧ୍ୟ କୌଣସି ଦଳୀୟ ପରିଚୟ ବିନା ସମ୍ପୂର୍ଣ୍ଣ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ରାତି ଗଭୀର ହେବା ସହ ପରିସ୍ଥିତି ଅତି ଭୟଙ୍କର ରୂପ ନେଇଥିଲା। ପୁଲିସ ଆନ୍ଦୋଳନକାରୀଙ୍କଠାରୁ ତ୍ରିରଙ୍ଗା ପତାକା ଛଡ଼ାଇ ନେଇଥିଲା। ସେମାନଙ୍କୁ ବଳପୂର୍ବକ ରାସ୍ତାରୁ ଘୋଷାଡ଼ି ନେଇଥିଲା। ଗିରଫ କରାଯାଇଥିବା ଲୋକଙ୍କୁ ନେଇ ଯାଉଥିବା ପୁଲିସ ବସ୍‌କୁ ଅଟକାଇବାରୁ ପୁଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସମସ୍ତ ଦମନଲୀଳା ଓ ଭୟର ବାତାବରଣକୁ ମାଡ଼ିମାଡ଼ି କନଟ୍ ପ୍ଲେସ୍‌ର ରାସ୍ତାରେ ଜନସାଧାରଣଙ୍କ ଏହି ବିପ୍ଳବ ପ୍ରମାଣିତ କରିଛି ଯେ, କେବଳ ଭୋଟ୍ ଦେବା ନୁହେଁ, ବରଂ ସରକାରଙ୍କୁ ଉତ୍ତରଦାୟୀ କରିବା ପାଇଁ ଜନତାଙ୍କ ସଂଘର୍ଷ କେବେ ବି ବନ୍ଦ ହେବ ନାହିଁ।

ଆଡଭାନୀ ଅସୁସ୍ଥ ଆଇସିୟୁରେ ଭର୍ତ୍ତି



ନୂଆଦିଲ୍ଲୀ,୧୭।୧୦: ବରିଷ୍ଠ ବିଜେପି ନେତା ଲାଲ୍ କୃଷ୍ଣ ଆଡଭାନୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଛନ୍ତି। ଶ୍ୱାସନଳୀ ସଂକ୍ରମଣ ଯୋଗୁ ଆଡଭାନୀଙ୍କୁ ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପଲ୍‌ମୋନାରି (ଫୁସ୍‌ଫୁସ୍) ବିଭାଗର ଏକ ଡାକ୍ତରୀ ଦଳ ଆଡଭାନୀଙ୍କର ଚିକିତ୍ସା କରୁଛନ୍ତି। ଆଡଭାନୀଙ୍କ ସ୍ୱାସ୍ଥ୍ୟକୁ ନେଇ ଆପୋଲୋ ହସ୍ପିଟାଲ ପକ୍ଷରୁ ବିବୃତି ଜାରି କରାଯାଇଛି। ଛାତିରେ ସଂକ୍ରମଣ ଯୋଗୁଁ ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ବିନୀତ ସୁରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା କରାଯାଉଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟ ଉପରେ ନିରନ୍ତର ନଜର ରଖିଛନ୍ତି।

ଏହି ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଆପୋଲୋ ହସ୍ପିଟାଲରେ ପହଞ୍ଚି ଲାଲକୃଷ୍ଣ ଆଡଭାନୀଙ୍କୁ ଭେଟିଛନ୍ତି। ଏହା ସହିତ ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ସୂଚନା ନେଇଛନ୍ତି।

୯୮ ବର୍ଷୀୟ ଆଡଭାନୀ ଚଳିତ ବର୍ଷ ମେ' ମାସରେ ମଧ୍ୟ ବୟସଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ କିଛି ଦିନ ହସ୍ପିଟାଲରେ ରହିବା ପରେ ଡିସଚାର୍ଜ ହୋଇଥିଲେ। ଏହା ପୂର୍ବରୁ ଡିସେମ୍ବର ୨୦୨୪ରେ ମଧ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପୂର୍ବତନ ଉପପ୍ରଧାନମନ୍ତ୍ରୀଙ୍କୁ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ମଧ୍ୟ ଡାକ୍ତର ବିନୀତ ସୁରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ହୋଇଥିଲା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା।

ଭାରତକୁ ମିଳିଲା ସାମୟିକ ଆଶ୍ୱସ୍ତି

ରୁଷ ଉପରୁ ପ୍ରତିବନ୍ଧକ ହଟାଇଲା ଆମେରିକା

ୱାଶିଂଟନ, ୧୭।୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଶୁଳ୍କ ରିହାତି ପ୍ରଦାନ କରିବାକୁ କହିଛନ୍ତି। ରୁଷ ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ପାଇଁ ଏକ ନୂତନ ଆଇନ ଅନ୍ତର୍ଗତ ଲାଗୁ ହୋଇଥିବା ପ୍ରତିବନ୍ଧକ, କଟକଣା ଓ ଶୁଳ୍କକୁ ସେ ଛାଡ଼ କରିଛନ୍ତି। ଏହି ନିଷ୍ପତ୍ତି ରୁଷରୁ ଅଶୋଧିତ ତୈଳ କିଣୁଥିବା ଭାରତ ଓ ଚୀନ୍‌କୁ ସମ୍ଭାବ୍ୟ ଆମେରିକା ବାଣିଜ୍ୟ କାର୍ଯ୍ୟାନୁଷ୍ଠାନରୁ ମୁକ୍ତି ପ୍ରଦାନ କରିବ। ଜାରି ଏକ କାର୍ଯ୍ୟନିର୍ବାହୀ ଆଦେଶରେ ଟ୍ରମ୍ପ କହିଛନ୍ତି ଯେ, ଏହି ଛାଡ଼ ପ୍ରଦାନ କରିବା ଆମେରିକାର ଜାତୀୟ ସ୍ୱାର୍ଥ ପାଇଁ କରାଯାଇଛି। ହ୍ୱାଇଟ୍ ହାଉସ୍ ଦ୍ୱାରା ଜାରି ଏକ ଆଦେଶ ଅନୁଯାୟୀ ଟ୍ରମ୍ପ ସେପ୍ଟେମ୍ବରରେ ଗୃହୀତ ଲିଖସେ ଓ. ଗ୍ରାହାମ୍ ସନକ୍ସିଂ ରୁଷିଆ ଏବଂ ଇରାନ ଆଇନ ଅନ୍ତର୍ଗତ ଅନେକ କଟକଣା ଏବଂ ଶୁଳ୍କ ବ୍ୟବସ୍ଥାକୁ ଛାଡ଼ କରିଛନ୍ତି।

ଏହି ଆଇନ ରୁଷିଆରୁ ଶକ୍ତି କ୍ରୟ ଜାରି ରଖୁଥିବା ଦେଶଗୁଡ଼ିକ ଉପରେ ଆର୍ଥିକ ଚାପ ପକାଇବା ଏବଂ ରୁଷିଆ ପ୍ରତିବନ୍ଧକରୁ ରକ୍ଷା କରିବାରେ ସାହାଯ୍ୟ କରିବା ପାଇଁ ପ୍ରଚଳନ କରାଯାଇଥିଲା।

ଏହି ଆଇନ ଅନୁଯାୟୀ ରୁଷର ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କିଣୁଥିବା ପାଞ୍ଚ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ୧୦୦% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରାଯିବାକୁ କୁହାଯାଇଥିଲା। ରୁଷକୁ ପ୍ରତିବନ୍ଧକରୁ ରକ୍ଷା କରିବାରେ ସାହାଯ୍ୟ କରୁଥିବା ପ୍ରମୁଖ ଦେଶଗୁଡ଼ିକ ଉପରେ ମଧ୍ୟ ସମାନ ଶୁଳ୍କ ଲାଗୁ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ କହିଥିଲେ। ଟ୍ରମ୍ପ ତାଙ୍କ ଆଦେଶରେ ଏହି ବ୍ୟବସ୍ଥାଗୁଡ଼ିକର ଛାଡ଼କୁ ଆମେରିକାର ଜାତୀୟ ସ୍ୱାର୍ଥ ପାଇଁ ବୋଲି ବର୍ଣ୍ଣନା କରିଛନ୍ତି। ତଥାପି, ଏହାର ଅର୍ଥ ନୁହେଁ ଯେ, ରୁଷ ଉପରେ ଥିବା ସମସ୍ତ ଆମେରିକାର କଟକଣା ପ୍ରତ୍ୟାହାର କରାଯାଇଛି।

ଏହି ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ, ପୂର୍ବ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଅନୁଯାୟୀ ଲାଗୁ ହୋଇଥିବା କଟକଣା ବଳବତ୍ତର ରହିବ।

ଅଜୟ ଦେବଗନଙ୍କ ବଙ୍ଗଳା ଭାଙ୍ଗିଲା ବିଏମସି

ମୁମ୍ବାଇ,୧୭।୧୦: ମୁମ୍ବାଇର ଜୁହୁ ଅଞ୍ଚଳରେ ସୁପରଷ୍ଟାର ଅଜୟ ଦେବଗନଙ୍କ ବଙ୍ଗଳାର କିଛି ଅଂଶକୁ ବୃହତ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ(ବିଏମସି) ପକ୍ଷରୁ ଭାଙ୍ଗି ଦିଆଯାଇଛି। ଆବଶ୍ୟକୀୟ ଅନୁମୋଦନ ବିନା ଏଠାରେ ନିର୍ମାଣ ଏବଂ ପରିବର୍ତ୍ତନ କରାଯାଉଥିଲା ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ଦ୍ୱାରା କାମ ବନ୍ଦ କରିବା ପାଇଁ ନୋଟିସ୍ ମଧ୍ୟ ଜାରି

କରାଯାଇଥିଲା। ବିଏମସି ଦ୍ୱାରା 'ଷ୍ଟପ୍-ୱାର୍କ' ନୋଟିସ୍ ଜାରି କରାଯିବାର କିଛି ଦିନ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଜୟ ଦେବଗନଙ୍କ ବଙ୍ଗଳା ମୁମ୍ବାଇର ଜୁହୁ ଅଞ୍ଚଳର କପୋଲ କୋ-ଅପରେଟିଭ୍ ହାଉସିଂ ସୋସାଇଟିରେ ଅବସ୍ଥିତ। ଏହାର କ୍ଷେତ୍ରଫଳ ପ୍ରାୟ ୭, ୮୦୨ ବର୍ଗଫୁଟ ବୋଲି ରିପୋର୍ଟ କରାଯାଇଛି।

ମ୍ୟୁନିସିପାଲ କର୍ପୋରେସନ ଅନୁଯାୟୀ, ବଙ୍ଗଳାରେ ବିଭିନ୍ନ ପରିବର୍ତ୍ତନ କରାଯାଉଥିଲା, ଯେଉଁଥିରେ ଭିତର ପରିବର୍ତ୍ତନ, ପାର୍ଟିସନ କାନ୍ଥ ନିର୍ମାଣ, ଝରକା ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା।

ଜରୁରୀ ବୈଠକ ଡାକିଲେ ଷ୍ଟାଲିନ୍

ଦମନକାରୀ ଦିଲ୍ଲୀ ପୁଲିସ୍‌କୁ କଡ଼ା ସମାଲୋଚନା

ଚେନ୍ନାଇ/ନୂଆଦିଲ୍ଲୀ, ୧୭।୧୦: ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍)କୁ ନେଇ ଦେଶବ୍ୟାପୀ ଜାରି ରହିଥିବା ବିକ୍ଷୋଭ ମଧ୍ୟରେ ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଡିଏମକେ ଚେନ୍ନାଇରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସଦଙ୍କ ଜରୁରୀ ବୈଠକ ଡାକିଛନ୍ତି। ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଏସଆଇଆର୍ ପ୍ରତିବାଦ ଏବଂ ଆଗାମୀ ରାଜନୈତିକ ରଣନୀତି ଉପରେ ଚର୍ଚ୍ଚା ହେବ।

ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଏବଂ ଅନ୍ୟାନ୍ୟ ଯୁବ ନେତାଙ୍କୁ ଦିଲ୍ଲୀ ପୁଲିସ ଦ୍ୱାରା ଅଟକ ରଖାଯିବା ଘଟଣାକୁ ଷ୍ଟାଲିନ୍ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଆନ୍ଦୋଳନକୁ ଯେତେ ଦବାଇବାକୁ ଚେଷ୍ଟା କରାଯିବ, ଏହା ସେତେ ଶକ୍ତିଶାଳୀ ହେବ। ଏହାସହ ସେ 'ଜ୍ଞାନେଶ କୁମାର ମଷ୍ଟ ଗୋ' ହ୍ୟାସଟ୍ୟାଗ୍ ସହ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଦାବି କରିଛନ୍ତି।

ଅପରପକ୍ଷରେ, ଚଳିତ ମାସ ଶେଷରେ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ଆରକ୍ଷଣ ବିଲ୍ ଆଗତ କରିବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ଚାଲିଛି। ୨୨ ଜଣ ସାଂସଦ ଥିବା ଡିଏମକେ ସୀମା ପୁନଃନିର୍ଦ୍ଧାରଣ ବିଲ୍‌ର କଠୋର ସମାଲୋଚକ ହୋଇଥିବା ବେଳେ ବିଲ୍ ପାରିତ ହେବାରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।

ଡିଭାଇଡର ଭାଙ୍ଗି ଡ୍ରେନକୁ ଖସିଲା ବସ୍, ୮ ମୃତ

କୋଟା,୧୭।୧୦: ରାଜସ୍ଥାନର କୋଟାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଶନିବାର ସକାଳେ ଭୟଙ୍କର ଦୁର୍ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମଧ୍ୟପ୍ରଦେଶରୁ ଯାତ୍ରୀମାନଙ୍କୁ ନେଇ ଜୟପୁର ଯାଉଥିବା ଏକ ଯାତ୍ରୀ ଗାଡ଼ି ସିମିଲିଆ ପୁଲିସ ଷ୍ଟେସନ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନିୟନ୍ତ୍ରଣ ହରାଇ ଗାଡିଟି ଡିଭାଇଡର ଭାଙ୍ଗି ପ୍ରାୟ ୨୦ ଫୁଟ ତଳେ ଥିବା ଏକ ଷ୍ଟର୍ମ ଡ୍ରେନ୍ ଭିତରକୁ ଖସିପଡ଼ିଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୮ ଜଣ ପ୍ରାଣ ହରାଇଥିବା ବେଳେ ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସକାଳ ପ୍ରାୟ ୭ଟା ସମୟରେ କରାଡିଆ ଟୋଲ୍ ପ୍ଲାଜା ପାର ହେବା ପରେ ସୁଲତାନପୁର ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ପ୍ରାଥମିକ ସୂଚନା ଅନୁଯାୟୀ ଯାତ୍ରା ସମୟରେ ନିଦ ଲାଗିବା ଯୋଗୁଁ ଦୁର୍ଘଟଣାର କାରଣ ବୋଲି ଅନୁମାନ କରାଯାଉଛି।

ଅନୁପ୍ରବେଶ ଉଦ୍ୟମ ପଣ୍ଡ, ୨ ଆତଙ୍କବାଦୀଙ୍କୁ ଏନ୍‌କାଉଣ୍ଟର

ଶ୍ରୀନଗର,୧୭।୧୦: ଉତ୍ତର କାଶ୍ମୀରର କୁପୱାରା ଜିଲ୍ଲାରେ ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ଏକ ସର୍ଚ୍ଚ ଅପରେସନ ସମୟରେ ଶନିବାର ଦୁଇ ଜଣ ଆତଙ୍କବାଦୀଙ୍କୁ ଏନକାଉଣ୍ଟର କରାଯାଇଛି। ସୂତ୍ର ଅନୁଯାୟୀ, କେରାନ ସେକ୍ଟରର ଜୁମାଗୁଣ୍ଡ ଅଞ୍ଚଳରେ ଯବାନମାନେ କିଛି ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଭାରତୀୟ ଯବାନଙ୍କ ଉପରକୁ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ଜବାବରେ ଯବାନମାନେ ପାଲଟା ଆକ୍ରମଣ ଆରମ୍ଭ କରିଥିଲେ। ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ କହିଛନ୍ତି, ଭୋର ପ୍ରାୟ ସାଢ଼େ ୩ଟା ସମୟରେ ଏନକାଉଣ୍ଟରରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଅଧିକ ଆତଙ୍କବାଦୀ ଲୁଚି ରହିଥିବାର ଆଶଙ୍କା ଥିବାରୁ ସର୍ଚ୍ଚ ଅପରେସନ ଜାରି ରହିଛି। ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ପାକିସ୍ତାନ ପଟୁ ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରିବା ଷଡ଼ଯନ୍ତ୍ର କରୁଥିବା ଆଶଙ୍କା ରହିଛି। ଗୁଇନ୍ଦା ସୂଚନା ଅନୁଯାୟୀ ପାକ୍ ଅଧିକୃତ କାଶ୍ମୀର(ପିଓକେ)ରେ ପ୍ରାୟ ୫୦୦ ଆତଙ୍କବାଦୀ ଲଞ୍ଚପ୍ୟାଡରେ ସୁଯୋଗକୁ ଉଣ୍ଡି ବସିଛନ୍ତି।

ଦିଲ୍ଲୀରେ ଡିଟିସି ବସ୍ ଧକ୍କାରେ ଜଣେ ମୃତ, ୫ ଆହତ

ନୂଆଦିଲ୍ଲୀ,୧୭।୧୦: ଦିଲ୍ଲୀର ଆନନ୍ଦ ପର୍ବତ ଅଞ୍ଚଳରେ ଶନିବାର ଏକ ଡିଟିସି ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଲୋକ ଆହତ ହୋଇଛନ୍ତି। ଡିବିଜି ରୋଡ୍‌ରେ ଘଟିଥିବା ଏହି ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଜଣେ ମହିଳା ବସ୍ ଚଳାଉଥିଲେ। ବସ୍‌ଟି ଏକ ସ୍କୁଟିକୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇଥିଲା। ସ୍କୁଟିରେ ଥିବା ଦୁଇଜଣ ଲୋକ ଆହତ ହୋଇଥିଲେ। ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଚାରି ଲୋକ ମଧ୍ୟ ବସ୍ ଧକ୍କାରେ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ସ୍କୁଟିଟି ବସ୍ ତଳେ ଫସି ଯାଇଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବସ୍ ଉପରକୁ ପଥର ମାଡ଼ କରିଥିଲେ। ଏଥିରେ ବସ୍‌ର କାଚ ଭାଙ୍ଗିଯାଇଥିଲା। ପୁଲିସ ପହଞ୍ଚିବା ପୂର୍ବରୁ ଏହି ଘଟଣା ଘଟିଥିଲା।

ତ୍ୱିଷା ଶର୍ମା ମୃତ୍ୟୁ ମାମଲା

ବିଚାର ସ୍ଥଗିତ ରଖିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୧୭।୧୦: ମଡେଲ୍ ତଥା ଅଭିନେତ୍ରୀ ତ୍ୱିଷା ଶର୍ମାଙ୍କ ମୃତ୍ୟୁ ମାମଲାର ବିଚାରକୁ ଭୋପାଳରୁ ଦିଲ୍ଲୀକୁ ସ୍ଥାନାନ୍ତର କରିବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ଭୋପାଳ ଅଦାଲତରେ ଚାଲିଥିବା ବିଚାର ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି। ଏହି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ତ୍ୱିଷାଙ୍କ ସ୍ୱାମୀ ସମର୍ଥ ସିଂହ ଓ ଶାଶୂ ଗିରିବାଳା ସିଂହଙ୍କଠାରୁ ଜବାବ ମାଗିଛନ୍ତି ସର୍ବୋଚ୍ଚ ଅଦାଲତ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ତ୍ୱିଷାଙ୍କ ବାପା ନବନିଧି ଶର୍ମାଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟପ୍ରଦେଶରେ ତାଙ୍କ ଝିଅଙ୍କୁ ନ୍ୟାୟ ମିଳିବା ନେଇ ଆଶଙ୍କା ପ୍ରକାଶ କରି ନବନିଧି ମାମଲାକୁ ଦିଲ୍ଲୀ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଅଭିଜିତ୍ ସିହ୍ନା ଯୁକ୍ତି ରଖିଥିଲେ ଯେ, ତ୍ୱିଷାଙ୍କ ଶାଶୂ ଗିରିବାଳା ସିଂହ ଜଣେ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ହୋଇଥିବାରୁ ଭୋପାଳରେ ତାଙ୍କର ପ୍ରଭାବ ରହିଛି। ତେଣୁ ମାମଲାର ନିରପେକ୍ଷ ବିଚାର ନେଇ ପରି

ଟି-୨୦ ସିରିଜ୍: ଟ୍ରଫି ବାଣ୍ଟିଲେ ଦୁଇ ଦଳ

ବର୍ଷା ଯୋଗୁଁ ଅନ୍ତିମ ମ୍ୟାଚ୍ ବାତିଲ୍

ବେଙ୍ଗାଲୁରୁ, ୧୭।୧୦(ସଂଚାର ବ୍ୟୁରୋ): ୱେଷ୍ଟଇଣ୍ଡିଜ୍ ଓ ଭାରତ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ଟି ୨-୨ରେ ଶେଷ ହୋଇଛି। ପୂର୍ବରୁ ଦୁଇ ଦଳ ଦୁଇଟି ଲେଖାଏଁ ବିଜୟ ହାସଲ କରି ଆଜି ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ମ୍ୟାଚ୍‌କୁ ନିର୍ଣ୍ଣାୟକ କରିଥିଲେ। କିନ୍ତୁ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ଟି ଶେଷରେ ବିନା ଫଇସଲାରେ ଶେଷ ହେବା ପରେ ଉଭୟ ଦଳ ଟ୍ରଫି ବାଣ୍ଟିଛନ୍ତି। ଲଗାଣ ବର୍ଷା ଯୋଗୁଁ ଆଜି ଧାର୍ଯ୍ୟ ସମୟରେ ଟସ୍ ପଡ଼ିପାରି ନଥିଲା। ପରେ ମ୍ୟାଚ୍ ଆରମ୍ଭ ସମୟ ବି ଗଡ଼ିଯାଇଥିଲା। ତେବେ ପାଖାପାଖି ଅଢ଼େଇ ଘଣ୍ଟା ବିଳମ୍ବରେ ପାଗରେ ସୁଧାର ଆସିବାରୁ ମ୍ୟାଚ୍ ଆରମ୍ଭ ହୋଇପାରିଥିଲା। ସମୟ ଯଥେଷ୍ଟ ଗଡ଼ିଯାଇଥିବାରୁ ୨୦ ଓଭର୍ ବଦଳରେ ମ୍ୟାଚ୍‌କୁ ୯ ଓଭର୍ ବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବୋଲିଂ କରିଥିଲା। ଫଳରେ ଭାରତ ବ୍ୟାଟିଂ ପାଇ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଓପନର ଅଭିଷେକ ଶର୍ମା ଗୋଟିଏ ଛକା ସହ ୬ ରନ୍ କରି ଆଉଟ୍ ହେବା ପରେ ତାଙ୍କ ସ୍ଥାନରେ ଆସିଥିବା ଈଶାନ୍ କିଶନ୍ ଚମତ୍କାର ବ୍ୟାଟିଂ କରିଥିଲେ। ସେ ମାତ୍ର ୧୦ଟି ବଲ୍‌ର ସମ୍ମୁଖୀନ ହୋଇ ୩ଟି ଚୌକା ଓ ୨ଟି ଛକା ସହ ୩୦ ରନ୍ କରିଥିଲେ। ସେହିପରି ସଞ୍ଜୁ ସାମ୍‌ସନ୍ ୭ ବଲ୍‌ରେ ୨ଟି ଚୌକା ଓ ଗୋଟିଏ ଛକା ସହ ୧୬ ରନ୍‌ର ଇନିଂସ ଖେଳିଥିଲେ। ଆହୁରି ଅଧିନାୟକ ଶ୍ରେୟସ୍ ଆୟର୍ ୨ଟି ଚୌକା ସହ ୨୨ ରନ୍ କରିଥିବା ବେଳେ ଗତ ମ୍ୟାଚ୍‌ରେ ଖାତା ଖୋଲିପାରି ନଥିବା ନମନ୍ ଧୀର ଛକା ମାଧ୍ୟମରେ ଖାତା ଖୋଲିଥିଲେ। ସେ ମାତ୍ର ୬ଟି ବଲ୍‌ର ସମ୍ମୁଖୀନ ହୋଇ ଧୂଆଁଧାର ୨୪ ରନ୍ କରି ଅପରାଜିତ ଥିଲେ। ତାଙ୍କର ଏହି ଇନିଂସରେ ଗୋଟିଏ ଚୌକା ଓ ୩ଟି ଛକା ରହିଥିଲା। ତେବେ ୭ ରନ୍ କରି ତିଲକ ବର୍ମା ଆଉଟ୍ ହେବା ପରେ ପୁଣିଥରେ ବର୍ଷା ଆରମ୍ଭ ହୋଇଯାଇଥିଲା। ସେତେବେଳକୁ ଭାରତ ୭.୪ ଓଭର୍‌ରେ ୫ ୱିକେଟ୍ ହରାଇ ୧୧୮ ରନ୍ କରିଥିଲା। ତେବେ ଆଉ ଖେଳ ସମ୍ଭବପର ନ ହେବାରୁ ମ୍ୟାଚ୍‌କୁ ବାତିଲ୍ ଘୋଷଣା କରାଯାଇଥିଲା ଓ ଦୁଇ ଅଧିନାୟକ ସିରିଜ୍ ବାଣ୍ଟିଥିଲେ। ଇଣ୍ଡିଜ୍ ପକ୍ଷରୁ କୀମୋ ପଲ୍ ଓ ଶମାର୍ ସ୍ପ୍ରିଙ୍ଗର୍ ୨ଟି ଲେଖାଏଁ ଏବଂ ଶମାର୍ ଜୋସେଫ୍ ଅନ୍ୟ ୱିକେଟ୍‌ଟି ନେଇଥିଲେ।

ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ୧୬୦ତମ ଶାଖା ଉଦ୍‌ଘାଟନ

କୋଲକାତା, ୧୭।୧୦(ସଂଚାର ବ୍ୟୁରୋ): ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ଆଇଓବି) ଆଜି କୋଲକାତାରେ ତାର ୧୬୦ ତମ ଶାଖା ଉଦ୍‌ଘାଟନ କରିଛି। ଫଳରେ ଏହି ରାଷ୍ଟ୍ରାୟାତ୍ତ ବ୍ୟାଙ୍କର ଦେଶବ୍ୟାପୀ ମୋଟ ଶାଖାର ସଂଖ୍ୟା ୩୬୪୨କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଏମ୍‌ଡି ଓ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅଜୟ କୁମାର ଶ୍ରୀବାସ୍ତବ କୋଲକାତା ଶାଖା ଉଦ୍‌ଘାଟନ କରିଛନ୍ତି।

ସ୍ୱଦେଶୀ କଳାରେ ସଜେଇହେଲା କୋନା ଖେଳାଘର

କୋଲକାତା, ୧୭।୧୦(ସଂଚାର ବ୍ୟୁରୋ): ହାଓଡ଼ାର ନସ୍କରପଡ଼ା ଲେନ୍‌ରେ 'କୋନା ଖେଳାଘର ସଂଘ' ଦ୍ୱାରା ଆୟୋଜିତ ଚଳିତ ବର୍ଷର ୨୭ତମ ବାର୍ଷିକ ଦୁର୍ଗାପୂଜାର ବିଷୟବସ୍ତୁ ହେଉଛି 'ଆଦି ଦୁର୍ଗା'। ପୂଜା ମଣ୍ଡପର ସାଜସଜ୍ଜାରେ ଦେବୀ ଦୁର୍ଗାଙ୍କ ସେହି ମୂଳ ତଥା ଆଦିମ ରୂପକୁ ଫୁଟାଇ ତୋଳାଯାଇଛି, ଯେଉଁ ରୂପରେ ସେ ପ୍ରଥମେ ଆବିର୍ଭୂତ ହୋଇଥିଲେ। ବାଉଁଶ, ପଟୁଆ କପଡ଼ା ଏବଂ ମାଟି ବ୍ୟବହାର କରି ନିର୍ମିତ ଏହି ମଣ୍ଡପର ମାଟି କାନ୍ଥଗୁଡ଼ିକରେ ସୁନ୍ଦର 'ଆଲପନା' (ପାରମ୍ପରିକ ଲୋକକଳା ଶୈଳୀ) ଚିତ୍ରିତ ହୋଇଛି। ଏହି କଳାତ୍ମକ ଉପାଦାନଗୁଡ଼ିକ ମାଧ୍ୟମରେ, ଏଠାରେ ବିଭିନ୍ନ ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟର ପାରମ୍ପରିକ କଳା, ହସ୍ତଶିଳ୍ପ ଏବଂ ଜୀବନଶୈଳୀର ଏକ ଜୀବନ୍ତ ଚିତ୍ର ପ୍ରଦର୍ଶିତ ହୋଇଛି। ଯେଉଁ ସମ୍ପ୍ରଦାୟଗୁଡ଼ିକ ବର୍ତ୍ତମାନ ସମାଜର ମୁଖ୍ୟଧାରାରୁ ଦୂରେଇ ରହିବା ସହ ନିଜର ସାଂସ୍କୃତିକ ପରିଚୟ ହରାଇବାର ବିପଦର ସମ୍ମୁଖୀନ ହେଉଛନ୍ତି।

ପରିବାରର ଭାବନାରେ ସୂତାରେ ବୁଣା ସ୍ୱାଧୀନତା

କୋଲକାତା, ୧୭।୧୦ (ସଂଚାର ବ୍ୟୁରୋ): ଫୁଲିଆସ୍ଥିତ ବସାକ ପରିବାରର ଦୁର୍ଗା ପୂଜା 'ସ୍ୱାଧୀନତା'ର ବିଷୟବସ୍ତୁ ଉପରେ ଆଧାରିତ। ଚଳିତ ବର୍ଷ ଏହି ପୂଜାର ୫୧ତମ ବାର୍ଷିକୀ ପାଳନ କରାଯାଉଛି। ପୂଜା ମଣ୍ଡପରେ ଭାରତର ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଚିତ୍ରିତ ହୋଇଛି। ଏଥିରେ ମହାତ୍ମା ଗାନ୍ଧୀଙ୍କ ସହ ଜଡ଼ିତ ଏକ ବିଶାଳ ଚରଖା ସ୍ଥାନ ପାଇଛି। ସୂତାର ଜଟିଳ ବ୍ୟବହାର ମାଧ୍ୟମରେ ଏକ ଅନନ୍ୟ କାହାଣୀ ବୁଣାଯାଇଛି, ଯେଉଁଥିରେ ଦେବୀ ଦୁର୍ଗାଙ୍କୁ 'ଭାରତ ମାତା' ରୂପେ ଚିତ୍ରଣ କରାଯାଇଛି। ଦେବୀଙ୍କ ଶାଢ଼ିର ଅଞ୍ଚଳକୁ ଭାରତୀୟ ଜାତୀୟ ପତାକା ଭାବରେ ଦର୍ଶାଯାଇଛି, ଯାହା ସର୍ବୋତ୍ତମ ଓ ସୁରକ୍ଷିତ ଆଶ୍ରୟସ୍ଥଳର ପ୍ରତୀକ ଅଟେ। ଦେବଦେବୀଙ୍କ ପ୍ରତିମାଗୁଡ଼ିକ କାନାଇ ଘୋଷଙ୍କ ଦ୍ୱାରା ନିର୍ମିତ ହୋଇଛି। ଏହା ବ୍ୟତୀତ, ମୁଖ୍ୟ ବିଷୟବସ୍ତୁ ଅନୁଯାୟୀ ପ୍ରସ୍ତୁତ ଦେବଦେବୀଙ୍କ ପ୍ରତିମା ଏବଂ ମଣ୍ଡପ ମଧ୍ୟରେ ପ୍ରଦର୍ଶିତ ବିଭିନ୍ନ ବିଶିଷ୍ଟ ଐତିହାସିକ ବ୍ୟକ୍ତିତ୍ୱଙ୍କ ମୂର୍ତ୍ତିଗୁଡ଼ିକୁ ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ସୁବୀର ପାଲ ନିର୍ମାଣ କରିଛନ୍ତି।

ବର୍ଦ୍ଧମାନରେ ବୁକ୍‌ଷ୍ଟଲ୍‌ରେ ଭଙ୍ଗାରୁଜାକୁ ନେଇ ଉତ୍ତେଜନା

କୋଲକାତା, ୧୭।୧୦(ସଂଚାର ବ୍ୟୁରୋ): ବର୍ଦ୍ଧମାନର ଜି.ଟି. ରୋଡ୍‌ସ୍ଥିତ ବାଦାମତଲାରେ ଡିଓାଇଏଫ୍‌ଆଇ ଓ ଏସ୍‌ଏଫ୍‌ଆଇ ଦ୍ୱାରା ପରିଚାଳିତ ଏକ ବୁକ୍‌ଷ୍ଟଲ୍‌ରେ ଭଙ୍ଗାରୁଜା କରାଯିବା ପରେ ଶୁକ୍ରବାର ରାତିରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଅଭିଯୋଗ ହୋଇଛି ଯେ, କିଛି ଦୁର୍ବୃତ୍ତ ଅନ୍ଧକାରର ସୁଯୋଗ ନେଇ ଉକ୍ତ ଷ୍ଟଲ୍ ଉପରେ ଆକ୍ରମଣ କରିବା ସହ ସେଠାରେ ଥିବା ନେତାଜୀ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଚିତ୍ରଗୁଡ଼ିକୁ ଫିଙ୍ଗି ଦେଇ ଭଙ୍ଗାରୁଜା କରିଥିଲେ। ବାମପନ୍ଥୀ ସଂଗଠନଗୁଡ଼ିକ ଦାବି କରିଛନ୍ତି ଯେ, ଲୋକଙ୍କ ଚିନ୍ତାଧାରା ଏବଂ ବୌଦ୍ଧିକ କ୍ଷମତାକୁ ଦବାଇବା ଉଦ୍ଦେଶ୍ୟରେ, ବର୍ତ୍ତମାନର ସରକାରଙ୍କ ସମର୍ଥନରେ ଏହି ଆକ୍ରମଣ କରାଯାଇଛି। ସେମାନେ (ଆକ୍ରମଣକାରୀମାନେ) ପୁସ୍ତକକୁ ଭୟ କରନ୍ତି, କାରଣ ପୁସ୍ତକ ମାଧ୍ୟମରେ ହିଁ ମନ ଗଠିତ ହୋଇଥାଏ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

ମହାସପ୍ତମୀ ସକାଳେ ବାଙ୍କୁଡ଼ାରେ ନବପତ୍ରିକା ସ୍ନାନ

କୋଲକାତା, ୧୭।୧୦ (ସଂଚାର ବ୍ୟୁରୋ): ସପ୍ତମୀ ସକାଳେ ବାଙ୍କୁଡ଼ା ସହର ନିକଟସ୍ଥ ଗନ୍ଧେଶ୍ୱରୀ ନଦୀ କିମ୍ବା ଅନ୍ୟ କୌଣସି ନଦୀ କିମ୍ବା ପୁଷ୍କରିଣୀରେ 'ନବପତ୍ରିକା' ଯାହା 'କଳାବୋଉ' ନାମରେ ମଧ୍ୟ ପରିଚିତଙ୍କୁ ସ୍ନାନ କରାଯାଏ। ନଅଟି ନିର୍ଦ୍ଦିଷ୍ଟ ଉଦ୍ଭିଦ ଯଥା କଦଳୀ, ବେଲ, ସାରୁ, ହଳଦୀ, ଜୟନ୍ତୀ, ଡାଳିମ୍ବ, ଅଶୋକ, ଧାନ ଏବଂ ମାନକୁ ଏକତ୍ର ବାନ୍ଧି ଏକ ପୁଡ଼ା ପ୍ରସ୍ତୁତ କରାଯାଏ ଏବଂ ଏହାକୁ ଏକ ନାଲି-ଧଳା ଶାଢ଼ି ପିନ୍ଧାଇ ଜଣେ ନବବଧୂଙ୍କ ରୂପ ଦିଆଯାଏ। ଏହି ରୀତିନୀତି ଅନୁଯାୟୀ ସ୍ନାନ କରାଇବା ପରେ, ଏକ 'ଘଟ' (ପବିତ୍ର କଳସ) ସହିତ ବିଧିବଦ୍ଧ ଭାବେ ଦେବୀଙ୍କୁ ପୂଜା ମଣ୍ଡପକୁ ଅଣାଯାଏ ଏବଂ ଗଣେଶଙ୍କ ପାର୍ଶ୍ୱରେ ସ୍ଥାପନ କରାଯାଏ। ଏହି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ହିଁ ବିଭିନ୍ନ ପୂଜା ମଣ୍ଡପରେ ଦେବୀଙ୍କ ମୁଖ୍ୟ 'ମହାପୂଜା' ଆରମ୍ଭ ହୋଇଥାଏ।

ପରିବାରର ୫ ଜଣଙ୍କ ରହସ୍ୟମୟ ମୃତ୍ୟୁ

ପୂର୍ବ ରାତିରେ ଖାଇଥିଲେ ଚାଉମିନ୍

ନୂଆଦିଲ୍ଲୀ, ୧୭।୧୦: ଉତ୍ତର ପ୍ରଦେଶର ଗ୍ରେଟର ନୋଏଡା ଅନ୍ତର୍ଗତ ଏକ ଗ୍ରାମରେ ଘଟିଛି ଏକ ଅତ୍ୟନ୍ତ ହୃଦୟବିଦାରକ ଏବଂ ରହସ୍ୟମୟ ଘଟଣା। ଗତକାଲି ରାତିରେ ଚାଉମିନ୍ ଖାଇ ଶୋଇଥିବା ଜଣେ ବ୍ୟକ୍ତି, ତାଙ୍କ ପତ୍ନୀ ଓ ତିନୋଟି କୋମଳମତି ଶିଶୁଙ୍କ ସମେତ ମୋଟ ୫ ଜଣ ପରିବାର ସଦସ୍ୟଙ୍କ ମୃତଦେହ ଆଜି ସକାଳେ ସେମାନଙ୍କ ଘରୁ ଉଦ୍ଧାର କରାଯାଇଛି। ଖାଦ୍ୟରେ ବିଷାକ୍ତ କିମ୍ବା ଖାଦ୍ୟ ବିଷକ୍ରିୟା ଯୋଗୁଁ ଏହି ମର୍ମନ୍ତୁଦ ମୃତ୍ୟୁ ହୋଇଥିବା ନେଇ ପୁଲିସ ପ୍ରାଥମିକ ଭାବେ ସନ୍ଦେହ କରୁଛି। ଏକ ଫରେନସିକ୍ ଟିମ୍ ଓ ଫିଲ୍ଡ ୟୁନିଟ୍ ଘର ଭିତରୁ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରିବା ସହ ସମସ୍ତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମହେଶଙ୍କ ମାଆ ଓ ପଡ଼ୋଶୀମାନେ ପୁଲିସକୁ ଜଣାଇଛନ୍ତି ଯେ ପରିବାରଟି ଗତକାଲି ରାତିରେ ଚାଉମିନ୍ ଖାଇଥିଲେ। ପ୍ରାଥମିକ ତଦନ୍ତରୁ ଏହା ଖାଦ୍ୟ ବିଷକ୍ରିୟା ବୋଲି ଅନୁମାନ କରାଯାଉଥିଲେ ମଧ୍ୟ, ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟାନ୍ୟ ବୈଜ୍ଞାନିକ ପରୀକ୍ଷା ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ ରହସ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

କୋଲକାତାରେ ଉତ୍ତଳ ଭବନ ଅସୁରକ୍ଷିତ, ବୁକିଂ ବନ୍ଦ

କୋଲକାତା, ୧୭।୧୦(ସଂଚାର ବ୍ୟୁରୋ): କୋଲକାତାରେ ଓଡ଼ିଶାର ପରିଚୟ, ସ୍ୱାଭିମାନ ଓ ଆତ୍ମୀୟତାର ପ୍ରତୀକ ଭାବେ ପରିଚିତ ଉତ୍ତଳ ଭବନକୁ ଓଡ଼ିଶା ସରକାରଙ୍କ ପକ୍ଷରୁ 'ଅସୁରକ୍ଷିତ' ଘୋଷଣା କରାଯାଇଥିବା ଖବରକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଓଡ଼ିଶାରୁ ଲୋକାତା ଆସୁଥିବା ରୋଗୀ, ସେମାନଙ୍କ ପରିବାର, ଛାତ୍ରଛାତ୍ରୀ, ସରକାରୀ କାର୍ଯ୍ୟରେ ଆସୁଥିବା ଅଧିକାରୀ ଓ ସାଧାରଣ ଲୋକଙ୍କ ପାଇଁ ଏହି ଭରସାଯୋଗ୍ୟ ଆଶ୍ରୟସ୍ଥଳୀ ଦୀର୍ଘଦିନ ଧରି କାର୍ଯ୍ୟ କରିଆସିଛି। ତେଣୁ ଏହାକୁ ଅସୁରକ୍ଷିତ ଘୋଷଣା କରାଯିବା ପରେ ଏହାର ଭବିଷ୍ୟତକୁ ନେଇ ଓଡ଼ିଆ ସମାଜରେ ଚିନ୍ତା ବଢ଼ିଛି। ଉତ୍ତଳ ଭବନ କେବଳ ଏକ ସରକାରୀ ଅତିଥିଶାଳା ନୁହେଁ, ଏହା ଓଡ଼ିଆଙ୍କ ପାଇଁ ନିଜ ମାଟି ସହ ସମ୍ପର୍କର ଏକ ଭାବପୂର୍ଣ୍ଣ ବନ୍ଧ। ବିଶେଷକରି ଚିକିତ୍ସା ପାଇଁ କୋଲକାତା ଆସୁଥିବା ଅନେକଙ୍କ ପାଇଁ ଏହାର ଗୁରୁତ୍ୱ

ଯଥେଷ୍ଟ ଅଧିକ। ଉତ୍ତଳ ଭବନର ଅବସ୍ଥା ଯଦି ସତରେ ବିପଜ୍ଜନକ ହୋଇଥାଏ, ତେବେ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ନିଶ୍ଚିତ ଭାବେ ସରକାରଙ୍କ ଦାୟିତ୍ୱ। କିନ୍ତୁ ଏହା ସହ ଏହି ଅତିଥିଶାଳା ଉପରେ ନିର୍ଭରଶୀଳ ଲୋକଙ୍କ ରହଣି ଓ ଅନ୍ୟାନ୍ୟ ଆବଶ୍ୟକତାର ବିକଳ୍ପ ବ୍ୟବସ୍ଥା କରିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଉତ୍ତଳ ଭବନକୁ ଅସୁରକ୍ଷିତ ଘୋଷଣା କରିବା ପୂର୍ବରୁ ଏହାର ମରାମତି, ପୁନରୁଦ୍ଧାର ଓ ଭବିଷ୍ୟତ ବିକାଶ କାଶ ପାଇଁ ଏକ ସ୍ପଷ୍ଟ ଯୋଜନା ପ୍ରସ୍ତୁତି ନିହାତି ଜରୁରୀ। ବହୁ ବ୍ୟକ୍ତିଙ୍କ ମତରେ, କୋଲକାତାରେ ଆଉ ଏକ ଉତ୍ତଳ ଭବନ ନିର୍ମାଣ କରିବାର ବିକଳ୍ପ ଉପରେ ପ୍ରଥମେ ବିଚାର କରାଯାଇପାରିଥାନ୍ତା। ବିଶେଷକରି ହାଓଡ଼ାର ବେଲୁଡଠାରେ ଉତ୍ତଳ ଯୁବକ ସଂଘର ୭ ଗୁଣ୍ଠ ଜାଗା ଖାଲି ପଡ଼ିଛି। ଯଦି ସେଠାରେ ଆଉ ଏକ ଉତ୍ତଳ ଭବନ ନିର୍ମାଣ କରାଯାଏ, ତେବେ ବହୁ ଲୋକ ଉପକୃତ ହେବେ। ଲୋକମାନଙ୍କ ପାଇଁ ରହଣିର ବିକଳ୍ପ ବ୍ୟବସ୍ଥା ହୋଇପାରନ୍ତା ଓ ଅନ୍ୟପଟେ ପୁରୁଣା ଉତ୍ତଳ ଭବନର ଐତିହାସିକ ଓ ମହତ୍ତ୍ୱକୁ ସୁରକ୍ଷିତ ରଖିବାର ସୁଯୋଗ ମିଳନ୍ତା। ଏହାକୁ ନେଇ ଉତ୍ତଳ ଯୁବକ ସଂଘର ସଦସ୍ୟମାନେ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ ବେଲୁଡଠାରେ ଖାଲି ପଡ଼ିଥିବା ୭ ଗୁଣ୍ଠ ଜମିରେ ଦ୍ୱିତୀୟ ଉତ୍ତଳ ଭବନ ନିର୍ମାଣ କରାଯାଉ। ଓଡ଼ିଶା ସରକାର ଏହି ଭାବନାକୁ ଗୁରୁତ୍ୱ ଦେଇ ଦ୍ୱିତୀୟ ଉତ୍ତଳ ଭବନର ସମ୍ପର୍କରେ ଏକ ସ୍ପଷ୍ଟ ରୂପରେଖ ପ୍ରଦାନ କରିବେ ବୋଲି କୋଲକାତାର ଓଡ଼ିଆ ସମାଜ ଆଶା ରଖିଛି।

ମିଥ୍ୟା ସତ୍ୟପାଠ ଦେଉଥିବା ନେତାଙ୍କୁ ଅଦାଲତୀ ଝଟ୍‌କା

ନାଗରିକ ଆଣିପାରିବେ ଆପରାଧିକ ଅଭିଯୋଗ

ନୂଆଦିଲ୍ଲୀ, ୧୭।୧୦: ନିର୍ବାଚନୀ ସତ୍ୟପାଠରେ ମିଥ୍ୟା ତଥ୍ୟ ଦେବା କିମ୍ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇବା ପାଇଁ ନିର୍ବାଚିତ ପ୍ରାର୍ଥୀଙ୍କ ବିରୋଧରେ ସାଧାରଣ ନାଗରିକ ମଧ୍ୟ ଆପରାଧିକ ଅଭିଯୋଗ ଦାଖଲ

କରିପାରିବେ। ଶୁକ୍ରବାର ସୁପ୍ରିମ୍‌କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କ ଖଣ୍ଡପୀଠ କହିଛନ୍ତି, ଲୋକପ୍ରତିନିଧିତ୍ୱ ଆଇନର ଧାରା ୧୨୫ଏ ଅନୁଯାୟୀ ଏପରି ଅଭିଯୋଗ ଦାଖଲ କରିବା ପାଇଁ ନାଗରିକଙ୍କୁ ଆଇନଗତ ବାଧା ନାହିଁ।

ଏହି ମାମଲାରେ ଅଭିଯୋଗ ଦାଖଲ ପାଇଁ ନିର୍ବାଚନ ଆୟୋଗ କିମ୍ବା ଅନ୍ୟ କୌଣସି ଅଧିକୃତ ସରକାରୀ ଅଧିକାରୀଙ୍କ ଅନୁମତି ଆବଶ୍ୟକ ନାହିଁ। ତେବେ ମିଥ୍ୟା ଅଭିଯୋଗ ଆଣି ନିର୍ବାଚିତ ପ୍ରତିନିଧିଙ୍କୁ ହଇରାଣ କରିବାର ଆଶଙ୍କାକୁ ମଧ୍ୟ କୋର୍ଟ ଅଣଦେଖା କରିନାହାନ୍ତି। ଏପରି ଅଭିଯୋଗ ତଥ୍ୟହୀନ କିମ୍ବା ଉଦ୍ଦେଶ୍ୟପ୍ରଣୋଦିତ ହୋଇଥିଲେ, ଆଇନ ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ନେବାକୁ କ୍ଷମତାପ୍ରାପ୍ତ ମାଜିଷ୍ଟ୍ରେଟଙ୍କ ପାଖରେ କ୍ଷମତା ରହିଛି ବୋଲି ଖଣ୍ଡପୀଠ କହିଛନ୍ତି।

କର୍ଣ୍ଣାଟକର ବିଦର ବିଧାନସଭା ଆସନର ନିର୍ବାଚିତ ସଦସ୍ୟ ଶୈଳେନ୍ଦ୍ର ବେଲଦାଲେଙ୍କ ବିରୋଧରେ ରାଜକୁମାର ମାଡ଼କି ଏହି ଅଭିଯୋଗ ଆଣିଥିଲେ। ୨୦୨୩ ବିଧାନସଭା ନିର୍ବାଚନରେ ନାମାଙ୍କନପତ୍ର ସହ ଦାଖଲ ସତ୍ୟପାଠରେ ବେଲଦାଲେ ନିଜ ବାସସ୍ଥାନ ସମ୍ପର୍କରେ ମିଥ୍ୟା ତଥ୍ୟ ଦେଇଥିବା ମାଡ଼କି ଅଭିଯୋଗ କରିଥିଲେ।

ଶସ୍ତା ହେବ କ୍ୟାନସର ଔଷଧ

ନୂଆଦିଲ୍ଲୀ, ୧୭।୧୦: କ୍ୟାନସର ଔଷଧ ମୂଲ୍ୟକୁ ନେଇ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି ଓ ମେଡିସିନ ଉପରେ ଟ୍ରେଡ ମାର୍ଜିନକୁ ସୀମିତ କରିଛନ୍ତି। ଏକ ଅଧିକାରୀକ ବୟାନ ଅନୁସାରେ ଔଷଧ ମୂଲ୍ୟ ନିୟାମକ (ଏନପିପି) ଶନିବାର କ୍ୟାନସର ପ୍ରତିରୋଧକ ୧୩୭ ଅଣ ଅନୁସୂଚିତ ଔଷଧର ଟ୍ରେଡ ମାର୍ଜିନକୁ ୩୦ ପ୍ରତିଶତ ମଧ୍ୟରେ ସୀମିତ କରିଦେଇଛନ୍ତି। ରସାୟନ ଓ ସାର ମନ୍ତ୍ରାଳୟଙ୍କ ଏକ ବୟାନ ଅନୁସାରେ ନଭେମ୍ବର ୯ ତାରିଖରୁ ଲାଗୁ ହେବାକୁ ଥିବା ଏହି ପଦକ୍ଷେପ ଯୋଗୁ ଜୀବନ ରକ୍ଷକ ଔଷଧର ଖୁଚୁରା ମୂଲ୍ୟରେ ସେମାନଙ୍କ ବର୍ତ୍ତମାନର ମୂଲ୍ୟ ଗଠନଆଧାରରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇଛି। ଫାର୍ମାସ୍ୟୁଟିକାଲ ବିଭାଗ ଅନ୍ତର୍ଗତ ନ୍ୟାସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନପିପିଏ) ଶନିବାର ଜାରି ଗେଜେଟ ନୋଟିଫିକେସନ ପରେ ଡ୍ରଗ୍ସ ପ୍ରାଇସ୍ କଣ୍ଟ୍ରୋଲ ଅର୍ଡର (ଡିପିସିଓ) ୨୦୧୩ର ପାରାଗ୍ରାଫ ୧୯ରେ ଟ୍ରେଡ ମାର୍ଜିନ ରାସିନାଲାଇଜେନସ (ଟିଏମଆର) ମେକାନିଜିମ ଲାଗୁ କରିଛି।

ଜାପାନ ଏସିଆନ୍ ଗେମ୍ସର ସ୍ୱର୍ଣ୍ଣ ବିଜେତା ହକି ଖେଳାଳିମାନଙ୍କୁ ଶନିବାର ନବୀନ ନିବାସଠାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲ୍ଲୀପ ଟିର୍କୀ ଉପସ୍ଥିତ ଅଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବ୍ରାଣ୍ଡରେ ବିଶ୍ୱାସ...

ଆଇନ ଅନୁଯାୟୀ ପଦକ୍ଷେପ ନେଇଥାନ୍ତି। ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ଖାଇବା ତେଲ, ମସଲା, ମିଠା, ପ୍ୟାକେଜ୍ ଖାଦ୍ୟ ଏବଂ ଫଳ ପରିବାରେ ଭେଜାଲ୍ ବା ମାନକ ଉଲ୍ଲଂଘନ ଚିହ୍ନଟ କରିବା ଏହି ଯାଞ୍ଚର ଗୁରୁତ୍ୱପୂର୍ଣ୍ଣ ଅଂଶ। ପୂର୍ବରୁ ମଧ୍ୟ ଭାରତର ବିଭିନ୍ନ ରାଜ୍ୟରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ ସମୟରେ ନକଲି ଘିଅ, ଭେଜାଲ୍ ଦୁଗ୍ଧ, ମାନକ ବାହାରେ ଥିବା ମସଲା, ଅସ୍ୱଚ୍ଛ ପରିବେଶରେ ପ୍ରସ୍ତୁତ ଖାଦ୍ୟ ଏବଂ ଲେବଲ୍‌ରେ ଭୁଲ୍ ତଥ୍ୟ ଦେବା ଭଳି ଅନିୟମିତତା ସାମ୍ନାକୁ ଆସିଛି। କେତେକ ମାମଲାରେ ସାମଗ୍ରୀ ଜବତ

ପାଣିକୋଇଲି ଓ ଯାଜପୁର ରୋଡ଼ରେ ଅବକାରୀ ଚଢ଼ାଉ

୭୫ ଲିଟର ଦେଶୀ ମଦ ଜବତ, ୨ ଗିରଫ

ଯାଜପୁର, ୧୭।୧୦ (ସଂଚାର ବ୍ୟୁରୋ): ଯାଜପୁର ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରା'ଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ଡୋଲିପୁର ଅବକାରୀ ବିଭାଗ ଷ୍ଟେସନ ପକ୍ଷରୁ ପାଣିକୋଇଲି ଥାନା ଅନ୍ତର୍ଗତ ମଣିପୁର ଓ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଦାନଗଦି ଗ୍ରାମ ରାସ୍ତାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୨ଟି ଅବକାରୀ ମାମଲା ଧରାପଡିଛି। ଡୋଲିପୁର ଅବକାରୀ ବିଭାଗ ଷ୍ଟେସନ ଥାନାରେ ପି.ଆର କେସ ନଂ ୧୮୧/୨୬-୨୭ ଓ ୧୮୨/୨୬-୨୭ ରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ସନାତନ ମଲ୍ଲିକ ଠାରୁ ୩୫ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ଅଭିଯୁକ୍ତ ହୁତେଇ ମାଝୀ ଠାରୁ ୪୦ ଲିଟର ଦେଶୀ ମଦ ଓ ଗୋଟିଏ ହିରୋ ସ୍ପ୍ଲେଣ୍ଡର ବାଇକ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଡୋଲିପୁର ଅବକାରୀ ଷ୍ଟେସନ ଓଆଇସି ରାମେଶ୍ୱର ମହାନ୍ତି, ଏଏସାଇ ରଶ୍ମିରେଖା ଜେନା, କନଷ୍ଟେବଲ ମାଳତୀ ମାଝୀ ଓ ବିକ୍ରମ ବେହେରା ପ୍ରମୁଖ ସାମିଲ ଥିଲେ।

୨୬୦ ଲିଟରରୁ ଅଧିକ ବେଆଇନ ମଦ ଜବତ, ଜଣେ ଗିରଫ

ସତ୍ୟବାଦୀ, ୧୭।୧୦ (ସଂଚାର ବ୍ୟୁରୋ): ଦୁର୍ଗାପୂଜା ପୂର୍ବରୁ ବେଆଇନ ମଦ କାରବାର ଉପରେ ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ। ପୁରୀ ସ୍ପେଶାଲ ସ୍କାଡ୍ ଓ ସତ୍ୟବାଦୀ ପୁଲିସର ମିଳିତ ଚଢ଼ଉରେ ସୁଆନଳା ଗ୍ରାମରୁ ୨୬୦ ଲିଟର ୧୪୦ ଏମ୍.ଏଲ୍ ବେଆଇନ ମଦ ଜବତ ହୋଇଛି। ଏହି ଘଟଣାରେ ଲିଙ୍ଗରାଜ ଜେନା ଓରଫ ମିଠୁ (୪୮)ଙ୍କୁ ଗିରଫ କରାଯାଇଛି।

ପୁଲିସ ସୂଚନା ଅନୁସାରେ, ଲିଙ୍ଗରାଜ ନିଜ ଘର ପଛପଟେ ବେଆଇନ ଭାବେ ମଦ ଗଚ୍ଛିତ ରଖି ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ଏହାପରେ ଚଢ଼ଉ କରାଯାଇ ୪୪ ପ୍ୟାକେଟ୍ ଅସ୍କା-୪୦, ବିଭିନ୍ନ ବ୍ରାଣ୍ଡର ୯୩ଟି ହ୍ୱିସ୍କି ବୋତଲ ଏବଂ ୩୬ଟି ବିୟର ବୋତଲ ଜବତ କରାଯାଇଛି। ସତ୍ୟବାଦୀ ଥାନାରେ ଏନେଇ କେସ୍ ନଂ ୪୦୯/୨୦୨୬ ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଜେଏମ୍ଏଫ୍ସି, ସତ୍ୟବାଦୀଙ୍କ କୋର୍ଟକୁ ଚାଲାଣ କରାଯାଇଛି।

ହିଞ୍ଜିଳି କଲେଜ ଗଣ୍ଡଗୋଳ ଘଟଣା

ବିଜେପି କର୍ମୀଙ୍କ ରାତିସାରା ଥାନା ସମ୍ମୁଖରେ ଧାରଣା

ହିଞ୍ଜିଳିକାଟୁ, ୧୭।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ କଲେଜ ଛାତ୍ରସଂସଦ ନିର୍ବାଚନ ଫଳ ପରେ ହିଂସା କମିବାର ନାଁ ଧରୁନି। ଗତକାଲି ରାତିରେ ପୁଲିସ କର୍ମୀଙ୍କ ଉପସ୍ଥିତିରେ ବିଜୟୀ ପ୍ରାର୍ଥୀଙ୍କ ଶପଥ ପାଠ ଉତ୍ସବ ସମାପନ ହୋଇଥିଲା। କିନ୍ତୁ ମଧ୍ୟାହ୍ନରେ କଲେଜ ଗଣ୍ଡଗୋଳ ଘଟଣାରେ ହିଞ୍ଜିଳି ପୁଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଘଟଣାସ୍ଥଳରୁ ୫ ଜଣଙ୍କୁ ଉଠାଇ ଆଣିଥିଲା, ପରେ ସଭିଙ୍କୁ ବୁଝାସୁଝା କରି ଛାଡିଦେଇଥିଲା। ଏଥିରେ ବିଜେପି ଓ ବିଜେଡ଼ି ଦୁଇ ଗୋଷ୍ଠୀର ଦୁଇ ସାଧାରଣ ସମ୍ପାଦକ ନାରାୟଣ ପାଢ଼ୀ ଓ ଶିବା ପାତ୍ର ଆହତ ହୋଇଥିଲେ। ଯାହା ସିସିଟିଭି ଫୁଟେଜରେ ଦୃଶ୍ୟମାନ ହେଉଛି। ବିଜେପି ଦଳର ନାରାୟଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

ସେପଟେ ଶପଥ ଗ୍ରହଣ ଉତ୍ସବ ପରେ ବିସିଜେଡି ପକ୍ଷରୁ ସମସ୍ତ ବିଜୟୀ ପ୍ରାର୍ଥୀ ଓ ସମର୍ଥକ ବିଜୁ ପଟ୍ଟନାୟକ ଛକରେ ଏକାଠି ହୋଇ ବିଧାୟକଙ୍କ ଡିଆରଡ଼ିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟପଟେ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ କରିବା ପାଇଁ ଗତ ରାତି ଓ ଆଜି ଦିନ ବେଳେ ହିଞ୍ଜିଳି ଥାନା ସମ୍ମୁଖରେ ବିଜେପି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ରଙ୍କ ନେତୃତ୍ୱରେ କର୍ମୀମାନେ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଗଞ୍ଜାମ ଏସପି ଏସ. ହରିଶ ବିଶି ପହଞ୍ଚିଥିଲେ। ପରେ ଦିନ ସମୟରେ ଆକ୍ରମଣକାରୀ ଶିବା ପାତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ମିଳିଛି। ଖବର ଲେଖା ହେବା ସୁଦ୍ଧା ଧାରଣା ଜାରି ରହିଥିଲା।

ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ଅବଧି ପରେ ବି ସରୁନି କୋଠାକାମ

କୋଠା ଓ ସ୍ଥାନର ଅଭାବ ଯୋଗୁଁ ଚିକିତ୍ସା ସେବା ପ୍ରଭାବିତ

ଦୁଇ ବର୍ଷ ହେଲା ନିର୍ମାଣ ଅବଧି ଶେଷ, ତଥାପି ସରୁନି କାମ

ପ୍ରଶାସନର ନିରବତାକୁ ନେଇ ଅସନ୍ତୋଷ



ଆନନ୍ଦପୁର,୧୭।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭିତ୍ତିଭୂମି ଅଭାବକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ। ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ଆବଶ୍ୟକ ଅନୁଯାୟୀ କୋଠା ଓ ସ୍ଥାନର ଅଭାବ ଯୋଗୁଁ ଚିକିତ୍ସା ସେବା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ପୁରୁଣା କୋଠାରେ ସ୍ୱାସ୍ଥ୍ୟସେବା ଚାଲୁଥିବାରୁ ରୋଗୀଙ୍କୁ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡୁଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି।

ରୋଗୀଙ୍କ ସୁବିଧା ପାଇଁ ନୂତନ କୋଠା ନିର୍ମାଣ କରାଯାଉଥିବାବେଳେ ଏହାର କାର୍ଯ୍ୟ ଶେଷ ହେବାରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟର ଧାର୍ଯ୍ୟ ଅବଧି ଦୁଇ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଯାଏଁ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ନୂତନ କୋଠାରୁ ମିଳିବାକୁ ଥିବା ସୁବିଧାରୁ ରୋଗୀମାନେ ବଞ୍ଚିତ ହେଉଛନ୍ତି। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ନେଇ ଠିକାଦାରଙ୍କ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ, ନିର୍ମାଣ କାର୍ଯ୍ୟରେ ବିଳମ୍ବ ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ କାହିଁକି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି। ଠିକାଦାରଙ୍କ ଉପରେ କାହିଁକି ଚାପ ପକାଯାଉନାହିଁ ଏବଂ ନିର୍ମାଣ କାର୍ଯ୍ୟର ତଦାରଖ ଠିକ୍ ଭାବେ ହେଉଛି କି ନାହିଁ, ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି। ତେବେ ଏହି ବିଳମ୍ବର ପ୍ରକୃତ କାରଣ କ'ଣ, ତାହା ସମ୍ପୃକ୍ତ ବିଭାଗ ସ୍ପଷ୍ଟ କରିବା ଆବଶ୍ୟକ। ଏହି ସମସ୍ୟା ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସତ୍ତ୍ୱେ ଏଯାଏଁ ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଆନନ୍ଦପୁର ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଭୂମିକାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

ଜନସାଧାରଣଙ୍କ ଦାବି ଅନୁଯାୟୀ, କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ତୁରନ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଉ। ଏଥିସହ ନୂତନ କୋଠାକୁ ଶୀଘ୍ର କାର୍ଯ୍ୟକ୍ଷମ କରି ରୋଗୀଙ୍କ ପାଇଁ ଆବଶ୍ୟକ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଉ। ଏବେ ଦେଖିବାକୁ ବାକି ରହିଲା, ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା କେବେ ସମ୍ପୂର୍ଣ୍ଣ ହେବ ଏବଂ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ପ୍ରଶାସନ କେବେ ତତ୍ପର ହେବ।

ଦୁର୍ଗାପୂଜା ସମୟରେ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସର ଫ୍ଲାଗ ମାର୍ଚ୍ଚ

ମାଲକାନଗିରି, ୧୭।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଚଳିତ ଦୁର୍ଗାପୂଜା ଓ ଦଶହରା ସମୟକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ମାଲକାନଗିରି ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ମାଲକାନଗିରି ଥାନାଠାରୁ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ପୁଲିସ ଟିମ୍ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରି ଲୋକଙ୍କୁ ସୁରକ୍ଷାର ବାର୍ତ୍ତା ଦିଆଯାଇଛି।

ଦୁର୍ଗାପୂଜା ସମୟରେ ଚୋରି, ଛନତାଇ, ଡକାୟତି, ବେଆଇନ ନିଶା କାରବାର ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ଉପରେ ପୋଲିସର କଡ଼ା ନଜର ରହିବା ସହ ସହରର ବିଭିନ୍ନ ପୂଜା ମଣ୍ଡପରେ ମଧ୍ୟ ପୋଲିସ ମୁତୟନ ରହିଛନ୍ତି। ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ପୂଜା ପାଳନ ପାଇଁ ସାଧାରଣ ଲୋକେ ପୁଲିସକୁ ସହଯୋଗ କରିବାକୁ ପୁଲିସ ପକ୍ଷରୁ ଅପିଲ୍ କରାଯାଇଛି। ଲୋକଙ୍କ ମଧ୍ୟରେ ସୁରକ୍ଷାର ବିଶ୍ୱାସ ସୃଷ୍ଟି ଓ ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

ରାସ୍ତା ଅବରୋଧ କରି ବ୍ୟବସାୟ କରୁଛନ୍ତି ଉଠାଦୋକାନୀ

ଯାତାୟାତରେ ସୃଷ୍ଟି ହେଉଛି ସମସ୍ୟା

ମାଲକାନଗିରି,୧୭।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ସହରରେ ରାସ୍ତା ଅବରୋଧ କରି ଉଠାଦୋକାନୀଙ୍କ ବ୍ୟବସାୟ ଯୋଗୁଁ ଯାତାୟାତ ସମସ୍ୟା ଦେଖାଦେଉଛି। ସୁଭାଷ ବୋଷ ଛକଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ କିଛି ଉଠାଦୋକାନୀ ରାସ୍ତା କଡ଼ରେ ଦୋକାନ ଖୋଲି ବସୁଥିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ରାସ୍ତା ଅବରୋଧ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଉଦ୍ୟମ କରାଯାଉଥିଲେ ମଧ୍ୟ କିଛି ଉଠାଦୋକାନୀ ଏହାକୁ ମାନୁନଥିବା ଅଭିଯୋଗ ହେଉଛି।

ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ଅନ୍ୟତ୍ର ଅସ୍ଥାୟୀ ଭାବେ ବସିବାକୁ କୁହାଯାଉଥିଲେ ମଧ୍ୟ କିଛି ଦିନ ପରେ ପୁଣି ସେହି ସ୍ଥାନରେ ଦୋକାନ ଖୋଲି ଦିଆଯାଉଛି। ନିକଟରେ ଜଗନ୍ନାଥ ମନ୍ଦିର ଛକ ନିକଟରେ ଅସ୍ଥାୟୀ ଭାବେ ବସି ବ୍ୟବସାୟ କରିବାକୁ ଉଠାଦୋକାନୀମାନଙ୍କୁ କୁହାଯାଇଥିଲା। ମାତ୍ର କିଛି ଦିନ ପରେ ପୁଣି ମୁଖ୍ୟ ରାସ୍ତା କଡ଼କୁ ଫେରି ଆସି ଦୋକାନ ଖୋଲିବା ଯୋଗୁଁ ରାସ୍ତାରେ ଯାତାୟାତ ସମସ୍ୟା ଦେଖାଦେଉଛି। ବିଶେଷକରି ଏହି ରାସ୍ତାରେ ଯାନବାହନ ଚଳାଚଳ ସହିତ ପଥଚାରୀଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ରାସ୍ତା କଡ଼ରେ ଦୋକାନ ଖୋଲାଯିବା ଫଳରେ ଯାତାୟାତ ପାଇଁ ଉପଲବ୍ଧ ସ୍ଥାନ ସଙ୍କୁଚିତ ହେଉଛି। ଏହାଦ୍ୱାରା ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଛି।

ମାଲକାନଗିରି ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଉଠାଦୋକାନୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣ କରିବା ସହ ମୁଖ୍ୟ ରାସ୍ତାକୁ ଅବରୋଧମୁକ୍ତ ରଖିବା ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରୁ ବୋଲି ସାଧାରଣରେ ଦାବି ହେଉଛି।

ଅସ୍ତରଙ୍ଗରେ ନୂଆ ଥାନା ଅଧିକାରିଣୀ ରୀତା / *ଚୋରି, ନିଶା ଓ ଦଣ୍ଡିଆ ରାଜ ବନ୍ଦ କରିବା ପ୍ରଥମ ପ୍ରାଥମିକତା*

କାକଟପୁର/ଅସ୍ତରଙ୍ଗ, ୧୭।୧୦ (ସଂଚାର ବ୍ୟୁରୋ): ଶେଷରେ ଅସ୍ତରଙ୍ଗ ବାସୀଙ୍କ ଦାବି ଶୁଣିଲେ ପୁରୀ ଏସପି। ବ୍ୟବସାୟୀ ସଙ୍ଘର ଲିଖିତ ଅଭିଯୋଗ ଓ ସାଧାରଣ ଜନତାଙ୍କ ଅସନ୍ତୋଷ ପରେ ବଡ଼ ପ୍ରଶାସନିକ ଅଦଳ ବଦଳ କରିଛନ୍ତି ପୁରୀ ଏସପି ପ୍ରତୀକ ସିଂ।କାର୍ଯ୍ୟରତ ଥାନା ଅଧିକାରିଣୀ ବିଦିତା ନାୟକଙ୍କୁ ହଟାଇ ପୁରୀ ମୁଖ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପେଣ୍ଡକଟା ସାମୁଦ୍ରିକ ଥାନାର ଦକ୍ଷ ଅଧିକାରିଣୀ ରୀତା ବେହେରାଙ୍କୁ ଅସ୍ତରଙ୍ଗ ଥାନା ଦାୟିତ୍ୱ ଦିଆଯାଇଛି। ଶନିବାର ନୂତନ ଥାନା ଅଧିକାରିଣୀ ଭାବେ ରୀତା ବେହେରା ଅସ୍ତରଙ୍ଗ ଥାନାରେ ଯୋଗ ଦେଇଛନ୍ତି।

ଗତ ଫେବୃଆରୀରୁ ଅକ୍ଟୋବର ଭିତରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଚୋରି ରାଜ ଚାଲିଥିଲା। ପ୍ରାଚୀନ ମଠ, ମନ୍ଦିରରୁ ମୂର୍ତ୍ତି ଓ ଦାନ ବାକ୍ସ, ସରକାରୀ ସ୍କୁଲରୁ ମଧ୍ୟାହ୍ନ ଭୋଜନ ସାମଗ୍ରୀ, ଅଙ୍ଗନବାଡି କେନ୍ଦ୍ରରୁ ଆସବାବପତ୍ର ସବୁ ଚୋରି ହେଉଥିଲା। ମାମଲା ରୁଜୁ ହେଉଥିଲା କିନ୍ତୁ ଫଳ ଶୂନ୍ୟ। ଗୋଟିଏ ବି ମାମଲାରେ ପୋଲିସ ଚୋରି ଜିନିଷ ଉଦ୍ଧାର କରିପାରିନଥିଲା କି ଦୁର୍ବୃତ୍ତଙ୍କୁ ଧରିପାରିନଥିଲା। ଥାନା କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକଳାପ, ଥାନା ସାମ୍ନାରେ ଦଣ୍ଡିଆ ରାଜକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ବ୍ୟବସାୟୀ ସଙ୍ଘ ସିଧା ଏସପିଙ୍କୁ ଦାବିପତ୍ର ଦେଇଥିଲେ।

ନୂଆ ଅଧିକାରିଣୀ ରୀତା ବେହେରାଙ୍କ ଆଗରେ ବଡ଼ ଚ୍ୟାଲେଞ୍ଜ ପାର୍ବଣ ପୂର୍ବରୁ ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ୮ ମାସର ପୁରୁଣା ଚୋରି ମାମଲାର ପର୍ଦ୍ଦାଫାସ,ଗାଁ ଗାଁରେ ଚାଲିଥିବା ନିଶା କାରବାର ବନ୍ଦ, ଅସ୍ତରଙ୍ଗ ମୁଖ୍ୟ ବଜାର ତ୍ରିଭୁଜ ମଦ ଦୋକାନ ସାମ୍ନା ସମେତ ବିଭିନ୍ନ ଦୋକାନରେ ସନ୍ଧ୍ୟା ପରେ ଚାଲୁଥିବା ନିଶାଡି ଆଡ୍ଡା ବନ୍ଦ। ଅସ୍ତରଙ୍ଗ ଥାନା ମୁଖ୍ୟତଃ ବହୁତ ବଡ଼ ଅଞ୍ଚଳ। ପ୍ରାୟ ୧୫ଟି ପଞ୍ଚାୟତର ଦାୟିତ୍ୱ। ଏହି ବିଶାଳ ଅଞ୍ଚଳକୁ ସମ୍ଭାଳିବା ସହଜ ନୁହେଁ। ଏବେ ଦେଖିବାକୁ ବାକି ରହିଲା ପେଣ୍ଡକଟାରେ ନିଜର ଦକ୍ଷତା ଦେଖାଇଥିବା ରୀତା ବେହେରା ଅସ୍ତରଙ୍ଗର ବିଗିଡି ଯାଇଥିବା ବ୍ୟବସ୍ଥାକୁ କେମିତି ସୁଧାରୁଛନ୍ତି। ଅସ୍ତରଙ୍ଗ ବାସୀଙ୍କ ଆଶା ବଢିଛି।

ବିଜେପିର ବେଲଗାଁ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ସଂଗଠନ ସୁଦୃଢ଼ୀକରଣ ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ

ସଇଁତଳା, ୧୭।୧୦ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିପାଲି ପଞ୍ଚାୟତ ପରିସରରେ ବିଜେପିର ବେଲଗାଁ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବିରଞ୍ଚି ପୁଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବରିଷ୍ଠ ବିଜେପି ନେତା ମହେନ୍ଦ୍ର ଠାକୁର, ସାଂସଦଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା ଏବଂ ବିଧାୟକଙ୍କ ବ୍ଲକ ପ୍ରତିନିଧି ବିମଳ ଶର୍ମାଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

ବୈଠକରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ କରିବା ସହ ଆଗାମୀ ଦିନରେ ଜନସାଧାରଣଙ୍କ ସେବା ଏବଂ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଦଳର ନୀତି ଓ ଆଦର୍ଶକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ବୈଠକରେ ଗୋବିନ୍ଦ ଦୀପ, ଆଶିଷ କୁମ୍ଭାର, ବାଜୁବନ ଭୋଇ,ଗୋପାଳ ହରପାଳ, କୈଳାଶ ରଣା, ଶାନ୍ତନୁ ରଣା, ନିଧି ରଣା, ସୁବାଷ ସାହୁ ଭୁବନେ ସାହୁଙ୍କ ସମେତ ବେଲଗାଁ, ଶିଶକେଳା, ଘୁନସର, କଅଁସର, ଡୁଙ୍ଗୁରିପାଲି ପଞ୍ଚାୟତର ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

ଗର୍ଭଣା ସଂକ୍ରାନ୍ତିରେ କପିଳାସ ପୀଠରେ ଭକ୍ତଙ୍କ ସମାଗମ

ଢେଙ୍କାନାଳ, ୧୭।୧୦ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ କପିଳାସ ଠାରେ ଗର୍ଭଣା ସଂକ୍ରାନ୍ତି ଉପଲକ୍ଷେ ଆଜି ବାବା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କର ଦର୍ଶନ ନିମନ୍ତେ ଉକ୍ତ ସ୍ଥଳୀରେ ଭକ୍ତଙ୍କର ସମାଗମ ଦେଖିବାକୁ ମିଳିଥିଲା।

ପ୍ରତିଦିନ ପରି ଆଜି ପ୍ରାତଃ ସମୟରୁ ଠାକୁରଙ୍କର ସମସ୍ତ ରୀତିନୀତି ସମ୍ପୃଣ ପରେ ଦର୍ଶନ ନିମନ୍ତେ ଅପେକ୍ଷାରତ ଭକ୍ତମାନଙ୍କ ପାଇଁ ମନ୍ଦିର ଖୋଲା ଯାଇଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଠାରୁ ଶାନ୍ତି ଶୃଙ୍ଖଳାର ସହିତ ଧାଡିରେ ଆସି ବାବାଙ୍କର ଦର୍ଶନ ଲାଭ କରି କୃପା ଭିକ୍ଷା କରୁଥିଲେ । ଆଜି ଛୁଟି ଦିନ ଥିବାରୁ ସ୍ଥାନୀୟ ଜିଲ୍ଲା ଠାରୁ ଆରମ୍ଭ କରି ପଡୋଶୀ ଜିଲ୍ଲାର ଜନସାଧାରଣମାନେ ଉକ୍ତ ତୀର୍ଥ କ୍ଷେତ୍ରକୁ ଆସିଥିଲେ। ଉକ୍ତ ସ୍ଥାନରେ ଠାକୁରଙ୍କର ଦର୍ଶନ ସହିତ ଏଠାରେ ଥିବା ପ୍ରାକୃତିକ ପରିବେଶର ଭରପୁର ଆନନ୍ଦ ନେବା ସହିତ, ମୃଗ ବିହାର, ବିଜ୍ଞାନ ଉଦ୍ୟାନ, ହାତୀ ସୁରକ୍ଷା କେନ୍ଦ୍ର, କୁମ୍ଭୀର ବିଚରଣ କେନ୍ଦ୍ର ଗୁଡିକ ବୁଲି ବୁଲି ଏହାର ମଜା ନେଇଥିଲେ। ଛୁଟି ଦିନ ହେତୁ ବିଶେଷ ଭାବରେ ଛୋଟ ଛୋଟ ପିଲାମାନଙ୍କର ଗହଳି ଅଧିକ ଥିଲା। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

ଗୋଛାପଡା ଥାନା ତରଫରୁ ନିଶା ମୁକ୍ତ ସଚେତନତା କାର୍

ପଞ୍ଜୁକ ପାଇଁ ଶ୍ରୀମନ୍ଦିରରେ ଜମିବ ଭିଡ଼

୩୮ ଲକ୍ଷରେ ନିର୍ମାଣ ହେବ ଅସ୍ଥାୟୀ ବ୍ୟାରିକେଡ୍ ଓ ସେଡ୍



ପୁରୀ,୧୭।୧୦(ସଂଚାର ବ୍ୟୁରୋ): ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ କାର୍ତ୍ତିକ ବ୍ରତ ଓ ରାଇଦାମୋଦର ବ୍ରତ। କାର୍ତ୍ତିକ ବ୍ରତର ଶେଷ ୫ ଦିନ ପଞ୍ଜୁକ ବ୍ରତ କରୁଥିବା ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଶ୍ରୀଜିଉଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ନିମନ୍ତେ ଭିଡ଼ ଜମାଇବେ। ଏହି ଭିଡ଼ ନିୟନ୍ତ୍ରଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ଆଖଡ଼ା ମଠଠାରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଲମ୍ବା ଅସ୍ଥାୟୀ ଲୁହା ବ୍ୟାରିକେଡ୍ ଓ ସେଡ୍ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ଅସ୍ଥାୟୀ ସେଡ୍ ନିମନ୍ତେ ୨୧ ଲକ୍ଷ ୫୩ ହଜାରରୁ ଅଧିକ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ଅସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ ନିମନ୍ତେ ୧୭ ଲକ୍ଷ ୮୨ ହଜାର ଟଙ୍କାରୁ ଅଧିକ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଥିନିମନ୍ତେ ମୋଟ ପ୍ରାୟ ୩୮ ଲକ୍ଷରୁ ଅଧିକ ଖର୍ଚ୍ଚ ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ବାବଦରେ ପୂର୍ବରୁ ଟେଣ୍ଡର ହେଉ ନ ଥିବା ଓ ତଞ୍ଚକତା ହେଉଥିବା ବହୁ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ରକ୍ଷା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଛି।

ଶ୍ରୀମନ୍ଦିରରେ ପର୍ବପର୍ବାଣି ଓ ଭିଡ଼ ଦିନମାନଙ୍କରେ ସ୍ଥାୟୀ ବ୍ୟାରିକେଡ୍ ଓ ସେଡ୍ ନିର୍ମାଣ କରାଯାଉନି। ପ୍ରତିବର୍ଷ କୋଟି କୋଟି ଟଙ୍କା ଅସ୍ଥାୟୀ ବ୍ୟାରିକେଡ୍ ଓ ସେଡ୍ ନିର୍ମାଣରେ ଖର୍ଚ୍ଚ ହେଉଛି। ସେପଟେ ଏ ବାବଦରେ ପୁରୀ ଅଧୀକ୍ଷଣ ଯନ୍ତ୍ରୀଙ୍କ ହାତଖୋଲା ଖର୍ଚ୍ଚ ବା ଆର୍ଥିକ କ୍ଷମତା ଉପରେ ରୋକ ଲଗାଯାଇଥିବା ସୂଚନା ମିଳିଛି।

ଏସିଆନ୍ ଗେମ୍ସ ହକି ସ୍ୱର୍ଣ୍ଣପଦକ ବିଜେତା ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ , ଶିଳାନନ୍ଦ ଲାକ୍ରା ଓ ସୁନେଲିତା ଟୋପୋ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି ।

ବୁଦା ମୂଳରୁ ନବଜାତ କନ୍ୟା ଉଦ୍ଧାର

ନବରଙ୍ଗପୁର,୧୭।୧୦(ସଂଚାର ବ୍ୟୁରୋ): ରାସ୍ତାକଡ଼ ବୁଦା ମୂଳରୁ ଉଦ୍ଧାର ହୋଇଛି ଏକ ନବଜାତ କନ୍ୟା ସନ୍ତାନ। ନବରଙ୍ଗପୁରରେ ଦେଖିବାକୁ ମିଳିଛି ଏପରି ଏକ ହୃଦୟ ବିଦାରକ ଦୃଶ୍ୟ। ନବରଙ୍ଗପୁର ସହରର ହିଲ୍ଲି ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ପାଖ ବୁଦା ମୂଳରୁ ଏହି ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇଛି। ତେବେ କେତେକ ମହିଳା ଉକ୍ତ ଶିଶୁକନ୍ୟାଟିକୁ ସେଠାରେ ଛାଡ଼ି ଚାଲିଯାଇଥିବା ଅଭିଯୋଗ ହୋଇଛି। ଘଟଣାର ପ୍ରକୃତ କାରଣ ଓ ଶିଶୁକନ୍ୟାଟିକୁ ସେଠାରେ କିଏ ଛାଡ଼ିଥିଲା, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ଠୋସ୍ ସୂଚନା ମିଳିପାରିନାହିଁ। ତେବେ ଏନେଇ ଖବର ପାଇ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ସହାୟତାରେ ଶିଶୁକନ୍ୟାଟିକୁ ଉଦ୍ଧାର କରିଥିଲେ। ପରେ ତାକୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଶିଶୁକନ୍ୟାଟିର ଚିକିତ୍ସା ଜାରି ରହିଛି। ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚାଇଲ୍ଡଲାଇନ୍‌ର କର୍ମକର୍ତ୍ତାମାନେ ସେଠାରେ ଉପସ୍ଥିତ ରହି ଶିଶୁଟିର ଯତ୍ନ ନେଉଥିବା ଜଣାପଡ଼ିଛି।

ଓଭରବ୍ରିଜ୍‌ରେ ଦୁର୍ଘଟଣା

କଣ୍ଟେନରକୁ ପିଟିଲା ଆଇଚର, ୧ ମୃତ



ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠ ଯାଁଲା ଓଭରବ୍ରିଜ୍ ଉପରେ ଆଜି ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା। କଣ୍ଟେନରକୁ ପଛପଟୁ ଏକ ଆଇଚର୍ ଗାଡ଼ି ପିଟିବା ଫଳରେ ଘଟଣାସ୍ଥଳରେ ହିଁ ଆଇଚର୍ ଗାଡ଼ି ଚାଳକଙ୍କର ମୃତ୍ୟୁ ହୋଇଯାଇଛି। ଓଭରବ୍ରିଜ ଉପରେ ଏକ କଣ୍ଟେନର ଯାଉଥିବା ବେଳେ ପଛପଟୁ ଦ୍ରୁତ ଗତିରେ ଏକ କାର ଆସି ପିଟିଥିଲା। ଦୁର୍ଘଟଣା ପରେ ଗାଡ଼ି ଭିତରେ ଫସି ରହିଥିଲେ ଚାଳକ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚିଥିଲେ। ଗାଡ଼ିକୁ କାଟି ଚାଳକଙ୍କୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ହେଲେ ସେଠାରେ ଚାଳକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ରାସ୍ତା ଜାମ୍ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିଛି।

ସମ୍ପତ୍ତି ବିବାଦରୁ ଶ୍ୱଶୂରଙ୍କୁ ମାରି ବିଲରେ ଫିଙ୍ଗିଦେଲା ଜ୍ୱାଇଁ

ସୁନ୍ଦରଗଡ଼, ୧୭।୧୦ (ସଂଚାର ବ୍ୟୁରୋ): ଧାନ ବିଲରୁ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗରେ ଜଣେ ଗିରଫ। ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଥାନା ଘୁଷୁରାମୁଣ୍ଡାରେ ଘଟିଛି ଏକ ନିର୍ମମ ହତ୍ୟାକାଣ୍ଡ। ସମ୍ପତ୍ତି ବିବାଦରୁ ଶ୍ୱଶୂରକୁ ହତ୍ୟା କରିଛି ଜ୍ୱାଇଁ। ଧାନ ବିଲରୁ ଶ୍ୱଶୂରଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ମୃତକ ଜଣଙ୍କ ହେଉଛନ୍ତି ଚାଡୁ ଓରାମ। କିଞ୍ଜିରକେଲା ଥାନା ଘୁଷୁରାମୁଣ୍ଡାର ଚାଡୁ ଓରାମଙ୍କୁ ତାଙ୍କ ଜ୍ୱାଇଁ ହତ୍ୟା କରି ଧାନ ବିଲରେ ମୃତଦେହକୁ ଫିଙ୍ଗିଦେଇଥିଲେ। ଖବର ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଧାନବିଲରୁ ମୃତଦେହକୁ ଉଦ୍ଧାର କରିଥିଲା। ଏଥିସହ ପୁଲିସ୍ ଜ୍ୱାଇଁ ପରେଶ୍ୱର କୁଜୁରଙ୍କୁ ଗିରଫ କରିଛି। ତେବେ ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସମ୍ପତ୍ତି ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରୁଛି।

ଭୟଙ୍କର ଦୁର୍ଘଟଣା, ଲିଭିଗଲା ଶାଶୂ-ଜ୍ୱାଇଁଙ୍କ ଜୀବନ ଦୀପ



ସମ୍ବଲପୁର, ୧୭।୧୦ (ସଂଚାର ବ୍ୟୁରୋ): ଗୋଟିଏ ଭୟଙ୍କର ଦୁର୍ଘଟଣା ଛାଡ଼ିଗଲା ଦୁଃଖର ଛାୟା। ରାତିର ଅନ୍ଧାରରେ ଲିଭିଗଲା ଦୁଇ ଦୁଇଟି ଜୀବନର ଦୀପ। ଗୋଟିଏ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲିଗଲା ଶାଶୂ ଓ ଜ୍ୱାଇଁଙ୍କ ଜୀବନ। ହସଖୁସିର ସଂସାରରେ ହଠାତ୍ ଖେଳିଗଲା ଶୋକର ଛାୟା। ଆଉ ଏହି ଦୁର୍ଘଟଣାରେ ଅନ୍ୟ ୫ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ସମ୍ବଲପୁର ଯୁଯୁମୁରା ଥାନା ଅନ୍ତର୍ଗତ ଜାମଟାଲ ନିକଟରେ ବିଳମ୍ବିତ ରାତିରେ ଏକ କାର୍ ଡିଭାଇଡରକୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଆଖି ବୁଜିଥିଲେ ଶାଶୂ ପାୟଲ ଦାସ ଓ ଜ୍ୱାଇଁ ଶେଖର ମହାରାଜା। ମୃତକ ଛତିଶଗଡ଼ର ୯୦ ବର୍ଷୀୟା ପାୟଲ ଦାସ ଓ ୩୦ ବର୍ଷୀୟ ଶେଖର ମହାରାଜା। ଗୋଟିଏ ଦୁର୍ଘଟଣା ଛଡ଼ାଇନେଲା ଦୁଇଟି ଅମୂଲ୍ୟ ଜୀବନ। ପଛରେ ଛାଡ଼ିଗଲା ପରିବାର ପରିଜନଙ୍କ ଆଖିରେ ଲୁହ ଓ ମନରେ ଅସରନ୍ତି ଦୁଃଖ। ଅନ୍ୟପକ୍ଷରେ ଗୁରୁତର ଭାବେ ଆହତ ହୋଇଥିବା ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଚିନ୍ତା ବଢ଼ିଛି।

ଭୁବନେଶ୍ୱର ବିମାନବନ୍ଦରରୁ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ

ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚାଲାଣ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ), କଷ୍ଟମ୍ସ ଅଧିକାରୀଙ୍କ ସହ ମିଳିତ ଭାବେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପ୍ରାୟ ୨ କୋଟି ମୂଲ୍ୟର ୫ କିଲୋଗ୍ରାମରୁ ଅଧିକ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଛି।

ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଏହା ବ୍ୟାଙ୍ଗକରୁ ଭୁବନେଶ୍ୱରକୁ ଚୋରା ଚାଲାଣ କରାଯାଉଥିଲା। ଅଧିକାରୀମାନେ ଲଗେଜ ଭିତରେ ଗୁପ୍ତ ସ୍ଥାନରେ ଲୁଚାଇ ରଖାଯାଇଥିବା ଡ୍ରଗ୍ସ ଓ କୁକୁର ଖାଦ୍ୟ ପ୍ୟାକେଟ୍ ମଧ୍ୟରେ ସାମଗ୍ରୀଗୁଡ଼ିକୁ ପାଇଥିଲେ। କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାପ୍ତ ଗୁପ୍ତ ସୂଚନା ପରେ ଏକ କେ-୯ ସ୍ନିଫର ଡଗ୍ ୟୁନିଟ୍ ଲଗେଜ ଖୋଜିବା ଓ ସନ୍ଦିଗ୍ଧ ନିଶାଦ୍ରବ୍ୟ ଚିହ୍ନଟ କରିବାରେ ଡିଆରଆଇ ଦଳକୁ ସହାୟତା କରିଥିଲା। ଜବତ ଘଟଣାରେ ୪ ଜଣଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି ଓ ଚୋରା ଦ୍ରବ୍ୟର ଉତ୍ସ ଏବଂ କଥିତ ଚୋରା ଚାଲାଣ କାର୍ଯ୍ୟରେ ସମ୍ପୃକ୍ତ ବ୍ୟାପକ ନେଟୱର୍କ ଚିହ୍ନଟ କରିବା ପାଇଁ ଡିଆରଆଇ ଅଧିକାରୀମାନେ ସେମାନଙ୍କୁ ପଚରାଉଚରା କରୁଛନ୍ତି। ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି ଯେ ବିମାନବନ୍ଦର ଦେଇ ଯିବା ପରେ ଡ୍ରଗ୍ସଗୁଡ଼ିକୁ ଭୁବନେଶ୍ୱରରୁ ଅନ୍ୟ ସହରକୁ ପରିବହନ କରାଯାଇଥାନ୍ତା। ତେବେ ଏନେଇ ଅଧିକ ତଦନ୍ତ ଚାଲିଛି।

ଆଙ୍କ୍ଷନ ମୋଡ୍‌ରେ ରାଜସ୍ୱ ବିଭାଗ, ଓଡ଼ାପଡା ତହସିଲଦାର ନିଲମ୍ବିତ

ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ଆଙ୍କ୍ଷନ ମୋଡ୍‌ରେ ରାଜସ୍ୱ ବିଭାଗ। ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଜ୍ୟ ସରକାର ତାଙ୍କୁ ନିଲମ୍ବିତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ସରକାରୀ ଆଦେଶ ଅନୁଯାୟୀ, ଓଡ଼ିଶା ସିଭିଲ୍ ସର୍ଭିସେସ୍ ନିୟମାବଳୀ, ୧୯୬୨ର ନିୟମ ୧୨(୧)(କ) ଅନୁଯାୟୀ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି। ତେବେ ଏହି ନିଲମ୍ବନ ଅବଧିରେ ଶ୍ରୀ ମାଝୀ କଟକସ୍ଥିତ ରାଜସ୍ୱ ଡିଭିଜନାଲ୍ କମିଶନରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ। ଆରଡିସିଙ୍କ ବିନାନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏଥିସହ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଶ୍ରୀ ମାଝୀଙ୍କ ବିରୋଧରେ ଅଭିଯୋଗର ଖସଡ଼ା ଓ ସମ୍ପୃକ୍ତ ପ୍ରମାଣପତ୍ର ସହ ଆବଶ୍ୟକ ଦଲିଲ ଦାଖଲ କରିବାକୁ ହେବ।

● ଦୁର୍ଗାମେଢ଼ ତିଆରି ବେଳେ ଅଘଟଣ

ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଦିଗପହଣ୍ଡି,୧୭।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁର୍ଗାପୂଜା ପାଇଁ ମେଢ଼ ତିଆରି କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ସିଦ୍ଧେଶ୍ୱର ଗାଁର ଜଗନ୍ନାଥ ବିଷୋୟୀ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆଜି ସକାଳେ ଗାଁରେ ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ କରିବା ପାଇଁ ଯୁବକମାନେ ମିଳିତ ଭାବେ ଦୁର୍ଗାମେଢ଼ ତିଆରି କରୁଥିଲେ। ଏହି ସମୟରେ ହଠାତ୍ ଜଗନ୍ନାଥ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ତୁରନ୍ତ ଜଗନ୍ନାଥକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ଜଣାପଡ଼ିବା ପରେ ସିଦ୍ଧେଶ୍ୱର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଆଗକୁ ଦୁର୍ଗାପୂଜା ପାଳନ କରିବେ ନାହିଁ, ତାହାକୁ ନେଇ ବିଚାରବିମର୍ଶ ଚାଲିଛି।

● ଭୁବନେଶ୍ୱରରେ ନବନିଯୁକ୍ତ ରାଜ୍ୟପାଳ

ଭବ୍ୟ ସ୍ୱାଗତ ସହ ଦିଆଗଲା ଗାର୍ଡ ଅଫ୍ ଅନର

ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ପହଞ୍ଚିଲେ ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମା। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସହ ଗାର୍ଡ ଅଫ୍ ଅନର ଦିଆଯାଇଛି। ନୂଆ ରାଜ୍ୟପାଳଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମନ୍ତ୍ରୀ ଓ ବିଧାୟକ। ସେ ବିମାନବନ୍ଦରରୁ ସିଧା ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ପୁରୀରୁ ଫେରି ରାତି ୭ଟା ୨୫ରେ ଲୋକ ଭବନରେ ପହଞ୍ଚିଥିଲେ। ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଲୋକଭବନର ନୂଆ ଅଭିଷେକ ହଲ୍‌ରେ ସେ ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩୦୦ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଭିଜିଲାନ୍ସ ଜାଲରେ ପଡ଼ିଲେ ଅଧୀକ୍ଷଣ ଯନ୍ତ୍ରୀ

୨୨ ଲକ୍ଷ ଟଙ୍କା ଜବତ

କଟକ, ୧୭।୧୦ (ସଂଚାର ବ୍ୟୁରୋ): ଭିଜିଲାନ୍ସକୁ ମିଳିଛି ବଡ଼ ସଫଳତା। ଭିଜିଲାନ୍ସ ଜାଲରେ କଟକ ଜଗତପୁରସ୍ଥିତ ମହାନଦୀ ନଦର୍ଣ୍ଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରସନ୍ନଜିତ ଦାସ। ତାଙ୍କଠାରୁ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କା ଜବତ ହୋଇଛି। ବିଭିନ୍ନ ଠିକାଦାରଙ୍କଠାରୁ ଲାଞ୍ଚ ସଂଗ୍ରହ ହେଉଥିବା ସୂଚନା ଆଧାରରେ ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ଏଜି ଛକ ନିକଟରେ ତାଙ୍କୁ ଭିଜିଲାନ୍ସ ଅଟକାଇବା ସହ ତାଙ୍କ ଗାଡ଼ି ଯାଞ୍ଚ୍ କରିଥିଲା। ସେ ଏକ ସରକାରୀ ଭାବେ ନିୟୋଜିତ ବୋଲେରୋ ଗାଡ଼ିରେ ଯାଉଥିବା ବେଳେ ତାଙ୍କଠାରୁ ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କା ମିଳିଥିଲା। ଏହାପରେ ଆଜି ସକାଳେ ଭୁବନେଶ୍ୱର ଘାଟିକିଆସ୍ଥିତ ଟ୍ରାଇଡେଣ୍ଟ ଗାଲାକ୍ସିରେ ଥିବା ତାଙ୍କ ଭଡ଼ା ଘର ଓ ବରଗଡ଼ସ୍ଥିତ ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତଡ଼ାଉ କରାଯାଇଥିଲା। ଭଡ଼ା ଘରୁ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଥିଲା। ଏହିପରି ଭାବେ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କାର ହିସାବ ଦେଇ ନ ପାରିବାରୁ ଏହି ଟଙ୍କାକୁ ଜବତ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨) ସହ ୧୩(୧)(ବି) ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି।

୧୦୪ କେଜି ଗଞ୍ଜେଇ ଜବତ, ନାବାଳକ ଚାଳକ ଗିରଫ

ଦଶପଲ୍ଲା,୧୭।୧୦(ସଂଚାର ବ୍ୟୁରୋ): ଏକ କାର୍‌ରେ ଦଶପଲ୍ଲା ପୁଲିସ୍ ଆଜି ୧୦୪ କିଲୋ ଗଞ୍ଜେଇ କନ୍ଧମାଳରୁ କଟକ ଚାଲାଣ ହେଉଥିବା ସମୟରେ ଦଶପଲ୍ଲା ପୁଲିସ୍ ଜବତ କରିବା ସହ ଜଣେ ନାବାଳକ ଚାଳକଙ୍କୁ ଗିରଫ କରିଛି। ଦଶପଲ୍ଲା ଥାନାଧିକାରୀ ବିନୟ ରଞ୍ଜନ ପରିଡ଼ା ରଙ୍ଗମାଟିଆ ଟୋଲ୍ ଗେଟ୍ ନିକଟରେ ଉକ୍ତ କାର୍‌କୁ ଅଟକାଇଥିଲେ। ଗିରଫ ହୋଇଥିବା ନାବାଳକ ଚାଳକ ଜଣଙ୍କ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଥାନାଞ୍ଚଳର କରନ୍ଦାଗଡ଼ ଗ୍ରାମର ନିବାସୀ ବୋଲି ଜଣାପଡ଼ିଛି। ଗାଡ଼ିର ନମ୍ବର ଓଡି୦୨ସିଏମ୍ ୩୪୦୫ ହୋଇଥିବା ବେଳେ ସେଥିରେ ଦୁଇଟି ପ୍ୟାକେଟ୍‌ରେ ଗଞ୍ଜେଇ ଭର୍ତ୍ତି ହୋଇ ଚାଲାଣ ହେଉଥିଲା।

ଛାତ୍ର ନେତାଙ୍କୁ ଶୁଭେଚ୍ଛା ଜଣାଇଲେ ବିରୋଧୀ ଦଳ ନେତା

କାମ ଦେଲାନି ଅର୍ଥବଳ, ବାହୁବଳ ଓ ଚାପ: ନବୀନ

ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର ବିଧାନସଭା ନିର୍ବାଚନ ନେଇ ଆଜି ମୁହଁ ଖୋଲିଛନ୍ତି ବିଜେଡି ନେତ୍ରୀ ସୁଜାତା କାର୍ତ୍ତିକେୟନ୍। ସେ ସବୁ ଛାତ୍ର ନେତାଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ବିଜେଡି ସବୁବେଳେ ଛାତ୍ର ସମାଜ ସହ ଠିଆ ହୋଇଛି। ରାଜ୍ୟ ବିଜେପି ସରକାରର ଦକ୍ଷତା ଓ ଉଦ୍ଦେଶ୍ୟମୂଳକ କାର୍ଯ୍ୟକୁ ଲୋକେ ଏହି ନିର୍ବାଚନରୁ ଜାଣିଗଲେ। ଛାତ୍ର ନିର୍ବାଚନରେ ବିଜେପି ନିମ୍ନ ସ୍ତରକୁ ଖସିଗଲେ ଯେ ମହିଳା କଲେଜରେ ପୁରୁଷ ଗୁଣ୍ଡା ପଶିଲେ, ସରକାରୀ କଳ ଲାଗିଲା, କଲେଜ ପ୍ରଶାସନ ବି ଲାଗିଲା। ହେଲେ ସତ୍ୟ, ନ୍ୟାୟ ଓ ଅହିଂସାର ବିଜୟ ହୋଇଛି। ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ବିଜେଡି ୭୦ ପ୍ରତିଶତରୁ ଅଧିକ କଲେଜ ଜିତି

SANCHAR
ସଂଚାର
ରବିବାର ୧୮ ଅକ୍ଟୋବର ୨୦୨୬
BUSINESS

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

କଟକ ଦଶହରାରେ ୩୦୦ କୋଟିରୁ ଅଧିକ କାରବାର

କଟକ,୧୭।୧୦: ଚାନ୍ଦି ମେଢ଼, ସୁନା ମୁକୁଟ, ସୁଉଚ୍ଚ ତୋରଣ, ଆଖି ଝଲସା ଆଲୋକସଜ୍ଜା, କିଲୋମିଟର ବ୍ୟାପୀ ଭସାଣି ଶୋଭାଯାତ୍ରା.. କଟକ ଦଶହରାର ଏହି ଚମକ ଭିତରେ ଲୁଚି ରହିଛି ଏକ ବିରାଟ ଅର୍ଥନୈତିକ ଚିତ୍ର । ଦୁର୍ଗାପୂଜା କେବଳ ଆସ୍ଥା, ପରମ୍ପରା ଓ ଭାଇଚାରାର ପର୍ବ ନୁହେଁ ଏହା କଟକର ବ୍ୟବସାୟ, ରୋଜଗାର ଓ ସ୍ଥାନୀୟ ବଜାରକୁ ନେଇ ପ୍ରସ୍ତୁତ ଏକ ବୃହତ୍ ଋତୁକାଳୀନ ଅର୍ଥନୈତିକ ଉତ୍ସବ । ମୂର୍ତ୍ତି ଗଢ଼ାଠାରୁ ମଣ୍ଡପ ନିର୍ମାଣ, ବିଦ୍ୟୁତ୍ ଓ ତୋରଣ ସାଜସଜ୍ଜା, ସୁନାରୁପା କାରିଗରୀ, ପୋଷାକ କିଣାକିଣି, ମିଠା ଓ ଖାଦ୍ୟ ବ୍ୟବସାୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଦଶହରା ପାଇଁ ବିପୁଳ ଆର୍ଥିକ କାରବାରର କ୍ଷେତ୍ର ସୃଷ୍ଟି ହୋଇଥାଏ । ଚଳିତବର୍ଷ କଟକ ଦଶହରାରେ ଆନୁମାନିକ ଆର୍ଥିକ କାରବାର ୩୦୦ କୋଟିରୁ ଅଧିକ ଟଙ୍କା ବୋଲି କୁହାଯାଉଛି । ସହରର ୧୭୦ରୁ ଅଧିକ ପୂଜାମଣ୍ଡପରେ ଆୟୋଜନ, ବ୍ୟବସାୟୀଙ୍କ ପ୍ରସ୍ତୁତି ଓ ଉତ୍ସବକୁ ଆସୁଥିବା ଲୋକଙ୍କ ଭିଡ଼ ଦଶହରା ବଜାରର ବ୍ୟାପକତାକୁ ସ୍ପଷ୍ଟ କରୁଛି। କଟକର ପରିଚୟ ହେଉଛି ଚାନ୍ଦିମେଢ଼ ଓ ସୂକ୍ଷ୍ମ ତାରକସି କାରିଗରୀ । ସହରରେ ପ୍ରାୟ ୩୮ଟି ଚାନ୍ଦିମେଢ଼ ଥିବା

ଏବଂ ସେଗୁଡ଼ିକରେ ବ୍ୟବହୃତ ସୁନାରୁପା ଅଳଙ୍କାରର ମୋଟ ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ବୋଲି ଆକଳନ କରାଯାଇଛି । ଏହା ପୂଜାରେ ଖର୍ଚ୍ଚ ହେଉଥିବା ଅର୍ଥ ନୁହେଁ ଏହା ଦୀର୍ଘ ବର୍ଷ ଧରି ସଂଗୃହୀତ ଅଳଙ୍କାରର ଆନୁମାନିକ ମୂଲ୍ୟ । ତେବେ ଏହି ତାରକସି ମେଢ଼ ସଫେଇ ପାଇଁ ପ୍ରତିବର୍ଷ ପୂଜା କମିଟିମାନେ ସର୍ବନିମ୍ନ ୨ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ କରିଥାନ୍ତି । ଆୟୋଜନରେ ଆର୍ଥିକ ଖର୍ଚ୍ଚକୁ ଦୃଷ୍ଟିରେ ରଖି କଟକର ପୂଜା କମିଟିଗୁଡିକର ଗ୍ରେଡେସନ୍ ବା ବର୍ଗୀକରଣ କରାଯାଇଛି । ଏ'ଗ୍ରେଡ୍‌ରେ ଅଧିକାଂଶ ଚାନ୍ଦିମେଢ଼ ଥିବା ପୂଜା କମିଟି ରହିଛନ୍ତି । ସହରରେ ଥିବା ୩୮ଟି ଚାନ୍ଦିମେଢ଼ ସମ୍ପନ୍ନ ପୂଜା କମିଟି ମଧ୍ୟରୁ ପ୍ରାୟ ୨୦ ପୂଜା କମିଟିର ବଜେଟ୍ ପ୍ରାୟ ଆନୁମାନିକ ୩ଠଲକ୍ଷ । କାରଣ ଦଶହରାରେ ନିଜକୁ ସ୍ୱତନ୍ତ୍ର ଓ ଆକର୍ଷଣୀୟ କରିବାକୁ ଏମାନଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳେ । କିଏ ତୋରଣରେ ତ' କିଏ ଆଲୋକସଜ୍ଜାରେ ବିପୁଳ ଟଙ୍କା ଖର୍ଚ୍ଚ କରିଥାନ୍ତି। ସହରରେ ଏମିତି ଅନେକ ପୂଜା କମିଟି ରହିଛନ୍ତି ଯେଉଁମାନେ କେବଳ ତୋରଣରେ ୧୦ରୁ ୧୫ଲକ୍ଷ ଟଙ୍କା ବ୍ୟୟ କରିଥାନ୍ତି । ଉଦାହରଣ ଭାବେ ଖାନ୍‌ନଗର, ତୁଳସୀପୁର, ଶିଖରପୁର, ମାଲଗୋଦାମ ଭଳି ପୂଜା କମିଟିକୁ ନିଆଯାଇପାରେ । ସେହିପରି ଆଲୋକସଜ୍ଜାରେ ମଧ୍ୟ ମୋଟ ବଜେଟର ବଡ଼ ଅଂଶ ଖର୍ଚ୍ଚ ହୋଇଥାଏ । ପୂଜାମଣ୍ଡପ ଠାରୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଲାଇଟ୍ ସଜ୍ଜା ଯାଇଥାଏ । କିଛି କମିଟି ଲାଇଟ୍ ତୋରଣ ମଧ୍ୟ କରିଥାନ୍ତି। ଏଥିପାଇଁ ଖର୍ଚ୍ଚ ୨ଲକ୍ଷରୁ ଆରମ୍ଭ କରି ୧୦ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଥାଏ । କିଛି କମିଟି ଲାଇଟ୍ ଷ୍ଟାଟ୍ୟୁ ବ୍ୟବସ୍ଥା କରିଥାନ୍ତି, ଯାହା ବେଶ୍ ବ୍ୟୟବହୁଳ । ଏଥିପାଇଁ ଓଡ଼ିଶାର କାରିଗରଙ୍କ ସମେତ କଲିକତାର ଲାଇଟ୍ ଡେକୋରେଟର୍‌ମାନେ ଆସିଥାନ୍ତି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥାଏ । କିଛି ପୂଜା କମିଟି ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମଲୋଡି କାର୍ଯ୍ୟକ୍ରମ ରଖିଥାନ୍ତି। ଓଲିଉଡର ନାମୀଦାମୀ କଳାଶିଳ୍ପୀ ଆସିଥାନ୍ତି। ଏଥିପାଇଁ ଗୋଟିଏ ରାତିରେ ପ୍ରାୟ ୨ଲକ୍ଷ ଟଙ୍କା ବ୍ୟୟ କରାଯାଇଥାଏ । ସେହିପରି ଭସାଣି ଯାତ୍ରାର ମଧ୍ୟ ଖର୍ଚ୍ଚ ମଧ୍ୟ ଢେର ଅଧିକ। ବ୍ୟାଣ୍ଡ୍, ହାତବାଜା, ଲାଇଟ୍‌ଗେଟ୍ ଇତ୍ୟାଦିକୁ ମିଶାଇଲେ କମିଟି ପିଛା ପ୍ରାୟ ୫ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି ।

ବଢ଼ିପାରେ ପେଟ୍ରୋଲ ଓ ଡିଜେଲ୍ ଦର

ନୂଆଦିଲ୍ଲୀ,୧୭।୧୦: ନଭେମ୍ବରରେ ଦେଶରେ ବଢ଼ିପାରେ ପେଟ୍ରୋଲ ଏବଂ ଡିଜେଲ ଦର । ଅକ୍ସଫୋର୍ଡ ଇକୋନୋମିକ୍ସ ପକ୍ଷରୁ ଏହି ଅନୁମାନ କରାଯାଇଛି । ଏହା ଅନୁସାରେ, ନଭେମ୍ବରରେ ଇନ୍ଧନ ଦରରେ ସାମାନ୍ୟ ବୃଦ୍ଧି ଘଟିପାରେ । ଆଗାମୀ ବର୍ଷ ଆରମ୍ଭରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ନିର୍ବାଚନ ପାଇଁ ପ୍ରଚାର ଦ୍ରୁତ ହେବା ପୂର୍ବରୁ ପକ୍ଷରେ ଦର ବଢ଼ାଇବା ପାଇଁ ଏକ ସୀମିତ ସୁଯୋଗ ମିଳିବ । ବ୍ଲୁମ୍ବର୍ଗର ଏକ ରିପୋର୍ଟରେ ଅକ୍ସଫୋର୍ଡ ଇକୋନୋମିକ୍ସର ପ୍ରମୁଖ ଅର୍ଥନୀତିଜ୍ଞ ଆଲେକ୍ସେଞ୍ଜର ହରମନ ପ୍ରସାଦ କହିଛନ୍ତି ଯେ, ପେଟ୍ରୋଲ ଦରରେ ବୃଦ୍ଧି ସମ୍ଭାବନା ନଭେମ୍ବରରେ ଦେଖାଯାଉଛି । ଏହା ସେତେବେଳେ ହେବ, ଯେତେବେଳେ ଆଗାମୀ ୭ଟି ରାଜ୍ୟରେ ନିର୍ବାଚନ ରହିଛି। ଏଭଳି ସ୍ଥିତିରେ ଇନ୍ଧନ ଦରରେ ବୃଦ୍ଧି ସମ୍ଭାବନା ରାଜନୈତିକ ମୋଡ଼ ନେଇପାରେ । ଅକ୍ସଫୋର୍ଡ ଇକୋନୋମିକ୍ସର କହିବାନୁସାରେ, ଏହି ବୃଦ୍ଧି ମେ'ରେ ହୋଇଥିବା ବୃଦ୍ଧିର ଅଧା ହୋଇପାରେ । ମେ'ରେ ମଧ୍ୟପ୍ରାଚ୍ୟରେ ଅଶାନ୍ତି କାରଣରୁ ଖୁଚୁରା ଇନ୍ଧନ ଦର ବଢ଼ିଥିଲା । ରିପୋର୍ଟରେ କୁହାଯାଇଛି ଯେ, ଏହି ବୃଦ୍ଧି ଦ୍ୱାରା ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୨% ଏବଂ ୨୦୨୭ର ପ୍ରଥମ ତିନି ମାସରେ ଏହା ୬.୫% ପର୍ଯ୍ୟନ୍ତ ପହଞ୍ଚିପାରେ । ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୨ରୁ ୬% ଦରବୃଦ୍ଧି ଲକ୍ଷ୍ୟଠାରୁ ଅଧିକ ।

ଆପଣଙ୍କ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ମେସେଜ୍ ପଢ଼ିପାରିବ କି ମେଟାର ଏଆଇ?

ନୂଆଦିଲ୍ଲୀ,୧୭।୧୦: ଆଜିକାଲି ଅନେକ ଲୋକ ନିଜର ବ୍ୟକ୍ତିଗତ କଥାବାର୍ତ୍ତା ପାଇଁ ହ୍ୱାଟ୍ସଆପ୍ ବ୍ୟବହାର କରୁଛନ୍ତି। ଏଥିରେ ଥିବା ଏଣ୍ଡ୍-ଟୁ-ଏଣ୍ଡ୍ ଏନ୍‌କ୍ରିପ୍ସନ୍ ବ୍ୟବସ୍ଥା ଯୋଗୁଁ ମେସେଜ୍ କେବଳ ପଠାଉଥିବା ଓ ପାଉଥିବା ବ୍ୟକ୍ତି ହିଁ ପଢ଼ିପାରନ୍ତି। କିନ୍ତୁ ଏବେ ମେଟାର ନୂଆ ଏଆଇ ସହାୟକ 'ମ୍ୟୁଜ୍'କୁ ନେଇ ଗୋପନୀୟତା ସମ୍ପର୍କିତ ଚିନ୍ତା ବଢ଼ିଛି। ଏକ ଟିପ୍‌ଷ୍ଟର୍ ଅଭିଷେକ ଯାଦବ ହ୍ୱାଟ୍ସଆପ୍ ଓ ମେସେଞ୍ଜର୍‌ର କିଛି ଅପ୍ରକାଶିତ କୋଡ୍‌ର ସ୍କ୍ରିନ୍‌ସଟ୍ ସେୟାର କରିଛନ୍ତି। ଏଥିରୁ ଜଣାପଡ଼ୁଛି ଯେ ମେଟା ନିଜର ମ୍ୟୁଜ୍ ଏଆଇକୁ ହ୍ୱାଟ୍ସଆପ୍‌ର ଏନ୍‌କ୍ରିପ୍ଟେଡ୍ ଚାଟ୍ ସହ ଯୋଡ଼ିବା ଏବଂ ସ୍ମାର୍ଟ ଗ୍ଲାସ୍‌ରେ ନୂଆ ସୁବିଧା ଆଣିବା ଉପରେ କାମ କରୁଥାଇପାରେ। ତେବେ ଏନେଇ ମେଟା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ଘୋଷଣା ହୋଇନାହିଁ। ହ୍ୱାଟ୍ସଆପ୍ ଚାଟ୍ ପଢ଼ିପାରିବ କି ମ୍ୟୁଜ୍ ଏଆଇ? ହ୍ୱାଟ୍ସଆପ୍‌ର ୨.୨୬.୪୦.୭୬ ଭର୍ସନ୍ ସହ ଜଡ଼ିତ କିଛି କୋଡ୍ ରହିଛି। ଏଥିରେ ଏପରି ଏକ ବ୍ୟବସ୍ଥାର ସଙ୍କେତ ମିଳୁଛି, ଯାହା ଜରିଆରେ ବ୍ୟବହାରକାରୀ ନିଜର ଏନ୍‌କ୍ରିପ୍ଟେଡ୍ ଚାଟ୍‌କୁ ମ୍ୟୁଜ୍ ଏଆଇର ପହଞ୍ଚ ଦେଇପାରିବେ। ଏଥିପାଇଁ ବ୍ୟବହାରକାରୀଙ୍କୁ ମେସେଞ୍ଜର୍‌ରେ ଏକ ପିନ୍ ତିଆରି କରିବାକୁ ପଡ଼ିପାରେ। ଏହି ପିନ୍ ଚାଟ୍‌ର ପୁରୁଣା ଇତିହାସ ବା ଚାଟ୍ ହିଷ୍ଟ୍ରି ଦେଖିବା ପାଇଁ ବ୍ୟବହୃତ ପିନ୍ ସହ ଜଡ଼ିତ ହୋଇପାରେ। ଏହାସହ ଭୁଲ୍ ପିନ୍ ବାରମ୍ବାର ଦେଲେ ସତର୍କ କରାଇବା ଭଳି ବ୍ୟବସ୍ଥା ମଧ୍ୟ କୋଡ୍‌ରେ ଥିବା ଜଣାପଡ଼ିଛି। ଭୁଲ୍ ପିନ୍ ଦେବା ଜାରି ରହିଲେ କିଛି ସମୟ ଅପେକ୍ଷା କରିବାକୁ କିମ୍ବା ପିନ୍ ପୁଣିଥରେ ତିଆରି କରିବାକୁ ପଡ଼ିପାରେ। ତେବେ ଏହି କୋଡ୍ ଆଧାରରେ ମ୍ୟୁଜ୍ ଏଆଇ ନିଶ୍ଚିତ ଭାବେ ହ୍ୱାଟ୍ସଆପ୍ ଚାଟ୍ ପଢ଼ିପାରିବ ବୋଲି କହିବା ଠିକ୍ ହେବ ନାହିଁ। କାରଣ ଏହି ସୁବିଧା ଏପର୍ଯ୍ୟନ୍ତ ସାଧାରଣ ବ୍ୟବହାରକାରୀଙ୍କ ପାଇଁ ଆସିନାହିଁ।

ଆରବିଏଲ୍ ବ୍ୟାଙ୍କ ଓ ଏମିରେଟ୍ସ ଏନବିଡି ବ୍ୟାଙ୍କର ମିଶ୍ରଣକୁ ଆର୍‌ବିଆଇର ମଞ୍ଜୁରୀ: ବଦଳୁଛି ବ୍ୟାଙ୍କିଙ୍ଗ୍ ସେକ୍ଟର

ନୂଆଦିଲ୍ଲୀ,୧୭।୧୦: ଗତକାଲି ଆଇଡିବିଆଇ ବ୍ୟାଙ୍କରେ ସର୍ବାଧିକ ବିଦେଶୀ ପୁଞ୍ଜି ନିବେଶ ନେଇ ଖବର ଆସିବା ପରେ ଶୁକ୍ରବାର ପୁଣି ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏମିରେଟ୍ସ ଏନ୍‌ବିଡି ବ୍ୟାଙ୍କର ଭାରତରେ ଥିବା ୩ ଶାଖାକୁ ଆର୍‌ବିଏଲ୍ ବ୍ୟାଙ୍କ ସହ ମିଶ୍ରଣ କରିବାକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଞ୍ଜୁରୀ ଦେଇଛି। ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନ, ୧୯୪୯ର ଧାରା ୪୪ଏ(୪) ଅନୁଯାୟୀ ଏହି ଅନୁମତି ପ୍ରଦାନ କରାଯାଇଛି। ୧ ଡିସେମ୍ବର ୨୦୨୬ରୁ ଏହି ନିଷ୍ପତ୍ତି ଲାଗୁ ହେବ। ଏପରେ ମୁମ୍ବାଇ, ଚେନ୍ନାଇ ଓ ଗୁରୁଗ୍ରାମରେ ସ୍ଥିତ ଏମିରେଟ୍ସ ଏନ୍‌ବିଡିର ବ୍ରାଞ୍ଚ ଆରବିଏଲ୍ ବ୍ୟାଙ୍କର ବ୍ରାଞ୍ଚ ଭାବରେ କାମ କରିବ। ସୂଚନା ଥାଉକି ଚଳିତ ବର୍ଷ ଜୁନ ମାସରେ ୟୁଏଇ ବ୍ୟାଙ୍କିଙ୍ଗ ଗ୍ରୁପ ଏମିରେଟ୍ସ ଏନ୍‌ବିଡି ଭାରତର RBL ବ୍ୟାଙ୍କ ୬୦% ଅଂଶଧନ ଅଧିଗ୍ରହଣ କାର୍ଯ୍ୟ ଶେଷ କରିଥିଲା। ହେଲେ ଶାଖା ମିଶ୍ରଣର ପ୍ରକ୍ରିୟା ପରବର୍ତ୍ତୀ ପର୍ଯ୍ୟାୟରେ ଶେଷ ହେବ। ଜୁନ ୧୮

ତାରିଖରେ ଏମିରେଟ୍ସ ଏନବିଡି ଆରବିଏଲରେ ନିଜର ବଡ଼ ଅଂଶଧନ କିଣିବା ପ୍ରକ୍ରିୟା ଶେଷ କରିଥିଲା। ଏଥିପାଇଁ ପ୍ରାୟ ୨.୭୫ ଅରବ ଡଲାର ବା ୨୬ ହଜାର କୋଟି ଟଙ୍କା ନିବେଶ କରିଥିଲା ବିଦେଶୀ ବ୍ୟାଙ୍କିଙ୍ଗ୍ ସଂସ୍ଥା। ଏହି ନିବେଶ ପରେ ଆରବିଏଲର ଏମିରେଟ୍ସ ଏନବିଡିର ଅଂଶଧନ ବଢ଼ି ୬୦% ହୋଇଯାଇଥିଲା। ଏହି ଡିଲ୍ ବାବଦରେ ପ୍ରଥମେ ୧୮ ଅକ୍ଟୋବର ୨୦୨୫ରେ କରାଯାଇଥିଲା। କିନ୍ତୁ ଆରବିଏଲ୍ ବ୍ୟାଙ୍କର ଅଂଶଧନ କିଣିବା ଓ ଶାଖାର ବିଲୟ ଦୁଇଟି ଅଲଗା ପ୍ରକ୍ରିୟା। ଅଂଶଧନ କିଣିବା କାମ ଜୁନରୁ ଆରମ୍ଭ ହୋଇଥିବା ବେଳେ ଶାଖା ବିଲୟ ପ୍ରକ୍ରିୟା ଡିସେମ୍ବର ୧ ତାରିଖରୁ ଲାଗୁ ହେବ। ବେଙ୍କିଙ୍ଗ ସେକ୍ଟରରେ ଅନ୍ୟତମ ବଡ଼ ବିଦେଶୀ ପୁଞ୍ଜି ନିବେଶ ଏମିରେଟ୍ସ ଏନବିଡି ଏବଂ ଆରବିଏଲ ବ୍ୟାଙ୍କର ସୂଚନା ଅନୁଯାୟୀ ଏହି ଡିଲ୍ ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସବୁଠାରୁ ବଡ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ ଓ ବୃହତ୍ତମ ଇକ୍ୱିଟି ପାଣ୍ଠି ସଂଗ୍ରହ କାରବାର ମଧ୍ୟରୁ ଗୋଟିଏ। ଏହି ନିବେଶ ଆରବିଏଲ ବ୍ୟାଙ୍କର ବ୍ୟବସାୟ ବିସ୍ତାର କରିବା ସହ ଅତିରିକ୍ତ ପୁଞ୍ଜି ଯୋଗାଇବ। ତା ସହିତ ଏମିରେଟ୍ସ ଏନବିଡି ଭାରତରେ ଏହାର ବ୍ୟବସାୟକୁ ବିସ୍ତାର କରିବା ସହ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଉପସ୍ଥିତିକୁ ସୁଦୃଢ଼ କରିବାର ସୁଯୋଗ ପାଇବ। ତେବେ ଏଥିରେ ଗ୍ରାହକଙ୍କ ଆର୍ଥିକ କାରବାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ତେବେ ବ୍ୟାଙ୍କର କାର୍ଯ୍ୟଶୈଳୀ ଓ ନିମୟ କାନୁନରେ କିଛିଟା ପରିବର୍ତ୍ତନ ହୋଇପାରେ।

ବିତ୍ତୀୟ ସ୍ଥିରତା ବଜାୟ ରଖିବାକୁ ଆର୍‌ବିଆଇର ତତ୍ପରତା

ଟଙ୍କାକୁ ସମ୍ଭାଳିବାକୁ ଖର୍ଚ୍ଚ ହେଲାଣି ୭ ଲକ୍ଷ କୋଟି

ମୁମ୍ବାଇ,୧୭।୧୦: ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ହ୍ରାସ ଜାରି ରହିଛି। ଏହାକୁ ରୋକିବା ପାଇଁ ଲଗାତର ପଦକ୍ଷେପ ନେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) । କେତେବେଳେ ବଜାରରେ ଡଲାର ବିକ୍ରି କରାଯାଉଛି ତ କେତେବେଳେ ଡଲାରର ଚାହିଦା କମାଇବା ପାଇଁ ନୂଆ ନିୟମ ତିଆରି ହେଉଛି । ବିଦେଶରୁ ଡଲାର ସଂଗ୍ରହ କରିବାର ଅନେକ ଉପାୟ ବି କରାଯାଉଛି । କିନ୍ତୁ ଏସବୁ ଉଦ୍ୟମ ସତ୍ତ୍ୱେ ଟଙ୍କା ଉପରେ ଚାପ ରହିଛି । ବ୍ରୋକରେଜ ସଂସ୍ଥା ଆମ୍ବିଟ୍ କ୍ୟାପିଟାଲର ଏକ ରିପୋର୍ଟ ଅନୁସାରେ, ଆର୍‌ବିଆଇ ଗତ ୨୫ ବର୍ଷରେ ଟଙ୍କାକୁ ସମ୍ଭାଳିବା ପାଇଁ ବ୍ୟବହାର କରାଯାଇଥିବା ଅଧିକାଂଶ ଉପାୟ ଏ ବର୍ଷ ଉପଯୋଗ କରିସାରିଛି । ଗତ ୬ ମାସରେ ଆର୍ବିଆଇ ଅନେକ ବଡ଼ ପଦକ୍ଷେପ ନେଇଛି ।

ଏଥିରେ ବିଦେଶୀ ମୁଦ୍ରା ଭଣ୍ଡାରରୁ ଡଲାର ବିକ୍ରି, ବିଦେଶରେ ରହୁଥିବା ଭାରତୀୟଙ୍କଠାରୁ ଡଲାର ସଂଗ୍ରହ, କମ୍ପାନିଗୁଡ଼ିକ ପାଇଁ ବିଦେଶରୁ ଋଣ ନେବା ସହଜ କରିବା ଏବଂ ବିଦେଶୀ ନିବେଶକଙ୍କୁ ଭାରତୀୟ ବଣ୍ଡ ବଜାର ଆଡ଼କୁ ଆକର୍ଷିତ କରିବା ସାମିଲ । ଜୁନରୁ ଆରମ୍ଭ ହୋଇଥିବା ବିଶେଷ ବ୍ୟବସ୍ଥା ଜରିଆରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପାଖାପାଖି ୧୪୪ ବିଲିୟନ ଡଲାର ସଂଗ୍ରହ ହୋଇଛି । ଅର୍ଥନୀତିଜ୍ଞଙ୍କ ଅନୁମାନ ଯେ, ଟଙ୍କାକୁ ସମ୍ଭାଳିବା ପାଇଁ ଏହାର ପାଖାପାଖି ଅଧା ବା ୮୦ ବିଲିୟନ ଡଲାର(୭ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ କରିଛି ସର୍ବୋଚ୍ଚ ବ୍ୟାଙ୍କ । ଟଙ୍କାରେ ଦେଖାଦେଇଥିବା ପତନକୁ ରୋକିବା ପାଇଁ ତଥା ବିତ୍ତୀୟ ସ୍ଥିରତା ବଜାୟ ରଖିବା ପାଇଁ ଆର୍ବିଆଇ ଏହି ପଦକ୍ଷେପ ଆପଣାଇଛି । ଆର୍ବିଆଇ ଏହି ରାଶିକୁ ସ୍ପଟ୍ ମୁଦ୍ରା ବଜାର ଏବଂ ଡଲାର-ଟଙ୍କା ସ୍ୱାପ୍ ମାଧ୍ୟମରେ ବିନିଯୋଗ କରିଛି । ଏସବୁ ସତ୍ତ୍ୱେ ଭାରତୀୟ ମୁଦ୍ରାରେ ହ୍ରାସ ଜାରି ରହିଛି। ଟଙ୍କା ଦୁର୍ବଳ ହେବାର ଅନେକ କାରଣ ରହିଛି । ଅଶୋଧିତ ତୈଳର ଉଚ୍ଚ ଦର, ଆମେରିକା ବଣ୍ଡ ୟିଲ୍ଡରେ ବୃଦ୍ଧି ଏବଂ ବିଦେଶୀ ଇକ୍ୱିଟିରୁ ଲଗାତର ପୁଞ୍ଜି ବହିଃପ୍ରବାହ କାରଣରୁ ଭାରତୀୟ ମୁଦ୍ରା ଚାପଗ୍ରସ୍ତ ଅଛି। ଚଳିତବର୍ଷ ଜୁନ୍ରେ ବିଶେଷ ଉପାୟ(ଯେପରି ଏଫ୍ସିଏନ୍‌ଆର୍(ବି) ଜମା ଆଦି) ଆରମ୍ଭ କରିବା ପରେ ଭାରତକୁ ପ୍ରାୟ ୧୪୦ ବିଲିୟନ ଡଲାରରୁ ଅଧିକ ବିଦେଶୀ ମୁଦ୍ରା ମିଳିଲା, ଯାହାର ପାଖାପାଖି ଅଧା ଭାଗକୁ ଆର୍ବିଆଇ ଟଙ୍କାକୁ ସମ୍ଭାଳିବାରେ ବ୍ୟୟ କରିଛି ।

ମହଙ୍ଗା ଭତ୍ତା ବୃଦ୍ଧିକୁ କର୍ମଚାରୀଙ୍କ ଅପେକ୍ଷା

ନୂଆଦିଲ୍ଲୀ,୧୭।୧୦: କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀମାନେ ଜୁଲାଇ ୨୦୨୬ର ମହଙ୍

ମହାସପ୍ତମୀରେ ସିଂହବାହିନୀ ମା' ମଙ୍ଗଳା

ସିଂହ ପିଠିରେ ବସନ୍ତି ମା' - ଦର୍ଶନ ପାଇଁ ହଜାର ଭକ୍ତଙ୍କ ଭିଡ଼

କାକଟପୁର/ଅସ୍ତରଙ୍ଗ, ୧୭।୧୦ (ସଂଚାର ବ୍ୟୁରୋ): ଚାଲିଛି ଶକ୍ତିପୀଠରେ ଶାରଦୀୟ ନବରାତ୍ର ପୂଜା। ପୁରୀ ଜିଲ୍ଲା କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପୀଠରେ ମହାସପ୍ତମୀର ଯେଉଁ ରୂପକୁ ଦେଖିଲେ ଆଖିରୁ ଲୁହ ନୁହେଁ ଭକ୍ତି ଝରେ ସେ ହେଉଛି ମା'ମଙ୍ଗଳା ଙ୍କ ସିଂହବାହିନୀ ବେଶ। ଶନିବାର ସନ୍ଧ୍ୟାରେ ମଙ୍ଗଳା ପୀଠରେ ଅନୁଷ୍ଠିତ ହୋଇଛି ଏହି ଦୁର୍ଲଭ ବେଶ। ବର୍ଷକ ପରେ ଆସେ ଏହି ମହା ମୁହୂର୍ତ୍ତ। ଯେଉଁ ବେଶକୁ ଦେଖିଲେ ପାଷାଣ ବି ତରଳିଯାଏ ବୋଲି ଭକ୍ତେ କୁହନ୍ତି। ଏହି ବେଶ ଦେଖିବା ପାଇଁ ଭକ୍ତ ବର୍ଷ ଯାକ ଚାତକ ପରି ଚାହିଁ ରହିଥାନ୍ତି। ଏହି ଦିନର ମହତ୍ତ୍ୱ ଅପାର ଓ ଅଲୌକିକ ବୋଲି ବିଶ୍ୱାସ ରହିଛି। ମୂଳାଷ୍ଟମୀରୁ ଆରମ୍ଭ ହୋଇଥିବା ଷୋଡଶ ଉପଚାର ପୂଜାର ସବୁଠୁ ଆକର୍ଷଣୀୟ ଅଧ୍ୟାୟ ହେଉଛି ମହାସପ୍ତମୀର ସିଂହବାହିନୀ ବେଶ।

ଏହି ବେଶ ପଛରେ ଅଛି ଏକ ନିଆରା ପରମ୍ପରା ଓ ଗୁପ୍ତ ସାଧନା। ଚିତ୍ରକାର ସେବାୟତମାନେ ଦିନ ଦିନ ଧରି ଗୁମ୍ଫରେ କାଠରେ ଜୀବନ୍ତ ସିଂହ ତିଆରି କରନ୍ତି। ସେ ସିଂହକୁ କାହାକୁ ଜଣାଇ ନଦେଇ ନିଶବ୍ଦରେ ଗର୍ଭଗୃହକୁ ନିଆଯାଏ। ସେଠି ଷୋଡଶ ଉପଚାର ପୂଜକ, ପଞ୍ଚଉପଚାର ପୂଜକ, ପୂଜା ପଣ୍ଡା, ସିଂହାରୀ, ପାଳିଆ ସମସ୍ତେ ମିଶି ମା'ଙ୍କ ଚନ୍ଦନ ଚର୍ଚ୍ଚିତ କମନୀୟ ରୂପକୁ ସଜାନ୍ତି। ମା' ଯେବେ ସିଂହ ଉପରେ ବସି ମହିଷାସୁରକୁ ଠାବ କରିବାକୁ ବାହାରନ୍ତି ସେ ରୂପ ଏତେ କମନୀୟ ଯେ ଭକ୍ତ ଆଖିରୁ ଆପେ ଲୁହ ଝରିଯାଏ ବୋଲି କହିଛନ୍ତି ସେବାୟତ ତାପସ କୁମାର ଦୀକ୍ଷିତ। ଏହା ଦେଖିଲେ ମନ ପବିତ୍ର ହୁଏ ଓ ପାପ ନାଶ ହୁଏ ବୋଲି ଭକ୍ତ କହନ୍ତି। ନବରାତ୍ରର ଅନ୍ୟ ଦିନରେ ନୀତି ବିଲମ୍ବିତ ହେଉଥିବା ବେଳେ ମହାସପ୍ତମୀରେ ଖୁବ ଶୀଘ୍ର ନୀତିକାନ୍ତି ସାରି ବେଶ କବାଟ ଖୋଲାଯାଏ। ଏହି ବେଶର ସବୁଠୁ ରହସ୍ୟମୟ ଯାତ୍ରା ହେଉଛି ମଧ୍ୟରାତ୍ରିର ଯାତ୍ରା। ମା' ମଙ୍ଗଳା ସିଂହ ପିଠିରେ ବସି ମନ୍ଦିର ବାହାର ରତ୍ନଗିରିକୁ ଯାଆନ୍ତି। ରତ୍ନଗିରି ହେଉଛି ମହିଷାସୁରର ଗୁପ୍ତ ଆଡ୍ଡା। ମା' ତାକୁ ଖୋଜିବାକୁ ଯାଆନ୍ତି। ଏହି ଯାତ୍ରା କେହି ଦେଖି ପାରେନା। କେବଳ ଶୁଭେ ଶଙ୍ଖ ଓ ଘଣ୍ଟି ଶବ୍ଦ। ଫେରିବା ବାଟେ ଜଗମୋହନରେ ଅପେକ୍ଷା କରିଥାନ୍ତି ମା' ଦୁର୍ଗା। ଦୁଇ ମା'ଙ୍କ ଦିବ୍ୟ ଭେଟ ଦେହ କଣ୍ଟ ପୁଲକିତ କରେ। ସେଠି ହୁଏ ଜଗତି ପୂଜା ଯାହା ବିନା ମହାସପ୍ତମୀ ଅଧୁରା। ଏହା ପରେ ହିଁ ଖୋଲେ କବାଟ ଭକ୍ତ ପାଏ ସିଂହବାହିନୀର ଦିବ୍ୟ ଦର୍ଶନ।

ମହାସପ୍ତମୀ ରେ ଶୀଘ୍ର ବେଶ କବାଟ ଖୋଲିଥାଏ।ଏହି ପରମ୍ପରା ଶହ ଶହ ବର୍ଷ ଧରି ଚାଲିଆସୁଛି ବୋଲି ପୂଜକମାନେ କହନ୍ତି। ଏହା ହିଁ ମଙ୍ଗଳା ପୀଠର ବିଶେଷତ୍ୱ ଓ ଗର୍ବ ଓ ପରିଚୟ।ମହାସପ୍ତମୀ ସନ୍ଧ୍ୟାରେ ଏହି ଦର୍ଶନ ପାଇଁ କାକଟପୁର ମଙ୍ଗଳା ପୀଠରେ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବ୍ରାହ୍ମ ମୁହୂର୍ତ୍ତରୁ ଲମ୍ବା ଲାଇନ। ରାଜ୍ୟର କୋଣ ଅନୁକୋଣରୁ ଭକ୍ତ ଛୁଟି ଆସିଥିଲେ।

କାହା ଆଖିରେ ଲୁହ କାହା ମୁହଁରେ ହସ। ସିଂହ ଉପରେ ବସିଥିବା ଚନ୍ଦନ ବସ୍ତିତ ମା'ଙ୍କ କମନୀୟ ରୂପକୁ ଥରେ ଦେଖିଲେ ଜନ୍ମର ପାପ ଧୋଇ ହୋଇଯାଏ ବୋଲି ବିଶ୍ୱାସ। ଏହି ବେଶ ଦେଖିବା ପାଇଁ ବର୍ଷ ସାରା ଅପେକ୍ଷା କରିଥିଲି ଆଜି ଜୀବନ ଧନ୍ୟ ହେଲା ବୋଲି କହିଛନ୍ତି କଟକରୁ ଆସିଥିବା ଭକ୍ତ ରଶ୍ମିରେଖା ସାହୁ। ଭୁବନେଶ୍ୱରରୁ ଆସିଥିବା ଆଉ ଜଣେ ଭକ୍ତ କହିଛନ୍ତି ମା'ଙ୍କ ଆଖିରେ ଯେଉଁ କରୁଣା ଅଛି ତାହା ଅନ୍ୟତ୍ର ନାହିଁ। ସତରେ ମା' ମଙ୍ଗଳାଙ୍କ ଏହି ସିଂହବାହିନୀ ବେଶ ଭିତରେ ଅଛି ଶକ୍ତି ଅଛି ଭକ୍ତି ଅଛି ମା'ର ମମତା। ମା'ଙ୍କ ଏହି ରୂପ ହିଁ ଭକ୍ତଙ୍କୁ ବାରମ୍ବାର ଟାଣି ଆଣେ ମଙ୍ଗଳା ପୀଠକୁ। ଜୟ ମା' ମଙ୍ଗଳା ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସାରା ପୀଠ ପରିସର। ଭକ୍ତମାନେ ଆନନ୍ଦରେ ମନ୍ଦିର ନିକଟରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ନାଚିଥିଲେ ଓ ଭଜନ ଗାଇଥିଲେ ଓ ପ୍ରସାଦ ସେବନ କରିଥିଲେ।

ଜଙ୍ଗଲରେ ପରିଣତ ଆନନ୍ଦପୁର କଲେଜ ଖେଳପଡ଼ିଆ

ଅନାବନା ଗଛଲତାରେ ଭର୍ତ୍ତି ପଡ଼ିଆ, ବଢୁଛି ସାପ ଭୟ

ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ କ୍ରୀଡ଼ାଭ୍ୟାସକୁ ନେଇ ଉଠିଲା ପ୍ରଶ୍ନ

ଆନନ୍ଦପୁର, ୧୭।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ଉଦ୍ଦିଷ୍ଟ ଖେଳପଡ଼ିଆ ଏବେ ଜଙ୍ଗଲରେ ପରିଣତ ହୋଇଛି। ଚାରିଆଡ଼େ ଘାସ ଓ ଅନାବନା ଗଛଲତା ମାଡ଼ିଯାଇଥିବା ବେଳେ ଖେଳପଡ଼ିଆଟି ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି। ଏପରିକି ଛାତ୍ରାବାସର ଟରକା ପର୍ଯ୍ୟନ୍ତ ଗଛଲତା ମାଡ଼ିଯାଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।

ମହାବିଦ୍ୟାଳୟର ଖେଳପଡ଼ିଆରେ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ହେଉନଥିବାରୁ ଏହାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେଉଥିବା ଅଭିଯୋଗ ହୋଇଛି। ଖେଳକୁଦ ଓ କ୍ରୀଡ଼ାଭ୍ୟାସ ପାଇଁ ଥିବା ଏହି ପଡ଼ିଆରେ ଅନାବନା ଗଛଲତା ଭରି ରହିଥିବାରୁ ଛାତ୍ରଛାତ୍ରୀମାନେ ଖେଳିବାକୁ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ସାପ ଦେଖାଯାଉଥିବା ଅଭିଯୋଗ ଛାତ୍ରଛାତ୍ରୀଙ୍କ ମନରେ ଭୟ ସୃଷ୍ଟି କରିଛି।

ଏକ ପୁରାତନ ଶିକ୍ଷାନୁଷ୍ଠାନ ଭାବେ ଆନନ୍ଦପୁର ମହାବିଦ୍ୟାଳୟ ସହ ଅନେକ ଛାତ୍ରଛାତ୍ରୀଙ୍କ ଭାବାବେଗ ଜଡ଼ିତ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରିଥିବା କୁହାଯାଏ। ଏଭଳି ଏକ ଶିକ୍ଷାନୁଷ୍ଠାନର ଖେଳପଡ଼ିଆ ଅବହେଳିତ ଅବସ୍ଥାରେ ପଡ଼ିରହିବା ଶିକ୍ଷାନୁଷ୍ଠାନର ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନ ଉଠାଇଛି। ଖେଳପଡ଼ିଆର ଏଭଳି ଅବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ କ୍ରୀଡ଼ାଭ୍ୟାସ ବାଧାପ୍ରାପ୍ତ ହେବା ସହ ସେମାନଙ୍କ ସୁରକ୍ଷା ମଧ୍ୟ ଚିନ୍ତାର ବିଷୟ ପାଲଟିଛି। ତେଣୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଖେଳପଡ଼ିଆରୁ ଅନାବନା ଗଛଲତା ସଫା କରିବା ସହ ଏହାର ନିୟମିତ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। କେବେ ସୁଧୁରିବ ମହାବିଦ୍ୟାଳୟ ଖେଳ ପଡ଼ିଆର ଅବସ୍ଥା ? ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ କ୍ରୀଡ଼ାର ବିକାଶ ପାଇଁ କେବେ ଚେତିବେ କର୍ତ୍ତୃପକ୍ଷ ? ଏବେ ସମସ୍ତଙ୍କ ନଜର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଉପରେ।

ବାପାଙ୍କ ହାତରେ ଖବରକାଗଜ, ପୁଅ ସମ୍ଭାଳୁଛି ଛାତ୍ର ନେତୃତ୍ୱ

ଢେଙ୍କାନାଳ, ୧୭।୧୦ (ସଂଚାର ବ୍ୟୁରୋ): ସଫଳତା ଆଗରେ ହାର ମାନି ନି ଆର୍ଥିକ ଅଭାବ, ଆଉ ପରିଶ୍ରମ ଆଗରେ ହାର ମାନେ ସବୁ ପ୍ରତିବନ୍ଧକ। ଏହାର ଏକ ପ୍ରେରଣାଦାୟକ ଉଦାହରଣ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗାଁର ଜଣେ ଯୁବକଙ୍କ ବାପା ଖବରକାଗଜ ବିକ୍ରି କରି ପରିବାର ଚଳାଉଥିବା ବେଳେ ପୁଅ ଆଜି ପ୍ରତିଷ୍ଠିତ ରେଭେନ୍ସାର ସଭାପତି ହୋଇ ଗାଁ ପାଇଁ ଗୌରବ ଆଣିଛନ୍ତି।

ଜଣେ ଖବରକାଗଜ ବିକ୍ରେତା ବାପାଙ୍କ ସଂଘର୍ଷ, ପରିଶ୍ରମ ଓ ପୁଅର ଭବିଷ୍ୟତ ପାଇଁ ଦେଖିଥିବା ସ୍ୱପ୍ନ ଆଜି ସାର୍ଥକ ହୋଇଛି। ଜୀବନରେ ଆର୍ଥିକ ସ୍ଥିତି ନୁହେଁ, ବରଂ ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ ଲକ୍ଷ୍ୟ ପ୍ରତି ନିଷ୍ଠା ଯେ ସଫଳତାର ପ୍ରକୃତ ଚାବିକାଠି, ଏହି ସଫଳତା ତାହା ପ୍ରମାଣିତ କରିଛି। ରେଭେନ୍ସା ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ସଭାପତି ପଦ ହାସଲ କରିବା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ; ଏହା ନେତୃତ୍ୱ, ଦାୟିତ୍ୱବୋଧ ଓ ଯୁବଶକ୍ତିର ପ୍ରତୀକ। ଏହି ଉପଲବ୍ଧି ତାଙ୍କ ପରିବାର ସହ ସମଗ୍ର ଷଡ଼ଙ୍ଗୀ ଗାଁ ଓ ଢେଙ୍କାନାଳ ଜିଲ୍ଲା ପାଇଁ ଗର୍ବର ବିଷୟ ବାପାଙ୍କ ହାତରେ ଖବରକାଗଜ, ପୁଅଙ୍କ କାନ୍ଧରେ ନେତୃତ୍ୱର ଦାୟିତ୍ୱ। ଏହି ସଫଳତାର କାହାଣୀ ଆଜିର ଯୁବପିଢ଼ିକୁ ଶିଖାଉଛି ଯେ ସ୍ୱପ୍ନ ଦେଖିବା ଓ ତାହାକୁ ସାକାର କରିବା ପାଇଁ ଦୃଢ଼ ସଂକଳ୍ପ ହିଁ ସବୁଠାରୁ ବଡ଼ ଶକ୍ତି।

ସଡ଼କ ଦୁର୍ଘଟଣାରେ ମହିଳା ମୃତ

ରାଜନଗର, ୧୭।୧୦ (ସଂଚାର ବ୍ୟୁରୋ): ନିଜେ ଶବ ହୋଇ ଫେରିଲା ଘରକୁ! ସୂଚନା ଯୋଗାଏ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତର ତନ୍ତୀଆପାଳ ଠାରେ ଆଜି ବର୍ଷୀୟା ମହିଳା ପିଙ୍କି ମଣ୍ଡଳ ନିଜ ସ୍ୱାମୀ ମିଥୁନ ମଣ୍ଡଳଙ୍କ ସହିତ ବାଇକ୍ ଯୋଗେ ରାଜନଗରର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଜ ପୁଅର ସ୍ୱାସ୍ଥ୍ୟ ଦେଖାଇବାକୁ ଆସି ଘରକୁ ଫେରୁଥିବା ସମୟରେ ହଂସୁଆ ସେତୁ ଉପରେ ଏକ ହାଇୱା ପଛପଟୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ପିଙ୍କି ମଣ୍ଡଳ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ସ୍ୱାମୀ ଓ ପୁଅ ଗୁରୁତର ସ୍ଥିତିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି।

ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ

ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ଉନ୍ମେଷ କରାଏ 'ସୁରଭି-୨୦୨୬'

ବୋରିଗୁମ୍ମା, ୧୭।୧୦ (ସଂଚାର ବ୍ୟୁରୋ): ରଙ୍ଗାରଙ୍ଗ ପରିବେଶରେ ଶିଶୁ ମହୋତ୍ସବ "ସୁରଭି-୨୦୨୬" ବୋରିଗୁମ୍ମା ସ୍ଥିତ ସଦର ମୋହକୁମା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି |ଏହି ମହୋତ୍ସବରେ କୁନି କୁନି ପ୍ରତିଭାମାନେ ନିଜର କଳା, ଦକ୍ଷତା ଓ ସୃଜନଶୀଳତାର ପରିଚୟ ଦେଇଥିଲେ |

ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ବୋରିଗୁମ୍ମା ବ୍ଲକ୍ ର ୧୭ ଗୋଟି କ୍ଲଷ୍ଟର ରୁ ପ୍ରାୟ ୩୦୦ରୁ ଉଧ୍ୱର୍ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ |କାର୍ଯ୍ୟକ୍ରମ ର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଶ୍ରୀ ଶୋଭନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବୋରିଗୁମ୍ମା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁଜାତ କୁମାର ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ସୁବାଷ ଚନ୍ଦ୍ର ମାଝୀ (ଉପ-ଗୋଷ୍ଠୀ ଶିକ୍ଷା ଅଧିକାରୀ),ସୁଶ୍ରୀ ସୋନାଲି ନାୟକ ବ୍ଲକ ମଙ୍ଗଳ ସଞ୍ଚ୍ରାରଣ ଅଧିକାରୀ, ମମତା ନାୟକ ପ୍ରଧାନ ଶିକ୍ଷୟିତ୍ରୀ, ଲୋଚମନ ବିଷୋୟୀ (ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ) ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା) ସମ୍ପାଦକ ଶ୍ରୀ ପ୍ରଫୁଲ୍ଲ ନାୟକ, ସଭାପତି ମହେନ୍ଦ୍ର କୁମାର ଶତପଥୀ, ସମ୍ପାଦକ ରମାକାନ୍ତ ମହାପାତ୍ରଙ୍କ ସମେତ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ, ଏନ୍.କାମେଶ୍ୱର ରାଓ ମଞ୍ଚରେ ମଞ୍ଚାସୀନ ଥିଲେ। ବୋରିଗୁମ୍ମା କ୍ଲୋଷ୍ଟର ସିଆରସିସି ଆଶିଷ କୁମାର ହୋତାଙ୍କ ସମେତ ବିଭିନ୍ନ କ୍ଲୋଷ୍ଟରର ସିଆରସିସି, ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ପିଲାଙ୍କୁ ପ୍ରସ୍ତାହିତ କରିଥିଲେ ।

ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଶିଶୁ ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥି ଙ୍କ ଅଭିଭାଷଣ ପରେ ବିଭିନ୍ନ ପ୍ରତିଯୋଗିତା ତଥା ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସଂଗୀତ, ବକୃତା, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତିଲିଖନ, ପ୍ରବନ୍ଧ ଲିଖନ, କୁଇଜ୍,ପି.ଏମ୍.ପୋଷଣ ଚିତ୍ର କଳା/ଶିଳ୍ପ କଳା,ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପିଲାମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ନିଜ ଭିତରେ ଥିବା ସୁପ୍ତକଳାକୁ ମଞ୍ଚରେ ପ୍ରକାଶ କରିଥିଲେ |

ଦ୍ୱିତୀୟ ଅଧିବେଶନରେ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ମହୋତ୍ସବର ମୁଖ୍ୟଆକର୍ଷଣ ପାଲଟିଥିଲା ଆଦିବାସୀଙ୍କ ପାରମ୍ପରିକ ଡେମସା ନୃତ୍ୟ ଠାରୁ ଆଧୁନିକ ନୃତ୍ୟ ଏବଂ ସମ୍ବଲପୁରୀ ଗୀତ ଠାରୁ ଓଡ଼ିଆ ଆଧୁନିକ ସଂଗୀତ ପର୍ଯ୍ୟନ୍ତ ବିଭିନ୍ନ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା | ଛାତ୍ରଛାତ୍ରୀଙ୍କ ଡେମସା ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ କିଣି ନେଇଥିଲା। ଅତିଥି ଭାବେ ଶ୍ରୀମତୀ ମମତା ଝୋଡିଆ ଡିଆଇଇଟି ଅଧ୍ୟକ୍ଷା ସମ୍ମାନୀତ ଅତିଥି ଭାବେ ଶ୍ରୀମତୀ କୁସୁମ ପାଣ୍ଡେ ଯୋଗଦାନ କରିଥିଲେ।ଏହି ଅବସରରେ ବୋରିଗୁମ୍ମା ବ୍ଲକ୍ ର ପ୍ରାୟ ୨୫ ଜଣ ସାମ୍ବାଦିକ ଭାଇ ଙ୍କୁ ମଞ୍ଚରେ ପୁଷ୍ପ ଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା ।

ରାସ୍ତା, ପାନୀୟ ଜଳ ଓ ପାଇଖାନା ଦାବି

ବିଡିଓ ଓ ତହସିଲଦାରଙ୍କୁ ଭାରତୀୟ ଆଜାଦ ମଞ୍ଚର ଦାବିପତ୍ର

ସତ୍ୟବାଦୀ, ୧୭।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଉତ୍ତର ଅନୁସୂଚିତ ଜାତି ସାହିର ପାର୍ଟ-୨ରେ ରାସ୍ତା, ସୁରକ୍ଷିତ ପାନୀୟ ଜଳ ଓ ପାଇଖାନା ଭଳି ମୌଳିକ ସୁବିଧା ଯୋଗାଇଦେବା ସହ ରାସ୍ତାର ସୀମା ନିର୍ଦ୍ଧାରଣ କରିବା ଦାବିରେ ଆଜି ଭାରତୀୟ ଆଜାଦ ମଞ୍ଚ, ଓଡ଼ିଶା ଶାଖା ପକ୍ଷରୁ ସତ୍ୟବାଦୀ ବିଡିଓ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଦୀର୍ଘଦିନ ଧରି ଉକ୍ତ ସାହିର ବାସିନ୍ଦାମାନେ ଉପଯୁକ୍ତ ରାସ୍ତା, ପାନୀୟ ଜଳ ଓ ପାଇଖାନା ସୁବିଧାର ଅଭାବରେ ଅସୁବିଧା ଭୋଗୁଥିବା ଅଭିଯୋଗ କରାଯାଇଛି। ରାସ୍ତା ଅଭାବରୁ ଦୈନନ୍ଦିନ ଯାତାୟାତ ସହ ଜରୁରୀକାଳୀନ ସେବା ପ୍ରଭାବିତ ହେଉଥିବାବେଳେ ପାନୀୟ ଜଳ ଓ ପାଇଖାନାର ଅଭାବ ଲୋକଙ୍କ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସମ୍ମାନଜନକ ଜୀବନଯାପନକୁ ପ୍ରଭାବିତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ମଞ୍ଚ ପକ୍ଷରୁ ଉକ୍ତ ସାହିରେ ତୁରନ୍ତ କ୍ଷେତ୍ରୀୟ ତଦନ୍ତ, ରାସ୍ତା ନିର୍ମାଣ କିମ୍ବା ମରାମତି, ଯୋଗ୍ୟ ପରିବାରଙ୍କୁ ପାନୀୟ ଜଳ ଓ ପାଇଖାନା ସୁବିଧା ଏବଂ ରାସ୍ତାର ପ୍ରକୃତ ସୀମା ନିର୍ଦ୍ଧାରଣ ପାଇଁ ଦାବି କରାଯାଇଛି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪, ୧୫, ୨୧ ଓ ୪୬ରେ ପ୍ରତିଫଳିତ ସମାନତା, ଭେଦଭାବରୁ ସୁରକ୍ଷା, ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଏବଂ ଦୁର୍ବଳ ବର୍ଗଙ୍କ ସ୍ୱାର୍ଥ ସୁରକ୍ଷାର ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଏହି ସମସ୍ୟାର ସମାଧାନ ନିମନ୍ତେ ମଞ୍ଚ ଦାବି କରିଛି।

ମଞ୍ଚର ରାଜ୍ୟ ସଚିବ ରାଜକିଶୋର ବେହେରାଙ୍କ କହିବା ଅନୁଯାୟୀ, ଦାବିପତ୍ର ଦେବା ପରେ ସମ୍ପୃକ୍ତ ଅଧିକାରୀମାନଙ୍କ ପକ୍ଷରୁ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ମିଳିଛି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ମଞ୍ଚର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଦାସ, ଲିଲି ଗୁରୁ ଓ ବିଷ୍ଣୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜନସ୍ୱାର୍ଥରେ ମୌଳିକ ସୁବିଧା ଯୋଗାଣ ଓ ରାସ୍ତା ସୀମା ନିର୍ଦ୍ଧାରଣ ପାଇଁ ମଞ୍ଚର ଦାବି।

ଟିକାବାଲିରେ ମାଆଙ୍କ ସପ୍ତମୀ ପୂଜା

ଚଳଚଞ୍ଚଳ ସାରା ସହର, ଭକ୍ତଙ୍କ ଆସ୍ତେ ଆସ୍ତେ ଜମୁଛି ସମାଗମ

ଟିକାବାଲି, ୧୭।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ପ୍ରମୁଖ ବାଣିଜ୍ୟକ ପୀଠ ଟିକାବାଲିଠାରେ ଆନନ୍ଦ ଏବଂ ଉଲ୍ଲାସର ସହ ପାଳିତ ହେଉଛି ମାଆ ଦୁର୍ଗାଙ୍କ ଶାରଦୀୟ ଦୁର୍ଗାପୂଜା। ଆଜି ମହାସପ୍ତମୀ ଅବସରରେ ମାଆଙ୍କର ଚକ୍ଷୁଦାନ ଏବଂ ପ୍ରାଣ ପ୍ରତିଷ୍ଠା ସାଙ୍ଗକୁ ବିଧିବଦ୍ଧ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି। ସପ୍ତମୀର ପ୍ରଥମ ପୂଜା ସାଙ୍ଗକୁ ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ

SANCHAR
ସଂଚାର
ରବିବାର ୧୮ ଅକ୍ଟୋବର ୨୦୨୬

ସ୍ୱାସ୍ଥ୍ୟ

ଶିଶୁଙ୍କ ନିମୋନିଆ ରୋଗ

ସମ୍ପ୍ରତି ନିମୋନିଆ ରୋଗ ବା ଫୁସ୍‌ଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି। ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି। ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଶଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ। ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ। ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର। ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ। ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ। ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ। ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ। ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ। ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମଧ୍ୟ ପଡ଼ିଆସେ। ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ। ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ। ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, ଇନ୍‌ଫ୍ଲୁଏଞ୍ଜା, କ୍ଲେବସିଲା, ଇ.କୋଲି, ସ୍ଟାଫାଇଲୋକୋକସ ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି। ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ। ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ। ଏହାକୁ ଚିହ୍ନଟ କରିବା ପାଇଁ ଷ୍ଟେଟିକ୍ ସ୍କିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ। ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ। ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ। ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମାଧ୍ୟମରେ ଖାଦ୍ୟ ପ୍ରଦାନ କରାଯାଇଥାଏ। ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ। ତେବେ କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ।

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚକ୍ଷତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

ରକ୍ତଚାପର ଶିକାର ହେଉଛନ୍ତି ଯୁବପିଢ଼ି

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ଭାରତରେ ଯଦି ୫୦ ପ୍ରତିଶତ ଉଚ୍ଚ ରକ୍ତଚାପ ପୀଡ଼ିତ ନିଜ ରୋଗକୁ ନିୟନ୍ତ୍ରଣରେ ରଖିପାରିବେ ତେବେ ୨୦୪୦ ମସିହା ସୁଦ୍ଧା ଅତି କମ୍‌ରେ ୪.୬ ନିୟୁତ ଲୋକଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ହେବ। ଏଥିସହିତ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି, ଦେଶର ୨୧.୩ ପ୍ରତିଶତ ମହିଳା ଓ ୨୪ ପ୍ରତିଶତ ପୁରୁଷ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ। ବିଳମ୍ବରେ ରୋଗ ନିରୂପଣ ଏବଂ ରକ୍ତଚାପକୁ ନିୟନ୍ତ୍ରଣରେ ନ ରଖିପାରିବା ହେତୁ ଆକ୍ରାନ୍ତ ହୃଦରୋଗ ଓ ମଧୁମେହ ଶିକାର ହୋଇ ପ୍ରାଣ ହରାଉଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ରକ୍ତଚାପ ଦୁଇ ପ୍ରକାରର- ସିଷ୍ଟୋଲିକ୍ ବ୍ଲଡ୍‌ପ୍ରେସର ଓ ଡାଇଷ୍ଟୋଲିକ୍ ବ୍ଲଡ୍‌ପ୍ରେସର। ଯେତେବେଳେ ହୃତପିଣ୍ଡରେ ରକ୍ତର ଚାପ ସ୍ୱାଭାବିକ ଠାରୁ ଅଧିକ ହୋଇ ଧମନୀକୁ ଅଧିକ ବେଗରେ ରକ୍ତ ପ୍ରବାହିତ ହୁଏ ତାହାକୁ ସିଷ୍ଟଲିକ୍ ବ୍ଲଡ୍‌ପ୍ରେସର୍ ଭାବେ ଅଭିହିତ କରାଯାଏ। ସେହିପରି ପ୍ରତି ସଂକୋଚନ ପରେ ହୃତପିଣ୍ଡ ସାମାନ୍ୟ ଶିଥିଳ ହୋଇଥାଏ।

ଏହି ଅବସ୍ଥାରେ ଧମନୀରେ ରକ୍ତଚାପ ନ୍ୟୁନତମ ସୀମାରେ ପହଞ୍ଚିଥାଏ। ଏହାକୁ ଡାଇଷ୍ଟୋଲିକ୍ ବ୍ଲଡପ୍ରେସର କୁହାଯାଇଥାଏ। ସିଷ୍ଟୋଲିକ୍ ରକ୍ତଚାପ ୧୩୦ ମିଲିମିଟର ମରକ୍ୟୁରି ଓ ଡାଇଷ୍ଟାଲିକ୍ ରକ୍ତଚାପ ୮୫ ମିଲିଲିଟର ମରକ୍ୟୁରିରୁ କମ୍ ହେଲେ ଏହାକୁ ସାମାନ୍ୟ ବା ନର୍ମାଲ୍ ବୋଲି ବିଚାର କରାଯାଏ। ସାଧାରଣତଃ ଉଚ୍ଚରକ୍ତଚାପ ଦୁଇପ୍ରକାରର। ପ୍ରଥମଟି ହେଲା ପ୍ରାଇମେରି ହାଇପରଟେନ୍ସନ୍, ଯାହାର କାରଣ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ଦ୍ୱିତୀୟ ପ୍ରକାରର ଉଚ୍ଚରକ୍ତଚାପକୁ ସେକେଣ୍ଡାରି ହାଇପରଟେନ୍ସନ୍ କହାଯାଏ। ହର୍ମୋନଜନିତ ସମସ୍ୟା, ଗର୍ଭାବସ୍ଥା, ଅଧିକ ଓଜନ କିମ୍ବା ମେଦବହୁଳତା, କିଡ଼ନି ସମସ୍ୟା, ବଂଶାନୁକ୍ରମିକତା, ଥାଇରଏଡ୍ ବିଶୃଙ୍ଖଳା, ନିଦ୍ରାହୀନତା ଓ ଧୂମପାନ, ମଦ୍ୟପାନ କିମ୍ବା ଜୀବନଶୈଳୀଗତ ସମସ୍ୟା ଉଚ୍ଚ ରକ୍ତଚାପର କାରଣ ହୋଇଥାଏ। ପୂର୍ବରୁ ବୟସ୍କଙ୍କଠାରେ ଅଧିକ ଉଚ୍ଚରକ୍ତଚାପ ଦେଖାଯାଉଥିଲା। କିନ୍ତୁ ଏବେ ଯୁବପିଢ଼ିଙ୍କ ଠାରେ ଏହି ରୋଗ ଅଧିକ ଦେଖିବାକୁ ମିଳୁଛି। ଯେକୌଣସି ବୟସରେ ଆପଣ ଉଚ୍ଚ ରକ୍ତଚାପର କବଳରେ ପଡ଼ିଯାଇପାରନ୍ତି। ଏଥିରୁ ମୁକୁଳିବାକୁ ହେଲେ ପ୍ରଥମରୁ ରୋଗକୁ ଚିହ୍ନିବା ଦରକାର। ପ୍ରଥମରୁ ରୋଗଟିକୁ ନ ଚିହ୍ନି ପାରିଲେ ଏହା ଧୀରେଧୀରେ ସମଗ୍ର ଶରୀରକୁ ଆକ୍ରମଣ କରିଥାଏ, ଯାହାଦ୍ୱାରା ଆପଣ ବ୍ରେନ୍‌ଷ୍ଟୋକ୍, ଯକୃତ ସଂକ୍ରମଣ, ନାକରୁ ରକ୍ତପଡ଼ିବା, ମୁଣ୍ଡ ବନ୍ଧିବା ଓ ମୁଣ୍ଡ ବୁଲାଇବା ଯୋଗୁ ପଡ଼ିଯିବା, ଛାତିରେ ଯନ୍ତ୍ରଣା ପରି ସମସ୍ୟା ଉତ୍ପନ୍ନ ହୋଇଥାଏ।

ମାଟି ପାତ୍ରରେ ରାନ୍ଧିବା ଏବଂ ଖାଇବା ଶରୀର ପାଇଁ ସ୍ୱାସ୍ଥ୍ୟକର

ମାଟିପାତ୍ର ଖାଦ୍ୟର ଅନ୍ୟାନ୍ୟ ଲାଭ
ମାଟିପାତ୍ରରେ ପ୍ରସ୍ତୁତ ଭୋଜନ ଶୀଘ୍ର ଖରାପ ହୁଏନି
ମାଟିପାତ୍ରରେ ତିଆରି ଖାଦ୍ୟ ଅଧିକ ସ୍ୱାଦିଷ୍ଟ ଓ ବାସ୍ନାଯୁକ୍ତ ହୋଇଥାଏ
ମାଟିପାତ୍ରରେ ପ୍ରସ୍ତୁତ ଡାଲିରେ ନ୍ୟୁଟ୍ରିଏଣ୍ଟସ୍ ୧୦୦ ପ୍ରତିଶତ ଥିବା ବେଳେ ପ୍ରେସର କୁକର୍ ଡାଲିରେ ୮୭ ପ୍ରତିଶତ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ

ଆଲୁମିନିୟମ, ଷ୍ଟିଲ୍ ବାସନରେ ରାନ୍ଧିବା ସମୟରେ ଖାଦ୍ୟ ଅନେକ ଥର ଜଳି ଯାଇଥାଏ । କିନ୍ତୁ କମ୍ ନିଆଁରେ ଏକ ମାଟିପାତ୍ରରେ ସଠିକ୍ ଭାବରେ ରନ୍ଧା ଯାଇପାରେ। ପିତ୍ତଳ ବାସନକୁସନ ରାନ୍ଧିବା ପାଇଁ ବ୍ୟବହୃତ ହୁଏ। ମାତ୍ର ଏଥିରେ ଖାଦ୍ୟର ପୁଷ୍ଟିକର ଅଂଶ ନଷ୍ଟ ହୋଇଥାଏ । କିନ୍ତୁ ଖାଦ୍ୟ ଯଦି ମାଟିପାତ୍ରରେ ରନ୍ଧାଯିବ ଏବଂ ଏହି ପାତ୍ରରେ ଖିଆଯିବ ଏହା ୧୦ ଗୁଣ ପୁଷ୍ଟିକର ହୋଇଥାଏ। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଅଟେ। ଏହାବ୍ୟତୀତ ଷ୍ଟିଲ୍ ଏବଂ ଆଲୁମିନିୟମ ବାସନରେ ରାନ୍ଧିବା ସମୟରେ ତେଲ ଅଧିକ ବ୍ୟବହୃତ ମାଟିପାତ୍ରର ଖାଦ୍ୟ ଖାଇବା ଦ୍ୱାରା ଅନେକ ରୋଗ ଦୂର ହୋଇଥାଏ। ଖାଦ୍ୟ ଧୀରେ ଧୀରେ ପ୍ରସ୍ତୁତ ହେଲେ ତାହା ଶରୀର ପାଇଁ ଅଧିକ ଲାଭପ୍ରଦ। ମାତ୍ର ଅନ୍ୟାନ୍ୟ ବାସନରେ ପ୍ରସ୍ତୁତ ହେଉଥିବା ଖାଦ୍ୟରୁ ଅଧିକ ପ୍ରକାରର ପୋଷକ ତତ୍ତ୍ୱ ମିଳିପାରେନି। ମଣିଷ ଶରୀରକୁ ପ୍ରତିଦିନ ୧୮ ପ୍ରକାରର ପୋଷକ ତତ୍ତ୍ୱ ମିଳିବା କଥା, ଯାହା ଆମକୁ ମାଟିରୁ ହିଁ ମିଳିପାରିବ। ପ୍ରେସର କୁକର୍ ଆଲୁମିନିୟମର ଅଟେ ଓ ଏହା ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ। ମାଟିପାତ୍ର ପ୍ରସ୍ତୁତ ଖାଦ୍ୟ ସୁଦ୍ଧ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥିବାରୁ ଆଜି ବି ମନ୍ଦିର ମାନଙ୍କରେ ଏହା ବ୍ୟବହୃତ ହୋଇଥାଏ ।

ଆପଣଙ୍କ କେଶ ଝଡୁଛି କି ?

ଆଜିର ସମୟରେ କେଶ ଝଡିବା ବଡ଼ ସମସ୍ୟାରେ ପରିଣତ ହୋଇଗଲାଣି। କେବଳ ବୟସ୍କ ଲୋକ ନୁହେଁ ଛୋଟ ପିଲାମାନଙ୍କଠାରେ ଏହି ସମସ୍ଯା ଦେଖାଦେଉଛି। ଜେନେଟିକ୍ସ, ହରମୋନ୍ ପରିବର୍ତ୍ତନ, ଚାପ, ଏବଂ କିଛି ଜୀବନଶୈଳୀ ଅଭ୍ୟାସ ହେବା ଫଳରେ କେଶ ଝଡିବାରେ ଲାଗିଛି। କଣ କଲେ ଆପଣଙ୍କ କେଶ ଝଡିବ ନାହିଁ। ଆସନ୍ତୁ ଜାଣିବା। ମୁଣ୍ଡକୁ କେଶ ବେଶ ଆକର୍ଶଣୀୟ ଲାଗିଥାଏ। ଯଦି ସବୁଦିନ କେଶ ଝଡ଼ିଥାଏ, ତେବେ ଆମର କେଶ ବଢ଼ିବ ନାହିଁ। ଲଗାତାର କେଶ ଝଡିବା ଫଳରେ ଆମେ ଚନ୍ଦା ହେବାକୁ ଆରମ୍ଭ କରିଥାଉ। MSc କ୍ଲିନିକାଲ୍ ନ୍ୟୁଟ୍ରିସନିଷ୍ଟ ଖୁସି ଛାବ୍ରାଙ୍କ ଅନୁସାରେ , ଜୀବନଶୈଳୀ ଅଭ୍ୟାସରେ ପରିବର୍ତ୍ତନ , ଚାପ ,ହରମୋନ୍ ରେ ପରିବର୍ତ୍ତନ ହେବା ଦ୍ୱାରା ଅତ୍ୟଧିକ କେଶ ଝଡ଼ିଥାଏ।

କେଶ ଝଡିବାର ମୁଖ୍ୟ କାରଣ କଣ ?

ଜେନେଟିକ୍ସମ: ବଂଶାନୁକ୍ରମିକ କେଶ ଝଡ଼ିବା ସବୁଠାରୁ ସାଧାରଣ କାରଣ ହୋଇଥାଏ। ଯାହାକୁ ଆଣ୍ଡ୍ରୋଜେନେଟିକ୍ ଆଲୋପେସିଆ ମଧ୍ୟ କୁହାଯାଏ।

ହରମୋନ ପରିବର୍ତ୍ତନ: ଗର୍ଭାବସ୍ଥା, ପ୍ରସବ କିମ୍ବା ଋତୁସ୍ରାବ ସମୟରେ ହେଉଥିବା ପରିବର୍ତ୍ତନ ଯୋଗୁଁ କେଶ ଝଡ଼ିଥାଏ।

ଚିକିତ୍ସା ଅବସ୍ଥା: ଥାଇରଏଡ୍ ସମସ୍ୟା, ଲୁପସ୍ ଭଳି ଅଟୋଇମ୍ୟୁନ୍ ରୋଗ ଏବଂ ମୁଣ୍ଡ ସଂକ୍ରମଣ କେଶ ଝଡ଼ିପାରେ।

ଔଷଧ: ରକ୍ତଚାପ, କର୍କଟ ରୋଗ କିମ୍ବା ମାନସିକ ଅବସାଦ ଭଳି କିଛି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଭାବରେ କେଶ ଝଡ଼ିଥାଏ।

କିପରି ନେବେ କେଶର ଯତ୍ନ ?

ସନ୍ତୁଳିତ ଖାଦ୍ୟ ଖାଆନ୍ତୁ: ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ, ଭିଟାମିନ (A, B, C, D, E) ଏବଂ ପ୍ରୋଟିନ ଜିଙ୍କ, ଲୌହପରି ଖଣିଜ ପଦାର୍ଥ ଖାଆନ୍ତୁ। ଏହାସହିତ ସବୁଦିନ ବାଦାମ ,ବ୍ରୋକୋଲି ଏବଂ ମିଠା ଆଳୁ ଖାଇବାକୁ ଚେଷ୍ଟା କରନ୍ତୁ।

ହାଇଡ୍ରେଟେଡ୍ ରୁହନ୍ତୁ: କେଶ ଏବଂ ମୁଣ୍ଡର ଜଳୀୟ ଅଂଶକୁ ହାଇଡ୍ରେଟ୍ ରଖିବା ପାଇଁ ଏବଂ କେଶ ଫଲିକିଲ୍ସକୁ ପୋଷକ ତତ୍ତ୍ୱ ପରିବହନରେ ସାହାଯ୍ୟ କରିବା ପାଇଁ ପ୍ରଚୁର ପାଣି ପିଅନ୍ତୁ।

ଟାଇଟ୍ ହେୟାରଷ୍ଟାଇଲ୍ ଏଡାନ୍ତୁ: କେଶ ମୂଳକୁ ଟାଣି ନେଉଥିବା ବେଣୀ ଭଳି ଷ୍ଟାଇଲ୍ଗୁ ସୀମିତ କରନ୍ତୁ। କର୍ଲିଂ ଆଇରନ୍, ଷ୍ଟ୍ରେଟନର୍ ବ୍ୟବହାର କମ୍ କରନ୍ତୁ। ଯେତେବେଳେ ଆପଣଙ୍କୁ ସେଗୁଡ଼ିକୁ ବ୍ୟବହାର କରିବାକୁ ପଡିବ, କେବଳ ସେତେବେଳେ ବ୍ୟବହାର କରନ୍ତୁ। ସବୁ ସମୟରେ ବଜାରରେ ମିଳୁଥିବା ରାସାୟନିକ ସାମ୍ପୁ ବ୍ୟବହାର କରନ୍ତୁ ନାହିଁ।

ଆପଣଙ୍କ କେଶକୁ ସୁରକ୍ଷା ଦିଅନ୍ତୁ: ସୂର୍ଯ୍ୟ କିରଣ, କ୍ଲୋରିନ୍ ଏବଂ ଅନ୍ୟାନ୍ୟ କ୍ଷତିକାରକ ଉପାଦାନରୁ କେଶକୁ ରକ୍ଷା କରନ୍ତୁ।

ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ: ଯଦି ଆପଣଙ୍କର କେଶ ବହୁତ ଝଡୁଛି ତେବେ, ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ବଜାରରେ ମିଳୁଥିବା ବାୟୋଟିନ୍ କିମ୍ବା ଅନ୍ୟାନ୍ୟ କେଶ ବୃଦ୍ଧି ଭିଟାମିନ୍ ଭଳି ସପ୍ଲିମେଣ୍ଟର ଆପଣ ସାହାଯ୍ୟ ନେଇପାରିବେ।

ଜୀବନଶୈଳୀ ଏବଂ ଘରୋଇ ଉପଚାର

ଆପଣଙ୍କ ମୁଣ୍ଡର ମସାଜ୍ କରନ୍ତୁ। ନିୟମିତ ମୁଣ୍ଡ ମାଲିସ୍ କେଶ ମୂଳରେ ରକ୍ତ ସଞ୍ଚାଳନ ବୃଦ୍ଧି କରିପାରେ। ଅଧିକ ଚାପ ପ୍ରର କେଶ ଝଡ଼ିପାରେ। ବ୍ୟାୟାମ, ଧ୍ୟାନ, କିମ୍ବା ଜର୍ଣ୍ଣାଲିଂ ଭଳି ଚାପ ହ୍ରାସକାରୀ କାର୍ଯ୍ୟକଳାପ ଚେଷ୍ଟା କରନ୍ତୁ। ସପ୍ତାହରେ ଥରେ କେଳରେ ତେଲ ଲଗାନ୍ତୁ। ନଡ଼ିଆ ତେଲ , ଜଡାତେଲ , ରାଶିତେଲ , ସୋଲିଶ ତେଲ ପରି ପ୍ରାକତିକ ତେଲ ମୁଣ୍ଡ ମାଲିସ କରନ୍ତୁ। ଏହାସହ ପିଆଜ ରସ ଏବଂ ଆଲୋଭେରା ମଧ୍ୟ କେଶ ବୃଦ୍ଧି ପାଇଁ ପାଇଁ ବ୍ୟବହାର କରିପାରିବେ।

ଶୀତଦିନେ ଓଠ ଫାଟୁଛି କି ?

ବର୍ଷର ଯେକୌଣସି ସମୟରେ ଓଠ ଫାଟିପାରେ। କିନ୍ତୁ ଶୀତ ଋତୁରେ ଏହି ସମସ୍ୟା ଅତି ସାଧାରଣ ହୋଇଯାଏ। ଶୀତ ଆରମ୍ଭ ହେବା ସହିତ ଲୋକେ ପ୍ରତିଦିନ ଅନେକ ଚର୍ମ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଶୀତ ଦିନରେ ସବୁଠାରୁ ସାଧାରଣ ସମସ୍ୟା ହେଉଛି ଓଠ ଫାଟିବା, ଜଳା ପଡ଼ିଯିବା ଏବଂ ଶୁଷ୍କ ହୋଇଯିବା। ଶୀତ ଋତୁରେ ବୋହୁଥିବା ଥଣ୍ଡା ପବନ ଚର୍ମର ଆର୍ଦ୍ରତା ହ୍ରାସ କରିଥାଏ, ଯାହା ଫଳରେ ଚର୍ମ ଶୁଷ୍କ ହୋଇଯାଏ। ଏହି ଶୁଷ୍କତା ବେଳେବେଳେ ଓଠକୁ ଜଳା ମଧ୍ୟ କରିଦିଏ। ତେବେ ହେଉଥିବା ଏସବୁ ସମସ୍ୟାର ସମାଧାନ ପାଇଁ ଲୋକେ ବଜାରରେ ମିଳୁଥିବା ଦାମୀ ପ୍ରଡକ୍ଟ ବ୍ୟବହାର କରନ୍ତି, ଯାହାକୁ କିଣିବା ସମସ୍ତଙ୍କ ପାଇଁ ସହଜ ହୋଇନଥାଏ। ଏଭଳି କ୍ଷେତ୍ରରେ ଆପଣ ଘରେ ଓଠ ଫାଟିବା ସମସ୍ୟାର ସମାଧାନ କରିପାରିବେ।

ଲଗାନ୍ତୁ ଘରେ ତିଆରି ଲିପ୍ ବାମ୍: ଶୁଷ୍କ ଏବଂ ଫାଟିଥିବା ଓଠରୁ ମୁକ୍ତି ପାଇବା ପାଇଁ, ଅଧିକାଂଶ ଲୋକ ବଜାରରେ ଉପଲବ୍ଧ ମଏଶ୍ଚରାଇଜର, ଲୋସନ୍ କିମ୍ବା ପେଟ୍ରୋଲିୟମ୍ ଜେଲି ବ୍ୟବହାର କରନ୍ତି। ହେଲେ ଏହି ଉତ୍ପାଦଗୁଡ଼ିକରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ଦୀର୍ଘକାଳୀନ ଲାଭ ପ୍ରଦାନ କରେ ନାହିଁ। ଏପରି ପରିସ୍ଥିତିରେ, ଘରୋଇ ଉପଚାର ସବୁଠାରୁ ପ୍ରଭାବଶାଳୀ ପ୍ରମାଣିତ ହୁଏ। ତେଣୁ, ଆଜି ଆମେ ଘରେ କିପରି ଆପଣ ଲିପ୍ ବାମ୍ ତିଆରି କରିପାରିବେ ସେ ବିଷୟରେ ଜଣାଇବୁ। ୟୁଟ୍ୟୁବର ପୁନମ୍ ଦେବନାନୀ ଏହାର ପ୍ରସ୍ତୁତି ପ୍ରଣାଳୀ ନିଜ ଚ୍ୟାନେଲରେ ସେୟାର କରିଥିବା ବେଳେ ଲୋକେ ଏଥିରୁ ଲାଭବାନ ହେଉଥିବା ଦାବି କରିଛନ୍ତି।

ପ୍ରସ୍ତୁତି ପ୍ରଣାଳୀ: ପୁନମଙ୍କ ମୁତାବକ, ଘରେ ଲିପ୍‌ବାମ୍ ତିଆରି କରିବା ପାଇଁ ପ୍ରଥମେ ବିଟ୍ ରୁଟ୍ ଭଲ ଭାବରେ ଛୋଟ ଛୋଟ କରି କାଟି ନିଅନ୍ତୁ। ତାପରେ ସେଥିରେ ଗୋଲାପ ଜଳ ଏବଂ ଗୋଲାପ ଫୁଲର ପାଖୁଡା ମିଶାଇ ଗ୍ରାଇଣ୍ଡ କରନ୍ତୁ। ଏହି ମିଶ୍ରଣକୁ ଏକ କପଡ଼ା ରଖି ଛାଣିନେବା ପରେ ସେଥିରେ ନଡ଼ିଆ ତେଲ ଏବଂ ବାଦାମ ତେଲ ଭଲ ଭାବରେ ମିଶାନ୍ତୁ। ତାପରେ, ସେହି ମିଶ୍ରଣରେ ଆଲୋଭେରା ଜେଲ ଏବଂ ପେଟ୍ରୋଲିୟମ୍ ଜେଲି ମିଶାନ୍ତୁ। ଏହି ପେଷ୍ଟକୁ କିଛି ସମୟ ପାଇଁ ମାଇକ୍ରୋୱେଭ୍ କରନ୍ତୁ। ଯଦି ଆପଣଙ୍କର ମାଇକ୍ରୋୱେଭ୍ ନାହିଁ, ତେବେ ଆପଣ ଏକ ପାତ୍ରରେ ପାଣି ଗରମ କରି ସେଥିରେ ମିଶ୍ରଣ ଥିବା ପାତ୍ର ରଖିପାରିବେ। ଆପଣଙ୍କର ଲିପ୍ ବାମ୍ ଏବେ ପ୍ରସ୍ତୁତ। ଆପଣ ଏହାକୁ ଏକ କାଚ ପାତ୍ର କିମ୍ବା ବୋତଲରେ ରଖି ବ୍ୟବହାର କରିପାରିବେ।

ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତାରୋକ, ୫ଘଣ୍ଟା ଠପ୍ ଯାତାୟାତ

● ସରପଞ୍ଚଙ୍କ ୭ ଦିନିଆ ପ୍ରତିଶ୍ରୁତି ପରେ ହଟିଲେ ଗ୍ରାମବାସୀ

ଲାଞ୍ଜିଗଡ଼,୧୭।୧୦ (ସଂଚାର ବ୍ୟୁରୋ): ଦୀର୍ଘ ଦୁଇ ମାସ ଧରି ପାନୀୟ ଜଳ ସମସ୍ୟା ଲାଗିରହିଥିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ରାୟଗଡ଼ା-ବିଶ୍ୱନାଥପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ କଲାକୂପା ଗ୍ରାମରେ ଦେଖାଦେଇଥିବା ଏହି ସମସ୍ୟାର ପ୍ରତିବାଦରେ ଗ୍ରାମବାସୀ ରାସ୍ତାରୋକ କରିଥିବାରୁ ପ୍ରାୟ ୫ଘଣ୍ଟା ଧରି ଯାନବାହନ ଚଳାଚଳ ଠପ୍ ହୋଇପଡ଼ିଥିଲା।ସୂଚନା ଅନୁସାରେ, କଲାକୂପା ଗ୍ରାମରେ ଗତ ଦୁଇ ମାସ ଧରି ପାନୀୟ ଜଳ ସମସ୍ୟା ଲାଗିରହିଛି। ଫଳରେ ଗ୍ରାମବାସୀ ଦୈନନ୍ଦିନ ଆବଶ୍ୟକତା ପାଇଁ ଜଳ ସଂଗ୍ରହ କରିବାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ସମସ୍ୟାର ସମାଧାନ ହୋଇ ନଥିବାରୁ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜଣାଇଥିଲେ।ରାସ୍ତାରୋକ ଯୋଗୁଁ ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିବା ବେଳେ ଯାତ୍ରୀମାନଙ୍କୁ ମଧ୍ୟ ଅସୁବିଧା ଭୋଗିବାକୁ ପଡ଼ିଥିଲା। ଖବର ପାଇ ସ୍ଥାନୀୟ ବିଜେପୁର ସରପଞ୍ଚ ଜନନୀ ମାଝୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ସାତ ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକରୁ ହଟିଥିଲେ। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ସରପଞ୍ଚଙ୍କ ପ୍ରତିଶ୍ରୁତି ଅନୁଯାୟୀ ସାତ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ପୁଣିଥରେ ରାସ୍ତାରୋକ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଟେକୁରାମ ପାଣି, ରୂପାଦେଇ ମାଝୀ, ତିତିଲା କରୁଆଁ, ହେମଲତା ବାଗ ସମେତ କଲାକୂପା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଇବ୍ ଗର୍ଭକୁ ଚାଲିଯିବ କି ମା' ବୁଢ଼ୀ ସମଲେଇଙ୍କ ପୀଠ ?

ଝାରସୁଗୁଡ଼ା,୧୭।୧୦ (ସଂଚାର ବ୍ୟୁରୋ): ସମୟ ବଦଳିବା ସହ ବଦଳୁଛି ପରିସ୍ଥିତି । ହେଲେ ଯେତେବେଳେ ନିଜ ଭିଟାମାଟି ଓ ଇଷ୍ଟଦେବୀଙ୍କ ପୀଠ ପ୍ରତି ବିପଦ ଦେଖାଦିଏ, ସେତେବେଳେ ଭବିଷ୍ୟତକୁ ନେଇ ବଢ଼ିଯାଏ ଚିନ୍ତା । ଏଭଳି ଏକ ଆଶଙ୍କା ଭିତରେ ଦିନ କାଟୁଛନ୍ତି ଝାରସୁଗୁଡ଼ା ଜିଲ୍ଲା ରାଜପୁର ବ୍ଲକ୍ ଅନ୍ତର୍ଗତ ଦେଓଗାଁ ମଝିଆପଡ଼ାବାସୀ । ଇବ୍ ନଦୀର ବଦଳୁଥିବା ଗତିପଥ ଯୋଗୁଁ ଗାଁ ସହ ପ୍ରାଚୀନ ମା' ବୁଢ଼ୀ ସମଲେଇଙ୍କ ମନ୍ଦିର ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ପ୍ରାୟ ୧୭୦୦ ମସିହାରେ ଇବ୍ ଓ ବସୁନ୍ଧରା ନଦୀର ସଙ୍ଗମସ୍ଥଳରେ ରାଜପୁର ଜମିଦାର ମା' ବୁଢ଼ୀ ସମଲେଇଙ୍କ ମନ୍ଦିର ସ୍ଥାପନ କରିଥିଲେ। ଦୀର୍ଘ ୩୦୦ ବର୍ଷ ଧରି ଏହି ପୀଠ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇ ରହିଛି । ବର୍ତ୍ତମାନ ମନ୍ଦିରଟି ନଦୀଠାରୁ ପ୍ରାୟ ୧୦୦ ମିଟର ଦୂରରେ ରହିଥିବା କୁହାଯାଉଛି। କିନ୍ତୁ ନଦୀର ଗତିପଥ ପରିବର୍ତ୍ତନ ହେଉଥିବାରୁ ମନ୍ଦିରର ସୁରକ୍ଷାକୁ ନେଇ ଆଶଙ୍କା ବଢ଼ିଛି । ଗୋଟିଏ ପଟେ ଇବ୍ ନଦୀ ଓ ଅନ୍ୟପଟେ ବସୁନ୍ଧରା ନଦୀର ସ୍ରୋତ ଅଞ୍ଚଳର ଭୌଗୋଳିକ ସ୍ଥିତିକୁ ପ୍ରଭାବିତ କରୁଛି । ନଦୀ ମଝିରେ ଜମିଥିବା ବାଲି, ମାଟି ଓ ଅନାବନା ଗଛଲତା ଯୋଗୁଁ ଜଳପ୍ରବାହର ଦିଗ ବଦଳୁଥିବା ନେଇ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରୁଛନ୍ତି । କେତେବେଳେ ଦେଓଗାଁ ଆଡ଼କୁ ନଦୀର ପ୍ରବାହ ବଢୁଥିବାବେଳେ ଆଉ କେତେବେଳେ କଣ୍ଟାପାଳି ଆଡ଼କୁ ପାଣି ବହୁଥିବା ଦେଖିବାକୁ ମିଳୁଛି । ନଦୀର ଏଭଳି ପରିବର୍ତ୍ତିତ ଗତିପଥ ଯୋଗୁଁ ନଦୀକୂଳିଆ ଜନବସତି ପ୍ରତି ବିପଦ ଆଶଙ୍କା କରୁଛନ୍ତି ଗ୍ରାମବାସୀ । ନିଜ ଘରଦ୍ୱାର, ଗାଁ ମାଟି ଓ ପୂର୍ବପୁରୁଷଙ୍କ ଆରାଧନା ପୀଠର ସୁରକ୍ଷାକୁ ନେଇ ସେମାନେ ଚିନ୍ତିତ । ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଗ୍ରାମବାସୀଙ୍କ ନିବେଦନ ହେଉଛି, ତୁରନ୍ତ ନଦୀର ଗତିପଥ ଓ ଜଳପ୍ରବାହର ସ୍ଥିତି ଅନୁଧ୍ୟାନ କରାଯାଉ। ନଦୀର ସ୍ରୋତ ନିୟନ୍ତ୍ରଣ ସହ ମା' ବୁଢ଼ୀ ସମଲେଇଙ୍କ ମନ୍ଦିର ଏବଂ ନଦୀକୂଳିଆ ଜନବସତିର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ। ଏଥିସହ ନଦୀ ମଝିରେ ଜମିଥିବା ମାଟି ଓ ଅନାବନା ଗଛଲତା ହଟାଇ ଜଳପ୍ରବାହକୁ ସ୍ୱାଭାବିକ କରିବାକୁ ମଧ୍ୟ ଦାବି ହେଉଛି । ଯଦି ଠିକ୍ ସମୟରେ ପଦକ୍ଷେପ ନିଆ ନଯାଏ, ତେବେ ଏହି ପ୍ରାଚୀନ ପୀଠ ସହ ଗାଁର ଐତିହ୍ୟ ଓ ସଂସ୍କୃତି ପ୍ରତି ବିପଦ ବଢ଼ିପାରେ ବୋଲି ଆଶଙ୍କା କରୁଛନ୍ତି ସ୍ଥାନୀୟ ବାସିନ୍ଦା। ଏବେ ପ୍ରଶ୍ନ ଉଠୁଛି, ପ୍ରଶାସନ କେବେ ନେବ ପଦକ୍ଷେପ ? କେବେ ସୁରକ୍ଷିତ ହେବ ଦେଓଗାଁ ମଝିଆପଡ଼ା ଓ ମା' ବୁଢ଼ୀ ସମଲେଇଙ୍କ ପ୍ରାଚୀନ ପୀଠ ?

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଟିଟିଲାଗଡ଼, ୧୭।୧୦ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ମିଶ୍ରଙ୍କ ପରଲୋକ ଘଟିଛି। ସ୍ୱର୍ଗତ ଶ୍ରୀମତୀ ମିଶ୍ର କର୍ମମୟ ଜୀବନରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ବେଶ୍ ପରିଚିତ ଥିଲେ। ସେ ବଲାଙ୍ଗିର ଡିଆଇଟି ରୁ ପ୍ରଶିକ୍ଷିକା ଭାବରେ ଅବସର ଗ୍ରହଣ କରିଥିଲେ।ପରିବାର ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଆନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଡ଼ ସନ୍ଦୀପ ମିଶ୍ର ମୁଖାଗ୍ନି ଦେଇଥିବାବେଳେ ପୁତ୍ରବଧୂ ସୁନିତା,ଗାୟତ୍ରୀ,କନ୍ୟା ଦୀପା,ଗୋପା, ସୋମା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି।

ମାଁ ସୁରେଶ୍ୱରୀ, ଭଗବତୀଙ୍କ କାଳରାତ୍ରୀ ବେଶ

● ଅନ୍ଧକାର ବିନାଶ ଓ ଅଭୟ ପ୍ରଦାନର ଦିବ୍ୟସ୍ୱରୂପ

ସୁବର୍ଣ୍ଣପୁର,୧୭।୧୦ (ସଂଚାର ବ୍ୟୁରୋ): ଶାରଦୀୟ ନବରାତ୍ରୀର ସପ୍ତମ ଦିବସରେ ପବିତ୍ର ଦେବଭୂମି ସୁବର୍ଣ୍ଣପୁରର ଆରାଧ୍ୟା ମାଁ ସୁରେଶ୍ୱରୀଙ୍କ ସମେତ ମାଁ ଭଗବତୀ ଓ ମାଁ ଦୁର୍ଗାଦେବୀ କାଳରାତ୍ରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଆଦିଶକ୍ତି ମାଁ ଦୁର୍ଗାଙ୍କ ନବରୂପ ମଧ୍ୟରୁ ସପ୍ତମ ସ୍ୱରୂପ ମାଁ କାଳରାତ୍ରୀ ଶକ୍ତି, ସାହସ ଓ ଅଶୁଭ ଶକ୍ତିର ବିନାଶର ପ୍ରତୀକ। ପୌରାଣିକ ପରମ୍ପରା ଅନୁଯାୟୀ, ମାଁ କାଳରାତ୍ରୀ ଦୁଷ୍ଟଶକ୍ତିର ବିନାଶ ସହ ଭକ୍ତମାନଙ୍କୁ ଅଭୟ ଓ ମଙ୍ଗଳ ପ୍ରଦାନ କରନ୍ତି। ତାଙ୍କୁ 'ଶୁଭଙ୍କରୀ' ମଧ୍ୟ କୁହାଯାଏ। ମାଁ ଙ୍କ ଆରାଧନା ମନରୁ ଭୟ ଓ ଅଜ୍ଞାନ ଦୂର କରି ସତ୍ୟ, ଧର୍ମ ଓ ନ୍ୟାୟର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦିଏ। ନବରାତ୍ରୀର ଏହି ପବିତ୍ର ଅବସରରେ ମାଁ ଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ମନରେ ଗଭୀର ଶ୍ରଦ୍ଧା ଓ ଭକ୍ତିଭାବ ପ୍ରକାଶ ପାଇଛି। ସମାଜରେ ଶାନ୍ତି, ସଦ୍‌ଭାବ ଓ ସମୃଦ୍ଧି ସହ ସମସ୍ତଙ୍କ ମଙ୍ଗଳ କାମନା କରି ଭକ୍ତମାନେ ମାଁ ଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଏବର୍ଷ ଦୁର୍ଗା ପୂଜାର ବଜେଟ ୨୭ଲକ୍ଷ

ସୁବର୍ଣ୍ଣପୁର,୧୭।୧୦ (ସଂଚାର ବ୍ୟୁରୋ): ସୋନପୁର ସହରରେ ଚଳିତବର୍ଷ ବ୍ଲକଛକ ଦୁର୍ଗାପୂଜା କମିଟି ପକ୍ଷରୁ ଏଥର ଅନ୍ୟୂନ ୨୭ଲକ୍ଷ ଟଙ୍କା ର ବଜେଟ ଆକଳନ କରାଯାଇଛି। ଆକର୍ଷଣୀୟ ସାଜସଜ୍ଜା ସହ। ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଏଥର ବଲିଉଡ୍ ସିଙ୍ଗର ଅରୁନିତା କାଞ୍ଜିଲାଲ୍ ଙ୍କ ପ୍ରୋଗ୍ରାମ ଥିବା ଯୋଗୁଁ ଲକ୍ଷାଧିକ ଦର୍ଶକଙ୍କ ଭିଡ ଜମିବା ଆଶାକରାଯାଉଛି। ୧୮ତାରିଖରେ ପାରାୟଣ ଗାୟୀକା ପ୍ରୀତିନନ୍ଦା ମିଶ୍ର ଓ ସହ ଗାୟୀକା ଶୃତିନନ୍ଦା ମିଶ୍ର ଙ୍କ ଦ୍ୱାରା ସୁନ୍ଦରାଷକାଣ୍ଡ ପରିବେଷଣ ହେବାକୁଥିବାବେଳେ ୧୯ତାରିଖରେ ପଦ୍ମମାଧବ ଭଜନ ସଂଧ୍ୟା ଓ ବଡିବିଲ୍ଡିଂ ପ୍ରତିଯୋଗିତା ମିଷ୍ଟର ସୁବର୍ଣ୍ଣପୁର ଅନୁଷ୍ଠିତ ହେବ ଯେଉଁ ଥିରେକି ମିଷ୍ଟର ଏସିଆ ଅମିତ ଭୂୟାଁ ଉପସ୍ଥିତ ରହିବେ। ସେହିପରି ୨୦ତାରିଖରେ ସମ୍ବଲପୁରୀ ଅର୍କେଷ୍ଟ୍ରା ସୁର୍ ମେଲୋଡି ୨୧ତାରିଖରେ ବହୁ ପ୍ରତିକ୍ଷିତ ରାବଣପୋଡି ମହୋତ୍ସବ ଅନୁଷ୍ଠିତ ହେବ ଚଳିତ ବର୍ଷ ରାବଣ ଭୂମିକାରେ ନାଟ୍ୟଶ୍ରୀ ଦେବରାଜ ଛତ୍ରୀଆ ଙ୍କ ଦମଦାର୍ ରାବଣ ଦରବାର ପରିବେଷଣ ହେବ। ୨୨ତାରିଖରେ ଇଣ୍ଡିଏଲ୍ ଆଇଡଲ୍ ଅରୁନିତା କାଞ୍ଜିଲାଲ୍ ଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ନିତିଶ କୁମାର ବାରିକ ଓ ଶିତଲ କୁଶଲ ଓ କଳା, ସଂସ୍କୃତି, ସାହିତ୍ୟ ଓ କ୍ରୀଡାରେ ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କୁ ସଂବର୍ଦ୍ଧିତ କରାଯିବ। ବିଶେଷ କରି ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚକିଟାଲ୍ ର ପର୍ବତାରୋହୀ ସୋନାଲି ଭୋଇ ଙ୍କ ସଫଳତା ଯୋଗୁଁ ସେ ଏବେ ସର୍ବ ଭାରତୀୟ ପର୍ବତାରୋହୀ ଙ୍କ ମଧ୍ୟରେ ଏକ ଚର୍ଚ୍ଚିତ ଚେହେରା ଭାବରେ ଏବେ ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ବୃଦ୍ଧି କରିଥିବା ଯୋଗୁଁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି।

କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ

ରାଜ୍ୟ ସରକାରଙ୍କ ନୀରବତାକୁ ବିରୋଧ କଲା କଂଗ୍ରେସ

ପଟ୍ଟାଙ୍ଗି,୧୭।୧୦ (ସଂଚାର ବ୍ୟୁରୋ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତର ୩ଟି ରାଜସ୍ୱ ଗ୍ରାମରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ କରାଯାଉଥିବା ବେଳେ ରାଜ୍ୟ ସରକାର ନୀରବତା ଅବଲମ୍ବନ କରିବାକୁ କଂଗ୍ରେସ ଦଳ ଘୋର ନିନ୍ଦା ଓ ବିରୋଧ କରିଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ୍‌ଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ତଥା ବିଧାନସଭା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଯୋଗଦେଇ କହିଛନ୍ତି ଯେ, ମାଡ୍ରାସ ପ୍ରେସିଡେନ୍ସି ଅମଳରୁ କୋଟିଆ ଓଡ଼ିଶାରେ ରହିଛି ଏବଂ ଆଗକୁ ମଧ୍ୟ ରହିବ। ଦେଶରେ ଟ୍ରିପୁଲ୍ ଇଞ୍ଜିନ୍ ସରକାର ଚାଲିଥିବା ବେଳେ କେନ୍ଦ୍ର ସରକାରଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ସରକାର ଆନ୍ଧ୍ରକୁ କୋଟିଆ ଯୌତୁକ ଆକାରରେ ଦେବାକୁ ପ୍ରୟାସ କରୁଥିବା ସେ ଅଭିଯୋଗ କରିଛନ୍ତି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସହ ଆଲୋଚନା କରି ତୁରନ୍ତ ଏହି ନିର୍ବାଚନ ବିଜ୍ଞାପନକୁ ବାତିଲ କରିବା ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି; ନଚେତ୍ ଆଗାମୀ ଦିନରେ କଡ଼ା ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

ଉଧାର ଟଙ୍କା ମାଗିବାକୁ ନେଇ ଝଗଡ଼ା

ଦୁଇଟି ମାମଲା ରୁଜୁ, ତଦନ୍ତ ଜାରି

ବୈଶିଙ୍ଗା,୧୭।୧୦ (ସଂଚାର ବ୍ୟୁରୋ): ୨୦୧୯ ମସିହା ସାଧାରଣ ନିର୍ବାଚନ ସମୟରେ ବିଜେପି ପ୍ରାର୍ଥୀ ସନାତନ ବିଜୁଳି ଙ୍କ ସପକ୍ଷରେ ପ୍ରଚାର କରିବା ଆର୍ଥିକ ସହଯୋଗ କରିବା ଆଦି ଘଟଣାରେ ସୀତାକାନ୍ତ ମହାପାତ୍ରଙ୍କ ଅବଦାନ ଅତୁଳନୀୟ ଥିଲା, ମହାପାତ୍ର ବିଜେପି କର୍ମୀ ଉତ୍ସର୍ଗ ବେହେରାଙ୍କ ଜରିଆରେ ସାଢେ ତେର ଲକ୍ଷ ଟଙ୍କା ସନାତନ ବିଜୁଳି ଙ୍କୁ ଦେଇଥିଲେ। ନିର୍ବାଚନ ଜିତିବା ପରେ ସୀତାକାନ୍ତ ବାରମ୍ବାର ସନାତନ ବିଜୁଳି ଙ୍କୁ ଏହି ଟଙ୍କା ମାଗିବା ସହିତ ମଧ୍ୟସ୍ଥି ସାଜିଥିବା ଉତ୍ସର୍ଗ ବେହେରାଙ୍କୁ ମଧ୍ୟ ମାଗି ଚାଲିଥିଲେ। ଆଜି ଅପରାହ୍ନରେ ଏହି ଟଙ୍କା ମାଗିବା ପାଇଁ ସୀତାକାନ୍ତ ବୈଶିଙ୍ଗା ବଜାରରେ ଥିବା ଉତ୍ସର୍ଗ ବେହେରାଙ୍କ ଲୁଗା ଦୋକାନକୁ ଯାଇଥିଲେ। ଉଭୟଙ୍କ ମଧ୍ୟରେ ବହୁ ସମୟ ବଚସା ଝଗଡ଼ାରେ ପରିଣତ ହୋଇଥିଲା। ଏଥିରେ ଆହତ ହୋଇଥିବାର ଅଭିଯୋଗ କରି ଉତ୍ସର୍ଗ ବେହେରା ଙ୍କ ଏତଲା ମୂଳେ ଏକ ମାମଲା ରୁଜୁ ହୋଇଥିବା ବେଳେ ସୀତାକାନ୍ତ ମହାପାତ୍ରଙ୍କ ଅଭିଯୋଗ ମୂଳେ ମଧ୍ୟ ଆଉ ଏକ ମାମଲା ରୁଜୁ ହୋଇ ଥିବା ଜଣାଯାଇଛି। ଏ ବିଷୟରେ ଥାନାଧିକାରୀ ବାବା ଶଙ୍କର ସରାଫ୍ ଙ୍କୁ ଯୋଗାଯୋଗ କରାଯିବା ପରେ ସେ କହିଲେ ଘଟଣାର ସତ୍ୟାସତ୍ୟ ତଦନ୍ତ ଜାରି ରହିଛି। କେସ ନଂ ୫୫୫/୨୦୨୬ ଅଭିଯୋଗକାରୀ ଉତ୍ସର୍ଗ ବେହେରା। ସୀତାକାନ୍ତ ମହାପାତ୍ରଙ୍କ ଅଭିଯୋଗ ବିଚାରାଧିନ ରହିଛି କେସ ନଂ ମିଳିନାହିଁ ଏବିଷୟରେ ବିଧାୟକ ସନାତନ ବିଜୁଳି ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରିନଥିଲେ।

ଭୀମଟିକିରାରେ ଅନ୍ଧାରିବାଞ୍ଜି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ସୁବର୍ଣ୍ଣପୁର,୧୭।୧୦(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଅନ୍ଧାରିବାଞ୍ଜି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆନନ୍ଦ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚିତ୍ତରଞ୍ଜନ ଠାକୁରଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ମହୋତ୍ସବ ରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ତଥା ଶିକ୍ଷା ସହିତ ସାଂସ୍କୃତିକ ଓ ସାହିତ୍ୟିକ ରୁଚିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଧାନ ଶିକ୍ଷକ କୈଳାଶ ସେଟ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭୀମଟିକିରା ସରପଞ୍ଚ ଶ୍ରୀମତୀ ଜେମାଦେଇ ସାହୁ ମୁଖ୍ୟ ଅତିଥି, ଭୀମଟିକିରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର ସାହୁ ମୁଖ୍ୟବକ୍ତା, ସଞ୍ଜାନିତ ଅତିଥି ଭାବେ ଅନ୍ଧାରିବାଞ୍ଜି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଦ୍ୱାରି, ନକୁଳ ଧରୁଆ ସଞ୍ଜାନିତ ଅତିଥିଭାବେ ଉପସ୍ଥିତ ରହି ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ ସୁରଭି କାର୍ଯ୍ୟକ୍ରମ ର ଗୁରୁତ୍ୱ ସମ୍ପର୍କରେ ମତପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି, ଏ.ବି.ଇ.ଓ. ଗଞ୍ଜଲୁ ମିର୍ଦ୍ଧା ଓ ଜଗତ ମଲ୍ଲିକ ସଞ୍ଜାନିତ ଅତିଥି, ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଓ ଶିକ୍ଷାର ଗୁଣାତ୍ମକ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମହୋତ୍ସବ ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଓ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବାରେ ଏକ ଉତ୍କୃଷ୍ଟ ମଞ୍ଚ ଭାବେ ପରିଗଣିତ ହୋଇଥିଲା। ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଗୀତ, ବକ୍ତୃତା, ତର୍କ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ସହ ଉତ୍ସାହିତ କରାଯାଇଥିଲା।

ଦେବୀଙ୍କ ନବରାତ୍ର ପୂଜା ପୁସ୍ତକ ଲୋକାର୍ପଣ ଉତ୍ସବ

ସୁବର୍ଣ୍ଣପୁର,୧୭।୧୦(ସଂଚାର ବ୍ୟୁରୋ): ଶ୍ରୀଦୁର୍ଗା ମନ୍ଦିର, ବୀରମହାରାଜପୁର ଠାରେ ଦୁର୍ଗା ଦେବୀଙ୍କ ନବରାତ୍ର ପୂଜା ମହା ସମାରୋହରେ ଚାଲିଛି।ଏହି ପାର୍ବଣ ମୁହୂର୍ତ୍ତରେ ମନ୍ଦିର ପରିସରରେ ଡ ଦ୍ୱିତୀକୃଷ୍ଣ ପଣ୍ଡା ଙ୍କ ରଚିତ 'ଦେବୀଙ୍କ ନବରାତ୍ର ପୂଜା ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ପୁସ୍ତକରେ ଦେବୀଙ୍କ ଦିବ୍ୟ ସ୍ୱରୂପ ବର୍ଣ୍ଣନା ପ୍ରାଞ୍ଜଳ ଭାବରେ ରହିଛି। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ଆଧ